READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର


ଅନୁସନ୍ଧାନ ପରେ ଖବର



ବର୍ଷ-୬ | ସଂଖ୍ୟା-୩୦ | ୮ - ୧୪ ଅଗଷ୍ଟ, ୨୦୨୨ | ଭୁବନେଶ୍ୱର | Monday Weekly | VOL-6 | ISSUE-30 | 8th - 14th AUGUST, 2022 | BHUBANESWAR | ₹ 5/- (8 Pages)

### ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର-ରାଜ୍ୟ ଟଣାଓଟରା

# ଆବାସ ପ୍ଲସ୍ ପୋର୍ଟାଲ ଖୋଲାଯାଉ : ଧର୍ମେନ୍ଦ୍ର



**ନୂଆଦିଲ୍ଲୀ/ଭୁବନେଶ୍ୱର :** ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ବଜେଟ୍ ଏବଂ ସମୟସୀମା ବୃଦ୍ଧି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେବାକୁ କେନ୍ଦ୍ର ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାର ଗରିବ ଲୋକଙ୍କ ମୁଣ୍ଡ ଉପରେ ପକ୍କା ଘର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ବିଭାଗୀୟ ମନ୍ତ୍ରୀ ଶ୍ରୀ ସିଂହଙ୍କୁ ଭେଟି ଏ ସମ୍ପର୍କୀତ ଏକ ପତ୍ର ପ୍ରଦାନ କରିଛନ୍ତି। ସେ ତାଙ୍କ ସହ ଆଲୋଚନା କରିବା ସହ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆବାସ ପ୍ଲସ ୱିଣ୍ଡୋ ଖୋଲାଯାଇ ରୁରାଲ ହାଉସିଂ ପୋର୍ଟାଲରୁ ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟକୁ ସ୍ୱଚ୍ଛ ଏବଂ ପାରଦର୍ଶୀ ଭାବରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ପରମାନେଟ୍ ୱେଟିଂ ଲିଷ୍ଟକୁ ସ୍ଥାନାନ୍ତର କରାଯାଉ ଏବଂ ଓଡ଼ିଶାକୁ ସୁଯୋଗ ଦିଆଯାଉ। ଏହା ସହ କିପରି ଭାବରେ ଜଣେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ନ ହେବେ ସେ ଦିଗରେ ବ୍ୟାପକ ତଦାରଖ କରିବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । ଆଲୋଚନା ସମୟରେ ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ପ୍ରତିଶ୍ରୁତି ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କୁ ଦେଇଥିବା ପତ୍ରରେ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଦେଶର ଗରିବ, ମହିଳା, ଦିବ୍ୟାଙ୍ଗ, ଏସସି, ଏସଟି, ଓବିସି, ସଂଖ୍ୟାଲଘୁ ଏବଂ ଆର୍ଥିକ ଦୁର୍ବଳ ଦୃଷ୍ଟିରୁ ପଛୁଆ ଲୋକଙ୍କୁ ପକ୍କା ଘର ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା କରାଯାଇଛି। ଏହି ଯୋଜନା ଅନ୍ତର୍ଗତ ୨.୯୫ କୋଟି ଗୃହ ନିର୍ମାଣ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଅତିରିକ୍ତ ୧.୨୫ ଲକ୍ଷ କୋଟି ଟଙ୍କାର ବଜେଟ୍ ଅନୁଦାନ ସହ ୨୦୨୪ ପର୍ଯ୍ୟନ୍ତ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ବର୍ତ୍ତମାନ ଦେଶରେ ୧.୯ କୋଟି ଘର ନିର୍ମାଣ କରାଯାଇଛି । ସେହିପରି ଓଡ଼ିଶାରେ ପ୍ରାୟ ୨୭ ଲକ୍ଷ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ଅଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର କ୍ରିୟାନ୍ୱୟନରେ ବ୍ୟାପକ ଅନିୟମିତତା ଅଭିଯୋଗ ନେଇ ୨୦୨୧ ଓ ୨୦୨୨ ଫେବୃୟାରୀରେ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ହୋଇଥିବା ତଦନ୍ତ ଚିନ୍ତାଜନକ ଥିଲା। ଏହି ତଦନ୍ତ ରିପୋର୍ଟରୁ ଜଣାପଡ଼ିଥିଲା ଯେ ଯୋଗ୍ୟ ➤ ପୃ-୬

### ୧୭ ରାଜ୍ୟରେ ସିୟୁଇଟି ପରୀକ୍ଷା ବିଭ୍ରାଟ, ଲକ୍ଷ ଲକ୍ଷ ପିଲା ହନ୍ତସନ୍ତ !

# ଶେଷ ମୁହୂର୍ତ୍ତରେ ସ୍ଥଗିତ



**ଭୁବନେଶ୍ୱର/ନୂଆଦିଲ୍ଲୀ:** ସିୟୁଇଟି ପରୀକ୍ଷା ସ୍ଥଗିତାଦେଶ ଘଟଣା ସାମ୍ନାକୁ ଆସିବା ପରେ ଦେଶର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସାମ୍ନାକୁ ଆସିଛି। ଭୁବନେଶ୍ୱର-କଟକ ପାହାଳ ସ୍ଥିତ 'ଆପେକ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି' କେନ୍ଦ୍ରରେ ଅଭିଭାବକମାନେ ପରୀକ୍ଷାରେ ବିଳମ୍ବତା ଓ ପରେ ସ୍ଥଗିତାଦେଶକୁ ନେଇ ପାଟିତୁଣ୍ଡ କରିଥିବା ଦେଖାଯାଇଥିଲା। ଏଠାରେ ସିୟୁଇଟି ପରୀକ୍ଷା ଦବାକୁ ଆସିଥିବା ଜଣେ ଛାତ୍ରୀଙ୍କ ବାପା ଅଭିଯୋଗ ଆଣିଛନ୍ତି, 'ଗୁରୁବାର ଅପରାହ୍ନ ୨ଟାରୁ ସ୍ଲଟ-୨ ପରୀକ୍ଷା ହେବାର ଥିଲା। ତେବେ ସନ୍ଧ୍ୟା ୬ ବାଜିବାକୁ ଯାଉଥିଲେ ମଧ୍ୟ ସମ୍ପୃକ୍ତ ପରୀକ୍ଷା କେନ୍ଦ୍ର ତରଫରୁ କୌଣସି ସୂଚନା ଦିଆଯାଇ ନାହିଁ। ପ୍ରାୟ ୨୫ କିଲୋମିଟର ଦୂରରୁ ଝିଅକୁ ନେଇ ପରୀକ୍ଷା କେନ୍ଦ୍ରକୁ ଆସିଛି। ସେ କହିଛନ୍ତି, କେବଳ ମୁଁ ନୁହେଁ; ଶହ ଶହ ପିଲା ଓ ଅଭିଭାବକ ବହୁ ଦୂରରୁ ଏଠାକୁ ଆସିଛନ୍ତି। ଏଠାରେ ଆସି ପହଞ୍ଚିବା ପରେ ପିଲାଙ୍କୁ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ଅନୁମତି ଦିଆଯାଇ ନଥିଲା। ଦୀର୍ଘ ୪ଘଣ୍ଟା ବାହାରେ ଠିଆ ରହିବା ପରେ ଜାଣିବାକୁ ମିଳିଲା ପରୀକ୍ଷା ➤ ପୃ-୬

# ମୋଦିଙ୍କୁ ଭେଟିଲେ ଦିଦି



**ନୂଆଦିଲ୍ଲୀ :** ବିଜେପି ଓ ଟିଏମସି ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ନୂଆଦିଲ୍ଲୀରେ ଥିବା ମୋଦିଙ୍କ ବାସଭବନରେ ପହଞ୍ଚି ମମତା ତାଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବର୍ତ୍ତମାନ ୪ ଦିନିଆ ଦିଲ୍ଲୀ ଗସ୍ତରେ ଥିବା ମମତା ୭ ତାରିଖରେ ନୀତି ଆୟୋଗ ବୈଠକରେ ଯୋଗଦେବେ। ଏହାପୂର୍ବରୁ ସେ ମୋଦିଙ୍କୁ ଭେଟି ରାଜ୍ୟର ବାକି ରହିଥିବା ଜିଏସ୍‌ଟି ବାବାଦ ଅର୍ଥ ଦେବାକୁ ଅନୁରୋଧ କରିଛନ୍ତି। ଏଥିସହ ଆହୁରି ଅନେକ ପ୍ରସଙ୍ଗରେ ଉଭୟ ଆଲୋଚନା କରିଥିବା ଜଣାପଡ଼ିଛି। ତେବେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ମିଳିନାହିଁ। ମୋଦିଙ୍କୁ ଭେଟିବା ପରେ ମମତା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ମମତାଙ୍କ ସହ ଏହା ତାଙ୍କର ପ୍ରଥମ ଭେଟଘାଟ। ମମତା ତାଙ୍କ ବିରୋଧରେ ଯଶୱନ୍ତ ସିହ୍ନାଙ୍କୁ ପ୍ରାର୍ଥୀ କରିଥିଲେ। ହେଲେ ଶ୍ରୀମତୀ ମୁର୍ମୁ ନିର୍ବାଚନରେ ଜିତି ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ ମୋଦି ଓ ମମତାଙ୍କ ଭେଟଘାଟକୁ ରାଜନୀତିକ ପଣ୍ଡିତମାନେ ଅଲଗା ନଜରରେ ମଧ୍ୟ ଦେଖୁଛନ୍ତି। ➤ ପୃ-୬

# ବଢ଼ିଲା ରେପୋ ରେଟ




**ମୁମ୍ବାଇ :** ରେପୋରେଟ୍ ବୃଦ୍ଧି କଲା ଆରବିଆଇ। ଶୁକ୍ରବାର ଆରବିଆଇ ପକ୍ଷରୁ ୫୦ ବେସିସ ପଏଣ୍ଟ ତଥା ୪.୫ ପଏଣ୍ଟକୁ ବୃଦ୍ଧି କରାଯାଛି। ମୁଦ୍ରାସ୍ଫିତି ହାରକୁ ନିୟନ୍ତ୍ରଣ ପାଇଁ ଆରବିଆଇ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଶେଷଥର ପାଇଁ ୨୦୨୦ ମାର୍ଚ୍ଚରେ ଆରବିଆଇ ପକ୍ଷରୁ ରେପୋରେଟ୍ ହ୍ରାସ କରାଯାଥିଲା। ସେତେବେଳେ କୋଭିଡ୍ ଓ ➤ ପୃ-୬

### ଖାଲିଥିବା ପଦବି ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ୨୦୨୧-୨୦୨୩ ପାଇଁ ସରକାରୀ ଚାକିରି ବୟସସୀମା ୩୮କୁ ବୃଦ୍ଧି

**ଭୁବନେଶ୍ୱର:** ରାଜ୍ୟ ସରକାରଙ୍କ ଅଧିନ ବିଭିନ୍ନ କ୍ୟାଡରରେ ଖାଲିଥିବା ପଦବି ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ବନ୍ଧରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧକ୍ଷତା କରି ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର ବିଭିନ୍ନ ସରକାରୀ ପଦବି ନିମନ୍ତେ କମିସନମାନଙ୍କ ମାଧ୍ୟମରେ ହେଉଥିବା ଚୟନ ଓ ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ନିମନ୍ତେ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନ, ଷ୍ଟାଫ୍ ସିଲେକ୍ସନ୍ କମିସନ, ସବ-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିସନ, ପୁଲିସ୍ ରିକ୍ରୁମେଣ୍ଟ ବୋର୍ଡ ଆଦିଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ପଦବିମାନଙ୍କ ପାଇଁ ପରୀକ୍ଷା ଓ ମୂଲ୍ୟାୟନ ସରିଛି ସେସବୁର ଚୟନ ତାଲିକା ନିଯୁକ୍ତି ନିମନ୍ତେ ତୁରନ୍ତ ସଂପୃକ୍ତ ବିଭାଗମାନଙ୍କୁ ସୁପାରିଶ କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ। ବୈଠକର ଆଲୋଚନାରୁ ଜଣାପଡ଼ିଥିଲା ଯେ କୋଭିଡ୍-ପରବର୍ତ୍ତୀ ସ୍ଥିତିରେ ରାଜ୍ୟ ସରକାର ବିଭିନ୍ନ ପଦବି ନିମନ୍ତେ ଦରଖାସ୍ତ ଓ ପରୀକ୍ଷା ଫିସ୍ ଛାଡ କରିଛନ୍ତି। ୨୦୨୧, ୨୦୨୨ ଏବଂ ୨୦୨୩ ଏହି ତିନି ବର୍ଷ ପାଇଁ ସରକାରୀ ଚାକିରି ପ୍ରବେଶ ବୟସ ସୀମା ମଧ୍ୟ ୩୨ରୁ ୩୮କୁ ବୃଦ୍ଧି କରିଛନ୍ତି। ତଦନୁଯାୟୀ ସଂରକ୍ଷିତ ଶ୍ରେଣୀ ଅନ୍ତର୍ଭୁକ୍ତ ବର୍ଗମାନଙ୍କ ପାଇଁ ମଧ୍ୟ ନିୟମ ଅନୁସାରେ ବୟସସୀମା କୋହଳ କରାଯାଇଛି। ସମୀକ୍ଷାରୁ ଜଣାପଡିଥିଲା ଯେ ୨୦୨୧-୨୨ ଏବଂ ଚଳିତ ୨୦୨୨-୨୩ ବର୍ଷରେ ବର୍ତ୍ତମାନ ପର୍ଯ୍ୟନ୍ତ ➤ ପୃ-୬


## ବକ୍ରବାଣୀ



ଦେଖ ଭାଇ ଆଚ୍ଛା ଦିନ ଆଇଲା
ମାନ ମହତକୁ ସବୁ ସାଇଲା
କୁଆଡୁ ଆଇଲା ମାଇପଛଡ଼ା
ଆମ ସମିତିଙ୍କ କଲାରେ ହଡ଼ା
ଅଶୀ କୋଟି ଲୋକ ଭୋକିଲା ଏଠି
ମାଗଣା ରାସନ ଖାଆନ୍ତି ଚାଟି
ମନ କଥା ବସି କହେ ଆମକୁ
ଜିଡିପିକୁ ଛାଡ଼ି ଧରେ ଡିପିକୁ
ଖୁସିରେ ଡିଆଁନ୍ତି କୁଜି ମାଙ୍କଡ଼
ଗିଳନ୍ତି ଓଲୁଅ ଭାବି କାଙ୍କଡ଼।

—— ଟୁଟୁ

# ପାଠାଗାର ବହି କିଣାରେ ଦୁର୍ନୀତିର ଗନ୍ଧ



**ଭୁବନେଶ୍ୱର :** ବିଦ୍ୟାଳୟରେ ଥିବା ପାଠାଗାର ଉନ୍ନତ କରିବା ଓ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଆମ ଭାଷା ସାହିତ୍ୟ ସହ ଯୋଡ଼ିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ, ଓଡ଼ିଶା ସ୍କୁଲ ଏଜୁକେଶନ୍ ପ୍ରୋଗ୍ରାମ ଅଥରିଟି(ଓସେପା) ତରଫରୁ ରାଜ୍ୟର ସମସ୍ତ ବିଦ୍ୟାଳୟକୁ ପ୍ରାୟ ୨୨ କୋଟି ଟଙ୍କାର ପୁସ୍ତକ କ୍ରୟ କରାଯିବାକୁ ରାଜ୍ୟର ପ୍ରତିଷ୍ଠିତ ପୁସ୍ତକ ପ୍ରକାଶକମାନଙ୍କ ଠାରୁ ଗତ ମାର୍ଚ୍ଚ ମାସରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ପ୍ରକ୍ରିୟାରେ ରାଜ୍ୟର ପ୍ରାୟ ୧୪୮ ଜଣ ପ୍ରକାଶକ ଭାଗ ନେଇ ନିଜ ନିଜ ଅନୁଷ୍ଠାନର ବଛାବଛା ପୁସ୍ତକଗୁଡ଼ିକ ଦାଖଲ କରିଥିଲେ। ପ୍ରଥମେ ଏଥିରୁ ୨୮ଟି ସଂସ୍ଥା ଆବଶ୍ୟକୀୟ ନଥିପତ୍ର ଅଭାବରୁ କଟିଗଲା ପରେ ଆଉ ୧୨୦ଟି ସଂସ୍ଥା ଯୋଗ୍ୟ ଭାବେ ରହିଲେ। କିନ୍ତୁ ଓସେପା କର୍ତ୍ତୃପକ୍ଷ ଏହି ପ୍ରକାଶକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୁସ୍ତକ ମଧ୍ୟରୁ ଅସ୍ୱାଭାବିକ ଭାବେ କିଛି ପୁସ୍ତକକୁ ଚୟନ କରିବାରୁ ବିବାଦ ଉଠିଥିଲା। ତେବେ ଏହି ଚୟନ ପ୍ରକ୍ରିୟାକୁ ନେଇ ରାଜ୍ୟର ପ୍ରକାଶକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାରଣ ଅନେକ ଭଲ ବହିକୁ ବାଦ ଦେଇ ଓସେପା କର୍ତ୍ତୃପକ୍ଷ ନିଜ ମନଇଚ୍ଛା ବହି ବାଛି କିଛି ହାତଗଣତି ଅନୁଷ୍ଠାନକୁ କୋଟିକୋଟି ଟଙ୍କାର ୱାର୍କଅର୍ଡ଼ର ଦେଇଥିଲେ। ସବୁଠାରୁ ବଡ଼କଥା ହେଉଛି ଏହି ୱାର୍କଅର୍ଡ଼ରରେ ବିପୁଳ ଅନିୟମିତତା ଦେଖାଦେଇଥିଲା। କେଉଁ ବହିକୁ ଦଶ ହଜାର ଅର୍ଡ଼ର ଦିଆଯାଇଛି ତ ଆଉ କାହାକୁ ସର୍ବନିମ୍ନ ୨୪୮। ଏ କ୍ଷେତ୍ରରେ କି ପ୍ରକାର ନିୟମ ଅବଲମ୍ବନ କରାଯାଇଛି ତାହା କେହି ବୁଝି ପାରୁନାହାନ୍ତି। ହାତଗଣତି କିଛି ପ୍ରକାଶକ ନିଜ ଦ୍ୱାରା ତିଆରି ଏକାଧିକ ପ୍ରକାଶନ ସଂସ୍ଥା ନାଁରେ କୋଟି କୋଟି ଟଙ୍କାର ୱାର୍କ ଅର୍ଡ଼ର ପାଇଥିବା ଅଭିଯୋଗ ହୋଇଛି। ତେବେ ଅନ୍ୟମାନଙ୍କୁ ଅବହେଳା କରାଯିବାକୁ ନେଇ ସନ୍ଦେହ ଉପୁଜିଛି। ପୁସ୍ତକ ଚୟନ ପାଇଁ ଓସେପା କର୍ତ୍ତୃପକ୍ଷ କୌଣସି ଆଇନ୍ ସମ୍ମତ ପ୍ରକ୍ରିୟା କରିନାହାଁନ୍ତି ବୋଲି କିଛି ପ୍ରକାଶକ କହୁଛନ୍ତି। ଏହି ଅନିୟମିତତା ପଛରେ ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଶୁଣାଯାଉଛି ଏହି ବ୍ୟକ୍ତି ➤ ପୃ-୬

# ଦେଶରେ ୪୨% ଲୋକ ଆର୍ଥିକ ଠକାମୀର ଶିକାର




**ନୂଆଦିଲ୍ଲୀ :** ଦେଶ ଏବଂ ଦୁନିଆ ଡିଜିଟାଲକରଣ ଦିଗରେ ଆଗକୁ ବଢୁଛି। ଲୋକେ ଏଥିରୁ ସୁବିଧା ପାଇବା ସହ ଆର୍ଥିକ ଠକାମୀର ଶିକାର ମଧ୍ୟ ହେଉଛନ୍ତି। ଏହିପରି ମାମଲା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ଗତ ତିନି ବର୍ଷରେ ୪୨ ପ୍ରତିଶତ ଗ୍ରାହକ କୌଣସି ନାଁ କୌଣସି ପ୍ରକାରେ ଆର୍ଥିକ ଠକାମୀର ଶିକାର ହୋଇଛନ୍ତି। ତେବେ ଏଥିରୁ ୭୪ ପ୍ରତିଶତ ମାମଲାରେ ଟଙ୍କା ଫେରସ୍ତ ହୋଇପାରି ନାହିଁ। ଲୋକଲ ସର୍କିଲ୍ସ ଦ୍ୱାରା କରାଯାଇଥିବା ଏକ ସର୍ଭେରେ ଏହି ତଥ୍ୟ ସାମନାକୁ ଆସିଛି। ଏଥିରେ ଲୋକଙ୍କୁ ପ୍ରଶ୍ନ କରାଯାଇ ସେମାନଙ୍କ ପରିବାରର କୌଣସି ସଦସ୍ୟଙ୍କ ସହ ଗତ ତିନି ବର୍ଷରେ କୌଣସି ଆର୍ଥିକ ଠକାମୀ ଶିକାର ହୋଇଛନ୍ତି ବୋଲି ପଚରାଯାଇଥିଲା। ଏହାସହ ପରେ ଠକାମୀ ଟଙ୍କା ଫେରି ପାଇଛନ୍ତି ନାଁ ନାହିଁ ସେନେଇ ମଧ୍ୟ ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ୩୮ ପ୍ରତିଶତ ଲୋକେ କହିଥିଲେ ତାଙ୍କ ପରିବାରର ସଦସ୍ୟ କୌଣସି ନାଁ କୌଣସି ପ୍ରକାରେ ଏହାର ଶିକାର ହୋଇଛନ୍ତି। ସର୍ଭେର ୧୦ ପ୍ରତିଶତ ଲୋକେ କହିଥିଲେ, ଠକାମୀ ପରେ ସେମାନେ ଅଭିଯୋଗ କରିଥଇଲେ। ଏହାପରେ ସେମାନେ ନିଜର ଟଙ୍କା ଫେରସ୍ତ ପାଇଥିଲେ। ଅନ୍ୟପଟେ ୭୪ ପ୍ରତିଶତ ଲୋକେ କୌଣିସ ସମାଧାନ ମିଳି ନଥିବା ସେ କହିଛନ୍ତି। ଅନ୍ୟପଟେ ୩୬ ପ୍ରତିଶତ ଲୋକେ କହିଥିଲେ, ତାଙ୍କ ମାମଲା ଏବେ ବି ପଡି ରହିଛି। ➤ ପୃ-୬




# 'ରାଜ୍ୟର ଆର୍ଥିକ ଅନିୟମିତତା ସମଗ୍ର ଭାରତବର୍ଷରେ ବିରଳ'



**ଭୁବନେଶ୍ୱର :** ସଦ୍ୟ ପ୍ରକାଶିତ ସିଏଜି ରିପୋର୍ଟରୁ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଏବଂ ଅପରାଧିକ ଆର୍ଥିକ ଅନିୟମିତତା ପଦାରେ ପଡିଛି। ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ରହି ରାଜ୍ୟ ସରକାର ଯେଉଁ ଭଳି ଭାବେ ଆର୍ଥିକ ଅନିୟମିତତା କରିଛନ୍ତି, ତାହା କେବଳ ଓଡିଶାରେ ନୁହେଁ ବରଂ ସମଗ୍ର ଭାରତବର୍ଷରେ ବିରଳ ବୋଲି ରାଜ୍ୟ ଉପ ସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ସିଏଜି ରିପୋର୍ଟ ପ୍ରସଙ୍ଗରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସମୁଦାୟ ୩୯ଟି ବିଭାଗ ମଧ୍ୟରୁ ରାଜ୍ୟର ଅର୍ଥନୀତିକୁ ନିୟନ୍ତ୍ରଣ କରୁଥିବା ମୁଖ୍ୟ ୧୨ଟି ବିଭାଗରୁ ଜଙ୍ଗଲ, ପୂର୍ତ୍ତ ଏବଂ ଜଳସେଚନ ୩ଟି ବିଭାଗକୁ ନେଇ ସିଏଜି ତାଙ୍କ ରିପୋର୍ଟରେ ବିସ୍ତୃତ ଉଲ୍ଲେଖ କରିଛନ୍ତି। ଅତୀତରେ ସିଏଜିଙ୍କ ବାରମ୍ବାର ବାରଣ କରିବା ସତ୍ତ୍ୱେ ରାଜ୍ୟ ସରକାର ବାରମ୍ବାର ଭୁଲକୁ ଦୋହରାଇବା; ଆଇନକାନୁନ ଓ ନିୟମ ଉଲ୍ଲଂଘନ କରାଯିବା; ଧାର୍ଯ୍ୟ ବଜେଟରୁ ଅଧିକ ଖର୍ଚ୍ଚ କରିବା, ଶାସନ ବ୍ୟବସ୍ଥା ଓ ପ୍ଲାନିଂର ଘୋର ଅଭାବ କାରଣରୁ ବ୍ୟାପକ ମାତ୍ରାରେ ରାଜସ୍ୱ କ୍ଷତି ହୋଇଛି ବୋଲି ସିଏଜି ନିଜ ରିପୋର୍ଟରେ ସିଧାସଳଖ ଉଲ୍ଲେଖ କରିଛନ୍ତି। ମନଇଚ୍ଛା ଏବଂ ମନ୍ଦ ଉଦ୍ଦେଶ୍ୟ ରଖିଥିବା ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନକରିବା କାରଣରୁ ୧୬୧୦ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି। ସିଏଜି ଭଳି ଏକ ସାମ୍ବିଧାନିକ ଅନୁଷ୍ଠାନ ପ୍ରତି ରାଜ୍ୟ ସରକାରଙ୍କ ସାମାନ୍ୟତମ ସମ୍ମାନ ନାହିଁ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ୧୯୮୪ ମସିହାରୁ ଜୁନ ୨୦୨୦ ମସିହା ସୁଦ୍ଧା ସିଏଜିଙ୍କ ଦ୍ୱାରା ୩୪୭୩ଟି ଅଭିଯୋଗ ସମାଧାନ ହୋଇନାହିଁ। ଏଥି ମଧ୍ୟରୁ କେବଳ ଗତ ୨୨ ବର୍ଷରେ ୩୨୩୨ଟି ଅଭିଯୋଗର ସମାଧାନ କରିନାହାନ୍ତି। ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ୧୩୨୮ଟି ଅଭିଯୋଗର ବିଚାର ହୋଇନପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ମୋଦି ସରକାର କାଂପା ପାଂଠି ଜରିଆରେ ବ୍ୟାପକ ଅର୍ଥ ଓଡିଶା ରାଜ୍ୟକୁ ପ୍ରଦାନ କରିଛନ୍ତି । ଏହି ପାଂଠିର ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରାଯାଇ ପାରିବ ନାହିଁ। ଏହା ସତ୍ତ୍ୱେ ସମସ୍ତ ନିୟମ ଓ ଆଇନକୁ ଜଳାଞ୍ଜଳୀ ଦେଇ ଏହି ପାଂଠିରୁ ୨୨୫.୮୪ କୋଟି ଟଙ୍କା ଅର୍ଥକୁ ଅନ୍ୟତ୍ର ଖର୍ଚ୍ଚ କରିଛନ୍ତି ଏବଂ ଏହା ଦ୍ୱାରା ରାଜ୍ୟ ସରକାର ଦଣ୍ଡନୀୟ ଅପରାଧ କରିଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ରାଜ୍ୟ ସରକାରଙ୍କ ଅପାରଗତା ଏବଂ ୟୁସି (ବିନିଯୋଗ ପତ୍ର) ଦାଖଲ କରୁନଥିବା କାରଣରୁ କେନ୍ଦ୍ରୀୟ ଅନୁଦାନ ଖର୍ଚ୍ଚ ହୋଇନପାରି ଫେରି ଯାଉଛି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର


## କେମିତି କଟିବ ଏ ସପ୍ତାହ

**ମେଷ** : ପେଟ ଓ ଅଣ୍ଟାରେ କଷ୍ଟ ହୋଇପାରେ। ନୂଆ ବ୍ୟବସାୟ ଆରମ୍ଭ କରିପାରନ୍ତି। ପିତାମାତାଙ୍କ ସହଯୋଗ ପାଇବେ। କାର୍ଯ୍ୟ କ୍ଷେତ୍ର ସଫଳତା ପାଇବେ। ବାଣୀରେ ଲଗାମ ଦିଅନ୍ତୁ।ପ୍ରତିକାର : ତମ୍ବା ପାତ୍ରରେ ପ୍ରତିଦିନ ଶିବଙ୍କୁ ଜଳାଭିଷେକ କରନ୍ତୁ।

**ବୃଷ** : ଆଖିରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉତ୍ତମ ଫଳ ମିଳିବ। ଭାଇ ବା ଭଉଣୀଙ୍କ ସମ୍ବନ୍ଧୀୟ କୌଣସି ସମ୍ବାଦ ପାଇପାରନ୍ତି। ଛାତ୍ରମାନଙ୍କ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ। ପ୍ରେମୀମାନଙ୍କୁ ମିଶ୍ରିତ ଫଳ ମିଳିବ। ପ୍ରତିକାର : ବଜରଙ୍ଗୀ ବାଣ ପାଠ କରନ୍ତୁ।

**ମିଥୁନ** : ସ୍ୱାସ୍ଥ୍ୟ ସାମାନ୍ୟ ରହିବ। ବ୍ୟବସାୟ ଗତ ତଥ୍ୟ ଗୁପ୍ତ ରଖନ୍ତୁ। ପରିବାରର ଛୋଟ ପିଲାମାନେ ମାର୍ଗଦର୍ଶନ କରିପାରନ୍ତି। ପ୍ରେମୀମାନେ ନିକଟତର ହୋଇପାରନ୍ତି। ପ୍ରତିକାର : ଛୋଟ ଝିଅପିଲାଙ୍କୁ ମିଠା ଖୁଆନ୍ତୁ।

**କର୍କଟ** : ଋତୁ ପରିବର୍ତ୍ତନ ସମ୍ବନ୍ଧୀୟ ଶାରୀରିକ ସମସ୍ୟା ହୋଇପାରେ। ଆୟ ବ୍ୟୟରେ ବୃଦ୍ଧି ପାଇପାରେ। ମନ ଅସ୍ଥିର ରହିବ। ମକଦ୍ଦମାରେ ଜିତିପାରନ୍ତି। ପ୍ରତିକାର : ଭଗବାନ ଶିବଙ୍କୁ କ୍ଷୀରରେ ଅଭିଷେକ କରନ୍ତୁ।

**ସିଂହ** : ଦୁର୍ଘଟଣାର ସମ୍ଭାବନା ଅଛି। କାର୍ଯ୍ୟ କ୍ଷେତ୍ରରେ ସତର୍କ ରହନ୍ତୁ। ଛାତ୍ରମାନେ ପାଠ ସହିତ ଅନ୍ୟ କାର୍ଯ୍ୟରେ ସଫଳତା ପାଇବେ। ପରିବାର ଓ ବନ୍ଧୁଙ୍କ ସହ କଳହ ହୋଇପାରେ। ପ୍ରତିକାର : ଭଗବାନ ଗଣେଶଙ୍କୁ ଦୁବର ମାଳ ଦିଅନ୍ତୁ।

**କନ୍ୟା** : ତନ୍ତ୍ରୀ ଜନିତ ରୋଗ ହୋଇପାରେ। ପ୍ରିୟଜନଙ୍କୁ କଠୋର ଶବ୍ଦ ବ୍ୟବହାର କରନ୍ତୁ ନାହିଁ। ବ୍ୟୟରେ ବୃଦ୍ଧି ହୋଇପାରେ। ପ୍ରେମୀମାନେ ସମ୍ପର୍କ ରକ୍ଷା ପାଇଁ ସତର୍କ ରହନ୍ତୁ। ପ୍ରତିକାର : ମୁଗ ଡାଲିର ହାଲୁଆ ଦରିଦ୍ରଙ୍କୁ ବାଣ୍ଟନ୍ତୁ।

**ତୁଳା** : ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବ୍ୟୟ ଉପରେ ଲଗାମ ଦିଅନ୍ତୁ। ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ତଡାନା ସହିପାରନ୍ତି। ତର୍କ କରନ୍ତୁ ନାହିଁ। ପରିବାରର ସହଯୋଗ ପାଇବେ। ପ୍ରତିକାର : ଦୁର୍ଗା ଚାଳିଶା ପାଠ କରନ୍ତୁ।

**ବିଛା** : ମାନସିକ ଅସ୍ଥିରତା ଯୋଗୁ ଶରୀର ଶିଥିଳ ରହିବ। ଧନପ୍ରାପ୍ତିର ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ଗାଡି ଚଳାଇବା ବେଳେ ସତର୍କ ରହନ୍ତୁ। ପ୍ରତିକାର : ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ପାଠ କରନ୍ତୁ।

**ଧନୁ** : ଶରୀରର ଦୃଢ଼ ସୁରକ୍ଷା ତନ୍ତ୍ର ଆପଣଙ୍କୁ ସୁରକ୍ଷିତ ରଖିବ। ସ୍ୱଳ୍ପ ଅବଧି ବ୍ୟବସାୟ କରନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ଅସଫଳତା କଷ୍ଟ ହୋଇପାରେ। ପ୍ରତିକାର : ଶନିବାର ଦିନ ବରଗଛ ମୂଳରେ ଜଳ ଓ ଦୀପ ଦାନ କରନ୍ତୁ।

**ମକର** : ରକ୍ତଚାପ ରୋଗ ହୋଇପାରେ। ସନ୍ତାନର ବ୍ୟବହାର ବ୍ୟଥିତ କରିବ। ବନ୍ଧୁଙ୍କ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ। ପ୍ରତିକାର : ଶନିବାର ଦିନ ଶନିଦେବଙ୍କୁ ଦୀପ ଦାନ କରନ୍ତୁ।

**କୁମ୍ଭ** : ଋଣ ପରିଶୋଧ କରିବେ। ଆର୍ଥିକ ଲାଭ ଓ ସହଯୋଗ ପାଇବେ। କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ। ସନ୍ତାନଙ୍କ ସଫଳତାରେ ଖୁସିହେବେ। ଅନ୍ୟକୁ ସହଜରେ ବିଶ୍ୱାସ କରନ୍ତୁ ନାହିଁ। ପ୍ରତିକାର : ପକ୍ଷୀଙ୍କୁ ଦାନା ଦିଅନ୍ତୁ।

**ମୀନ** : ଶୀଘ୍ର ଲାଭ ଆଶା ଆପଣଙ୍କୁ କଷ୍ଟରେ ପକାଇପାରେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ପାଇଁ ଅପେକ୍ଷା କରିବାକୁ ପଡିବ। ଚାକିରି ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ଅହଙ୍କାରୀ ହୁଅନ୍ତୁ ନାହିଁ। ପ୍ରତିକାର : ଭଗବାନ ଶ୍ରୀହରିଙ୍କ ଦୀପ ଦାନ ଓ ଦରିଦ୍ରଙ୍କୁ ପ୍ରସାଦ ବଣ୍ଟନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ମାଗଣା ଯୋଜନାରେ ଲାଗିବ ରୋକ୍


# କମିଟି ଗଠନ ସପକ୍ଷରେ ସୁପ୍ରିମ୍‌କୋର୍ଟ

**ନୂଆଦିଲ୍ଲୀ :** ନିର୍ବାଚନ ପୂର୍ବରୁ ରାବଡି ପ୍ରଥା ବା ମାଗଣା ଯୋଜନା ଉପରେ ଲାଗିବ ରୋକ୍। ଏହି ପ୍ରଥାକୁ ବନ୍ଦ କରିବା ପାଇଁ ସୁପ୍ରିମକୋର୍ଟ କଡା ଅଭିମୁଖ୍ୟ ଗ୍ରହଣ କରିଛନ୍ତି। ନିର୍ବାଚନ ଆସିଲେ ସବୁ ନେତା ମନ୍ତ୍ରୀ ଭୋଟର୍ଙ୍କୁ ଆକୃଷ୍ଟ କରିବା ପାଇଁ ପୁଳା ପୁଳା ମାଗଣା ପ୍ରତିଶ୍ରୁତି ଦିଅନ୍ତି। ଏହାକୁ ସାଧାରଣ ଭାଷାରେ 'ରାବଡି ପ୍ରଥା' କୁହାଯାଏ। ତେବେ ଏହି ପ୍ରଥାକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ଓ ଏହା ଉପରେ କିଭଳି ରୋକ୍ ଲଗାଯାଇପାରିବ ସେ ନେଇ କେନ୍ଦ୍ର ସରକାରଙ୍କଠୁ ପରାମର୍ଶ ଲୋଡିଛନ୍ତି ସର୍ବୋଚ୍ଚ ଅଦାଲତ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ନିର୍ବାଚନ କମିଶନ ଓ ସରକାର ଏଥିରୁ ହାତ ଝାଡି ପାରିବେ ନାହିଁ। ସେମାନେ କିଛି କରିପାରିବେ ନାହିଁ ବୋଲି ମଧ୍ୟ କହିପାରିବେ ନାହିଁ। ସରକାର ଓ ନିର୍ବାଚନ ଆୟୋଗ ମିଶି ଏହି ମାଗଣା ଯୋଜନା ଉପରେ



ରୋକ ଲଗାଇବା ପାଇଁ ବିଚାର କରନ୍ତୁ। ଏଥିପାଇଁ ଏକ କମିଟି ଗଠନ କରାଯିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି କମିଟିରେ ନୀତି ଆୟୋଗ, ଅର୍ଥ କମିଶନ୍, ଶାସକ ଓ ବିରୋଧୀ ଦଳ, ରିଜର୍ଭ ବ୍ୟାଙ୍କ୍ ଏବଂ ନିର୍ବାଚନରେ ସାମିଲ ହେଉଥିବା ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକର ସଦସ୍ୟମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ମଧ୍ୟ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ନିର୍ବାଚନ ସମୟରେ ରାଜନୈତିକ ଦଳମାନେ ବିଭିନ୍ନ ସାମଗ୍ରୀ ମାଗଣାରେ ଦେବେ ବୋଲି ଦେଉଥିବା ପ୍ରତିଶ୍ରୁତିକୁ ବିରୋଧ କରି ଆବେଦନ ହୋଇଥିବା ପିଟିସନ୍ର ଶୁଣାଣି ବେଳେ କୋର୍ଟ ଏହା କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନ୍ନାଙ୍କ ନେତୃତ୍ୱାଧୀନ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ମାଗଣା ସାମଗ୍ରୀ ଯୋଗାଣ ଅର୍ଥନୀତି ଉପରେ ପ୍ରଭାବ ପକାଉଥିବାରୁ ଉକ୍ତ କମିଟି ଏହାର ସପକ୍ଷ ଓ ବିପକ୍ଷରେ ମତ ଉପସ୍ଥାପନ କରିବା ଆବଶ୍ୟକ। ମାଗଣା ସାମଗ୍ରୀ ବଣ୍ଟନକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ତାହା ପ୍ରସ୍ତାବିତ କମିଟି ପରୀକ୍ଷାନିରୀକ୍ଷା କରି କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ସୁପ୍ରିମ୍ କୋର୍ଟଙ୍କୁ ରିପୋର୍ଟ ଦେବେ। ବିଶେଷଜ୍ଞ କମିଟି ଗଠନ ସଂକ୍ରାନ୍ତରେ ୭ ଦିନ ମଧ୍ୟରେ ପ୍ରସ୍ତାବ ଦାଖଲ କରିବା ଲାଗି କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଆବେଦନକାରୀ ଓକିଲଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ନିର୍ବାଚନ କମିଶନଙ୍କ ନିଷ୍କ୍ରିୟତା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଛି। ଏହି ମାଗଣା ଯୋଜନା ସିଧାସଳଖ ଦେଶର ଅର୍ଥବ୍ୟବସ୍ଥା ଉପରେ ପ୍ରଭାବ ପକାଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହାର ଉତ୍ତରରେ ନିର୍ବାଚନ କମିଶନ କୋର୍ଟଙ୍କୁ ଦୋଷ ଦେଇଛନ୍ତି। ମାଗଣା ଯୋଜନାରେ କୋର୍ଟ ଦେଇଥିବା ରାୟ ଯୋଗୁ ଆମ ହାତ ବନ୍ଧା ହୋଇ ରହିଛି। ଏକଥା ଶୁଣି ତିନି ଜଣିଆ ଖଣ୍ଡପୀଠ କହିଛନ୍ତି, 'ଯଦି ଦରକାର ପଡେ ଆମେ ରାୟରେ ପରିବର୍ତ୍ତନ କରିବାକୁ ରାଜି।' ଆସନ୍ତା ଅଗଷ୍ଟ ୧୧ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଜଷ୍ଟିସ ଲଳିତ ହେବେ ଭାରତର ପ୍ରଧାନ ବିଚାରପତି



**ନୂଆଦିଲ୍ଲୀ :** ଜଷ୍ଟିସ୍ ଉଦୟ ଉମେଶ ଲଳିତ ହେବେ ପରବର୍ତ୍ତୀ ପ୍ରଧାନ ବିଚାରପତି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ୍‌ଭି ରମନ୍ନା ଜଷ୍ଟିସ ଲଳିତଙ୍କ ନାଁ ସୁପାରିଶ କରିଛନ୍ତି। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ଏକ ସରକାରୀ ଚିଠି ପାଇବା ପରେ ବର୍ତ୍ତମାନ ପ୍ରଧାନ ବିଚାରପତି ରାମନ୍ନା ତାଙ୍କ ଉତ୍ତରାଧିକାରୀ ଭାବେ ଜଷ୍ଟିସ ଲଳିତଙ୍କ ନାମ ସୁପାରିଶ କରିଛନ୍ତି। ଜଷ୍ଟିସ ଏନ୍‌ଭି ରମନ୍ନା ଗତବର୍ଷ ଏପ୍ରିଲ ୨୪ ତାରିଖରେ ଦେଶର ୪୮ତମ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ତାଙ୍କ ପୂର୍ବ ଜଷ୍ଟିସ୍ ଏସ୍‌ଏ ବୋବଡେଙ୍କ ସ୍ଥାନ ନେଇଥିଲେ। ଜଷ୍ଟିସ ଏନ୍ଭି ରମନ୍ନା ୧୬ ମାସ ପରେ ୨୬ ଅଗଷ୍ଟରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଦାୟିତ୍ୱରୁ ଅବସର ନେବାକୁ ଯାଉଛନ୍ତି। ଜଷ୍ଟିସ୍ ଲଳିତ ଅଗଷ୍ଟ ୨୭ରେ ଦେଶର ୪୯ତମ ସିଜଆଇ ଭାବରେ ଶପଥ ଗ୍ରହଣ କରିବେ। କହିରଖୁ କି ଜଷ୍ଟିସ ଲଳିତ ମୁସଲମାନ ସଂପ୍ରଦାୟର ତିନ୍ ତଲାକ ଭଳି ପ୍ରଥା ଉପରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହ ଅନେକ ଐତିହାସିକ ରାୟ ଦେଇ ଚର୍ଚ୍ଚାରେ ଥିଲେ। ୟୁ ୟୁ ଲଳିତ ଏଭଳି ଦ୍ୱିତୀୟ ମୁଖ୍ୟ ବିଚାରପତି ହେବାକୁ ଯାଉଛନ୍ତି ଯେ କି ସୁପ୍ରିମକୋର୍ଟ ବାରରୁ ସିଧା ସଳଖ ପଦୋନ୍ନତି ପାଇ ମୁଖ୍ୟ ବିଚାରପତି ହେବାକୁ ଯାଉଛନ୍ତି। ଜଷ୍ଟିସ ଲଳିତଙ୍କୁ ୨୦୧୪ ଅଗଷ୍ଟ ୧୩ ତାରିଖରେ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା। ସିଜେଇ ଭାବରେ ଜଷ୍ଟିସ ଲଳିତଙ୍କ କାର୍ଯ୍ୟକାଳ ମାତ୍ର ୭୪ଦିନ ହେବ। ସିଜେଇଆଇ ଭାବରେ ଜଷ୍ଟିସ୍ ଚନ୍ଦ୍ରଚୁଡ, ଜଷ୍ଟିସ୍ କୌଲ୍, ଜଷ୍ଟିସ୍ ନାଜିର ଏବଂ ଜଷ୍ଟିସ୍ ଇନ୍ଦିରା ବାନାର୍ଜୀଙ୍କୁ ନେଇ ଗଠିତ କଲେଜିୟମର ନେତୃତ୍ୱ ନେବେ ଜଷ୍ଟିସ୍ ଲଳିତ। ସେପ୍ଟେମ୍ବର ୨୩ରେ ଜଷ୍ଟିସ ବାନାର୍ଜୀଙ୍କ ଅବସର ନେବା ପରେ ଜଷ୍ଟିସ କେଏମ ଜୋସେଫ କଲେଜିୟମରେ ପ୍ରବେଶ କରିବେ। ଜଷ୍ଟିସ ଲଳିତ ନଭେମ୍ବର ୮ରେ ସିଜେଇ ପଦରୁ ଅବସର ନେବେ। ଏହା ପରେ ଜଷ୍ଟିସ ଚନ୍ଦ୍ରଚୂଡଙ୍କୁ ୫୦ତମ ପ୍ରଧାନ ବିଚାରପତି ଭାବରେ ନିଯୁକ୍ତ କରାଯିବ। ଜଷ୍ଟିସ୍ ରାମନ୍ନା ଆଜି ତାଙ୍କ ଉତ୍ତରାଧିକାରୀ ଜଷ୍ଟିସ୍ ୟୁୟୁ ଲଳିତଙ୍କ ନାଁକୁ ପରବର୍ତ୍ତୀ ସିଜେଇଆଇ ଭାବରେ ସୁପାରିଶ ପାଇଁ ପଠାଇଛନ୍ତି। ଜଷ୍ଟିସ ଲଳିତ ଦେଶର ୪୯ମ ପ୍ରଧାନ ବିଚାରପତି ହେବେ। ସୁପ୍ରିମକୋର୍ଟରେ ପରମ୍ପରା ମୁତାବକ ଅବସର ନେବାକୁ ଥିବା ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଆଗାମୀ ପ୍ରଧାନ ବିଚାରପତିଙ୍କ ନାଁ ସୁପାରିଶ କରିଥା'ନ୍ତି।

## ପାର୍ବଣ ଋତୁ ପୂର୍ବରୁ ଶସ୍ତା ହୋଇପାରେ ଖାଇବା ତେଲ

**ନୂଆଦିଲ୍ଲୀ :** ଆଗକୁ ଦେଶରେ ପାର୍ବଣ ଋତୁ। ଏଣୁ ସରକାର ଖାଉଟିଙ୍କ ଲାଗି ଖାଦ୍ୟ ତୈଳ ଶସ୍ତା କରିପାରନ୍ତି। ଦେଶରେ ଖାଦ୍ୟ ତୈଳ ସମୀକ୍ଷା ଲାଗି ଖାଦ୍ୟ ଶଚିବ ଗୁରୁବାର କମ୍ପାନୀମାନଙ୍କ ସହିତ ବୈଠକ କରିଛନ୍ତି। ଏଥିରେ କମ୍ପାନୀମାନଙ୍କୁ ଲିଟର ପିଛା ଅନୁନ୍ୟ ୧୦ ଟଙ୍କା ହ୍ରାସ କରନ୍ତୁ ବୋଲି କୁହାଯାଇଛି। ଯଦି କମ୍ପାନୀମାନେ ସରକାରଙ୍କ ପ୍ରସ୍ତାବ ଗ୍ରହଣ କରନ୍ତି ପାର୍ବଣ ଋତୁରେ ଲୋକଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ। ଗତ କିଛିମାସ ହେଲା ଖାଦ୍ୟ ତୈଳ ଦର ଲଗାତାର ବଢି ରହିଛି। ତେବେ ପାର୍ବଣ ଋତୁରେ ଶସ୍ତା ହେବା ବାସ୍ତବିକ ଉତ୍ସାହଜନକ। ସରକାର ଯଦି ଖାଦ୍ୟ ତୈଳ ଦର ଶସ୍ତା କରିବାରେ ସଫଳ ହୁଅନ୍ତି ତେବେ ମୂଲ୍ୟବୃଦ୍ଧି କିଛିମାତ୍ରାରେ ନିୟନ୍ତ୍ରିତ ହେବ ବୋଲି ଆଶା କରାଯାଉଛି। ମୂଲ୍ୟବୃଦ୍ଧି ପ୍ରସଙ୍ଗ ଏବେ ସଂସଦରେ ମଧ୍ୟ ଉଠିଛି।

## ଅକ୍ଟୋବରରୁ ଦେଶରେ ୫ଜି ନେଟ୍‌ୱର୍କ

**ନୂଆଦିଲ୍ଲୀ :** ଆସନ୍ତା ଅକ୍ଟୋବରରୁ ଦେଶରେ ଆରମ୍ଭ ହେବ ୫ଜି ମୋବାଇଲ ସେବା। ସେହିପରି ବିଶ୍ୱ ତୁଳନାରେ ଭାରତର ଲୋକଙ୍କୁ ଶସ୍ତା ଦାମରେ ସେବା ଯୋଗାଇ ଦିଆଯିବ ବୋଲି ଆଜି କେନ୍ଦ୍ର ଟେଲିକମ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଟେଲିକମ କ୍ଷେତ୍ରକୁ ଆବଶ୍ୟକ ସାରଞ୍ଜାମ ସାରା ଦେଶରେ ଲଗାଇବା ପାଇଁ ପୂର୍ବରୁ କହିଥିଲୁ। ସେହିପରି ୫ଜି ସ୍ପେକ୍ଟ୍ରମର ନିଲାମୀ ମଧ୍ୟ ଶେଷ ହୋଇଛି। ଆଜି ଆମ କମିଟି ବୈଠକ କରି ସ୍ପେକ୍ଟ୍ରମ ଆବଣ୍ଟନ ବଣ୍ଟନକୁ ଅନୁମତି ଦେବା ପ୍ରକ୍ରିୟା ଆରମ୍ଭ କରିଛି। ସମ୍ଭବତଃ ଅଗଷ୍ଟ ୧୦ ସୁଦ୍ଧା ସ୍ପେକ୍ଟ୍ରମ ଆବଣ୍ଟନ ହୋଇଯିବ। ଏହାପରେ ଅକ୍ଟୋବର ମାସରୁ ଆମେ ୫ଜି ସେବା ବିଧିବଦ୍ଧ ଭାବେ ଆରମ୍ଭ କରିପାରିବୁ। ବର୍ତ୍ତମାନ ଭାରତୀୟ ଟେଲିକମ




ସେବା ଅତ୍ୟନ୍ତ ଶସ୍ତାରେ ସମସ୍ତଙ୍କ ପାଇଁ ଉପଲବ୍ଧ ହେଉଛି। ଆମର ଆଶା ୫ଜିରେ ମଧ୍ୟ ସେହି ଧାରା ଜାରି ରହିବ। ୫ଜିର ବିକିରଣ ସମ୍ପର୍କରେ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଆମେରିକା ଓ ୟୁରୋପ ତୁଳନାରେ ଭାରତରେ ଆରମ୍ଭ ହେବାକୁ ଥିବା ୫ଜି ନେଟ୍‌ୱର୍କର ବିକିରଣ ୧୦ ଗୁଣା କମ। ସେ ଆହୁରି କହିଛନ୍ତି, କମ ବିକିରଣର ଅର୍ଥ ଆମେ ଉତ୍ତମ ଗୁଣବତ୍ତାର ସେବା ଯୋଗାଇ ପାରିବୁ। ଆମେ ଗୋଟିଏ ସୁରକ୍ଷିତ ପରିବେଶ ସୃଷ୍ଟି କରିପାରିବା। ସେବା ଆରମ୍ଭ ହେବା ପରେ ୫ଜି ହ୍ୟାଣ୍ଡସେଟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବ। ଆମେ ସର୍ବାଧିକ ମୋବାଇଲ ଉତ୍ପାଦନ କରୁଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛୁ। ଭାରତରେ ତିଆରି ହେଉଥିବା ୨୦ରୁ ୩୦% ମୋବାଇଲ ଏବେ ୫ଜି ନେଟ୍‌ୱର୍କକୁ ପରିଚାଳନା କରିପାରିବାର କ୍ଷମତା ରଖିଛି। ୫ଜି ମୋବାଇଲର ଦାମ ପ୍ରତି ବର୍ଷ ହ୍ରାସ ପାଉଛି। ପ୍ରାୟ ବର୍ଷକ ମଧ୍ୟରେ ସବୁ ଫୋନ ୫ଜି ହୋଇଯାଇଥିବ।

## ଖାଦ୍ୟ ପାଇଁ ଭାରତ ଉପରେ ଦୁନିଆର ନଜର

### ଗହମ ପରେ ଏବେ ଚାଉଳ କରିପାରେ ହଇରାଣ


**ନୂଆଦିଲ୍ଲୀ :** ଗହମ ରପ୍ତାନୀ ଉପରେ ଭାରତ ସରକାରଙ୍କ ରୋକ୍ ପରେ ଦୁନିଆର ବଡ ଭାଗରେ ଖାଦ୍ୟ ସଙ୍କଟ ଦେଖିବାକୁ ମିଳିଛି। ଏବେ ଚାଉଳକୁ ନେଇ ମଧ୍ୟ ଦୁନିଆକୁ ବଡ ଆହ୍ୱାନର ସାମ୍ନା କରିବାକୁ ପଡିପାରେ। ଭାରତ ଦୁନିଆର ସବୁଠୁ ବଡ ଚାଉଳ ରପ୍ତାନକାରୀ ଦେଶ। ଏଥର ଅନିୟମିତ ବର୍ଷା କାରଣରୁ ଧାନ ଚାଷ ପ୍ରଭାବିତ ହୋଇଛି। ଏଥିରେ ଧାନ ଉତ୍ପାଦନ କମ ହେବାର ଆଶଙ୍କା ଦେଖା ଦେଇଛି। ଦରବୃଦ୍ଧି ଏବଂ ଖାଦ୍ୟ ସଙ୍କଟ ମଧ୍ୟରେ ଧାନର ଉତ୍ପାଦନ ହ୍ରାସ ଘଟିବା ଏକ ବଡ ସମସ୍ୟା ସୃଷ୍ଟି କରିପାରେ। କମ ବର୍ଷା କାରଣରୁ ଏଥର ଧାନ ଫସଲରେ ୧୩ ପ୍ରତିଶତ କମ ଦେଖିବାକୁ ମିଳିଛି। ଦେଶର ମୋଟ୍ ଉତ୍ପାଦନର ଏକ ଚତୁର୍ଥାଂଶ ଧାନ ଚାଷ ପଶ୍ଚିମବଙ୍ଗ ଏବଂ ଉତ୍ତର ପ୍ରଦେଶରେ ହୋଇଥାଏ। ଏଥର ଏହି ଦୁଇ ରାଜ୍ୟରେ ଧାନବୁଣା କମ ହୋଇଛି। ବ୍ୟବସାୟୀଙ୍କୁ ଏହି ଚିନ୍ତା ଘାରୁଛି ଯେ, ଧାନର କମ ଉତ୍ପାଦନ ଦରବୃଦ୍ଧି ଆହୁରି ବଢାଇବା ସହିତ ରପ୍ତାନୀରେ ପ୍ରଭାବ ପକାଇପାରେ। ଏମିତି ହେଲେ ଭାରତ ପ୍ରଥମେ ଦେଶ ଭିତରେ ଖାଦ୍ୟ



ସୁନିଶ୍ଚିତ କରିବ। ଅନ୍ୟପଟେ ଭାରତ ସମଗ୍ର ଦୁନିଆରେ ୪୦ ପ୍ରତିଶତ ଚାଉଳ ରପ୍ତାନୀ କରିଥାଏ। ଏମିତି ହେଲେ ଅନେକ ଦେଶରେ ମଧ୍ୟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇପାରେ, ବିଶେଷ କରି ଯେଉଁମାନେ ଭାରତ ଉପରେ ନିର୍ଭରଶୀଳ। ଭାରତ ଗହମ ଏବଂ ଆଖୁ ଉପରେ ପୂର୍ବରୁ ରୋକ୍ ଲଗାଇ ସାରିଛି। ସୂଚନା ମୁତାବକ, ଚାଉଳର କିଛି କିସମର ମୂଲ୍ୟ ବଢି ସାରିଛି। ପଶ୍ଚିମବଙ୍ଗ, ଓଡିଶା ଏବଂ ଛତିଶଗଡରେ କମ ବର୍ଷା କାରଣରୁ ବାଂଲାଦେଶରେ ଚାଉଳର ଚାହିଦା ବଢି ଯାଇଛି। ଏହାର ରପ୍ତାନୀ ମୂଲ୍ୟ ବଢି ଟନ୍ ପିଛା ୪୦୦ ଡଲାରରେ ପହଞ୍ଚିଛି। ଯାହା ଦୁଇ ମାସ ପୂର୍ବେ ଟନ୍ ପିଛା ୩୬୫ ଡଲାର ଥିଲା।

## ଟିକାକରଣ ପରେ କାର୍ଯ୍ୟକାରୀ ହେବ ସିଏଏ : ଶାହ

**ନୂଆଦିଲ୍ଲୀ :** ଦେଶରେ ନାଗରିକତା ସଂଶୋଧନ ଅଧିନିୟମ (ସିଏଏ) କାର୍ଯ୍ୟକାରୀ ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ପଶ୍ଚିମବଙ୍ଗ ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଏହା କହିଛନ୍ତି। ଦେଶରେ ଚାଲିଥିବା ଟିକାକରଣ କାର୍ଯ୍ୟକ୍ରମ ପରେ ସିଏଏ ପୁଣି କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶରୁ ଅବୈଧ ଭାବେ ଭାରତ ଆସି ବସବାସ କରୁଥିବା ଲୋକଙ୍କୁ ନାଗରିକତା ପ୍ରଦାନ ନିମନ୍ତେ ଏହି ସଂଶୋଧନ ଅଧନିୟମ କରାଯାଇଥିଲା। ତେବେ କୋଭିଡ-୧୯ ମହାମାରୀ ଲାଗି ଏହି କାର୍ଯ୍ୟରେ ବ୍ୟବଧାନ ଆସିଥିବା ଗୃହମନ୍ତ୍ରୀ କହିଛନ୍ତି। ପଶ୍ଚିମବଙ୍ଗ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ମଙ୍ଗଳବାର ସଂସଦ ଭବନରେ ଅମିତ ଶାହଙ୍କୁ ଭେଟିଥିଲେ। ଏହି ସାକ୍ଷାତ ଆଲୋଚନାରେ ପଶ୍ଚିମବଙ୍ଗରେ ବିଜେପିର କାମଦାମ ଓ ସଙ୍ଗଠନାତ୍ମକ ପ୍ରସଙ୍ଗ ସମ୍ପର୍କିତ ମାମଲାରେ ଅଧିକାରୀ ଆଲୋଚନା କରିଥିଲେ। ଏହି ସାକ୍ଷାତ



ଆଲୋଚନା ପରେ ଗଣମାଧ୍ୟମକୁ ଶୁଭେନ୍ଦୁ ଅଧିକାରୀ ସିଏଏ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସୂଚନା ଦେଇଥଲେ। ଏଥିରେ ଦେଶରେ ଚାଲିଥିବା ତୃତୀୟ ପର୍ଯ୍ୟାୟ କୋଭିଡ ଟିକାକରଣ ପରେ ଲମ୍ବିତ ଥିବା କାର୍ଯ୍ୟକ୍ରମ ଦେଶରେ ପୁଣି ଆରମ୍ଭ ହେବ ବୋଲି କହିଛନ୍ତି। ସରକାର ଗତ ଏପ୍ରିଲ ମାସରେ ସତର୍କତା ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଯାହା ସେପ୍ଟେମ୍ବର ମାସ ବେଳକୁ ସମ୍ପୂର୍ଣ୍ଣ ହୋଇଯିବ ବୋଲି ଆଶା କରାଯାଉଛି। ଏହି ସାକ୍ଷାତ ଆଲୋଚନାରେ ଅଧିକାରୀ ପଶ୍ଚିମବଙ୍ଗରେ ଶାସକ ତୃଣମୂଳ ସହ ରାଜନୈତିକ ଲଢେଇ ସମ୍ପର୍କିତ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ। ଏହି ଅବସରରେ ସେ ୧୦୦ ଜଣ ଦୁର୍ନୀତିଗ୍ରସ୍ତ ଟିଏମସି ନେତାଙ୍କ ଏକ ତାଲିକା ଶାହାଙ୍କୁ ଦେଇଥିବା କହିଛନ୍ତି। ରାଜ୍ୟ ଦୁର୍ନୀତିରେ ସେମାନଙ୍କ ଭାଗିଦାରୀର ଯାଞ୍ଚ ଲାଗି ସେ ଏହି ତାଲିକା ଦେଇଥିବା ଗଣମାଧ୍ୟମକୁ କହିଛନ୍ତି। ୧୧ ଡିସେମ୍ବର ୨୦୧୯ରେ ସିଏଏ ସଂସଦରେ ଗୃହୀତ ହୋଇଥିଲା। ଯାହାକୁ ତା ପରଦିନ ଅଧିସୂଚିତ କରି ଦିଆଯାଇଥିଲା। ଏହି ଅଧିନିୟମ ଲାଗି ସରକାର ଏପର୍ଯ୍ୟନ୍ତ ନିୟମ ପ୍ରଣୟନ କରି ନାହାନ୍ତି। ତେବେ ପୂର୍ବୋତ୍ତର ରାଜ୍ୟମାନଙ୍କରୁ ଆଇନ କାର୍ଯ୍ୟକାରୀ କରିବା ପାଇଁ ଜୋରଦାର ଦାବି ହୋଇ ଆସୁଛି। ତେବେ ବିରୋଧୀ ଦଳମାନେ ସିଏଏକୁ ବିରୋଧ କରୁଥିଲେ ବି ଏହି ଅଧନିୟମ ଲାଗୁ କରାଯିବ ବୋଲି କୁହାଯାଇଛି।

### ସରକାରଙ୍କୁ ଗୁଇନ୍ଦା ରିପୋର୍ଟ ଦେଲେ ସୁରକ୍ଷା ଏଜେନ୍ସି

# ଭାରତ ଉପରେ ଆକ୍ରମଣ କରିପାରେ ଲସ୍କର ଓ ଜୈଶ

**ନୂଆଦିଲ୍ଲୀ :** ସ୍ୱାଧୀନତା ଦିବସ ପାଳନ ଅବସରରେ ଆତଙ୍କବାଦୀ ହାମ୍‌ଲା କରି ବାଧା ସୃଷ୍ଟି କରିବାର ଚେତାବନୀ ଦେଇ ଲସ୍କର-ଇ-ତୈବା ଓ ଜୈଶ୍-ଏ-ମହମ୍ମଦ ପରି ବିଭିନ୍ନ ଆତଙ୍କବାଦୀ ସଂଗଠନର ଧମକ ମଧ୍ୟରେ ଦିଲ୍ଲୀ ପୁଲିସ ଜାତୀୟ ରାଜଧାନୀ ନୂଆଦିଲ୍ଲୀର ଲାଲକିଲ୍ଲା ଏବଂ ଏହାର ଆଖପାଖ ଅଞ୍ଚଳରେ ୧,୦୦୦ରୁ ଅଧିକ ଇଣ୍ଟରନେଟପ୍ରୋଟୋକଲ (ଆଇପି) ଆଧାରିତ ଉଚ୍ଚ କ୍ଷମତା ସଂପନ୍ନ ସିସିଟିଭି କ୍ୟାମେରା ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛି। ଅଗଷ୍ଟ ୧୫ରେ ୭୫ତମ ସ୍ୱାଧୀନତା ଦିବସ ପାଳନ ପୂର୍ବରୁ ଲସ୍କର-ଇ-ତୈବା (ଏଲଇଟି) ଏବଂ ଜୈଶ-ଏ-ମହମ୍ମଦ (ଜେଇଏମ) ଦ୍ୱାରା ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପାଇଁ ଗୁଇନ୍ଦା ବିଭାଗ (ଆଇବି) ଗୁରୁବାର ସତର୍କ ସୂଚନା ଜାରି କରିଛି। ଆଇବିର ୧୦ ପୃଷ୍ଠା ବିଶିଷ୍ଟ ରିପୋର୍ଟରେ ନିକଟରେ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଉପରେ ହୋଇଥିବା ଆକ୍ରମଣ ବିଷୟରେ ଉଲ୍ଲେଖ କରାଯାଇଛି, ଯିଏ ନିକଟରେ ଜାପାନରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଭାଷଣ ଦେଉଥିବା ବେଳେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏବଂ ଏହାକୁ ଦୃଷ୍ଟିରେ ରଖି ଅଗଷ୍ଟ ୧୫ରେ ଲାଲକିଲତଲା ମଧ୍ୟକୁ ପ୍ରବେଶ ପାଇଁ କଠୋର ପ୍ରବେଶ ନିୟମ ଲାଗୁ କରିବାକୁ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲାଲକିଲ୍ଲାରେ ମୋଟ ଆବଶ୍ୟକତା ମଧ୍ୟରୁ ଆଇପି-ଆଧାରିତ ୨-ମେଗାପିକ୍ସେଲର ୮୦ ପ୍ରତିଶତ ସିସିଟିଭି କ୍ୟାମେରା ଏବଂ ଆଇପି-ଆଧାରିତ ୪-ମେଗାପିକ୍ସେଲର ୨୦ ପ୍ରତିଶତ ସିସିଟିଭି କ୍ୟାମେରା ପ୍ରତ୍ୟେକ କୋଣରେ ଲଗାଯିବ। ଆଇପି-ଆଧାରିତ ୪ ମେଗାପିକ୍ସେଲର ଏହି ୨୦ ପ୍ରତିଶତ ସିସିଟିଭି କ୍ୟାମେରା ରଣନୀତିକ ସ୍ଥାନରେ ଲଗାଯିବ ଯାହା ସଂସ୍ଥାପନା ସମୟରେ ସମ୍ପୃକ୍ତ





ଡିସିପିଙ୍କ ଦ୍ୱାରା ସୂଚିତ କରାଯିବ ଏବଂ ବାକି ୮୦ ପ୍ରତିଶତ ସ୍ଥାନ ଆଇପି-ଆଧାରିତ ୨-ମେଗାପିକ୍ସେଲ ସିସିଟିଭି କ୍ୟାମେରା ଦ୍ୱାରା ଅନ୍ତର୍ଭୁକ୍ତ ହେବ। ଏହି କ୍ୟାମେରାଗୁଡିକ ନୂଆଦିଲ୍ଲୀ ଜିଲ୍ଲା, ଉତ୍ତର ଜିଲ୍ଲା, ଦକ୍ଷିଣ-ପୂର୍ବ, କେନ୍ଦ୍ରୀୟ ଜିଲ୍ଲା, ସୁରକ୍ଷା ୟୁନିଟ୍ ଏବଂ ଉତ୍ତର ପଶ୍ଚିମ ଜିଲ୍ଲାରେ ସ୍ଥାପିତ ହେବ। ଉତ୍ତର ଜିଲ୍ଲା ଏବଂ କେନ୍ଦ୍ରୀୟ ଜିଲ୍ଲାରେ ବହୁ ସଂଖ୍ୟକ କ୍ୟାମେରା ଲଗାଯିବ ଯାହା ଲାଲକିଲ୍ଲାର ପରିଧିକୁ ଆଚ୍ଛାଦନ କରିବ, ଏବଂ ଯେଉଁଠାରେ ସ୍ୱାଧୀନତା ଦିବସ ପାଳନ କରାଯିବ। ଏହି ଆଇପି-ଆଧାରିତ ଉଚ୍ଚ କ୍ଷମତା ସଂପନ୍ନ କ୍ୟାମେରାରେ ମୁହଁ ଚିହ୍ନଟ, ଲୋକ ଗତିବିଧି ଚିହ୍ନଟ, ଟ୍ରିପ୍ ୱାୟାର, ଅଡିଓ ଚିହ୍ନଟକରଣ, ଅନୁପ୍ରବେଶ, ଡିଫୋକସ୍, ପରିତ୍ୟକ୍ତ/ନିଖୋଜ ବସ୍ତୁ ପରି ବୈଶିଷ୍ଟ୍ୟ ଗୁଡିକ ସହିତ ସଜ୍ଜିତ ହେବ। ଏବଂ ସ୍ଥାନଗୁଡିକର ପୂର୍ଣ୍ଣ ଏଚଡି ୧୦୮୦ପି ଲାଇଭ୍ ଦୃଶ୍ୟ ପ୍ରଦାନ କରିବ ଏହା ମୁହଁ ଚିହ୍ନଟକରଣ ସର୍ଭର ପାଇଁ ପ୍ରକୃତ-ସମୟ ଆଧାରରେ ଡାଟା ମଧ୍ୟ ଅଂଶୀଦାର କରିବ। ଉନ୍ନତ ଚିହ୍ନଟକରଣ ପାଇଁ, ଏହି କ୍ୟାମେରାଗୁଡିକ ଏକ ବିଲ୍ଟ-ଇନ୍ ୩୦ଏକ୍ସ ଅପ୍ଟିକାଲ୍, ଅଟୋ-ଫୋକସ୍ ଜୁମ୍ ଲେନ୍ସ ଅନ୍ତର୍ଭୁକ୍ତ କରିବ, ଏବଂ ୧୨ଏକ୍ସ ଡିଜିଟାଲ୍ ଜୁମ୍ କ୍ଷମତା ରହିବ। କ୍ୟାମେରାରେ ଇନବିଲ୍ଟ ଇନଫ୍ରା ରେଡ୍ (ଆଇଆର) ରହିବ ଏବଂ ରାତିରେ ମଧ୍ୟ ସ୍ପଷ୍ଟ ଚିତ୍ର ପ୍ରଦାନ ସହ ୧୫୦ ମିଟର ପର୍ଯ୍ୟନ୍ତ ଦୂରତା କଭର୍ କରିବ।

### ଚିଟଫଣ୍ଡ ଠକେଇର ସିବିଆଇ ତଦନ୍ତ

# ୧୭ ମାମଲାର ଶେଷ, ୧୨ର ତଦନ୍ତ ଜାରି

**ଭୁବନେଶ୍ୱର :** ଓଡ଼ିଶାରେ ପ୍ରାୟ ୨୦ହଜାର କୋଟି ଟଙ୍କାର ଚିଟଫଣ୍ଡ ଠକେଇର ତଦନ୍ତ କରୁଥିବା ସିବିଆଇ ପୁଣିଥରେ ସକ୍ରିୟ ହେବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଚିଟଫଣ୍ଡ ତଦନ୍ତ କରୁଥିବା ସିବିଆଇ ମୋଟ ୨୯ଟି ଚିଟଫଣ୍ଡ କମ୍ପାନୀର ଠକେଇ ମାମଲା ହାତକୁ ନେଇଥିବାବେଳେ ସେଥିରୁ ଏବେ ୧୭ଟିର ତଦନ୍ତ ଶେଷ କରି ସାରିଛି। ଆଉ ୧୨ଟି କମ୍ପାନୀର ଠକେଇର ତଦନ୍ତ କରି ଏକାଧିକ ଚାର୍ଜସିଟ୍ ଦାଖଲ କରିଥିଲେ ମଧ୍ୟ ଏହାର ଅଧିକ ତଦନ୍ତ ଚାଲିଥିବା କହିଛି। ଏହି ୧୨ଟି କମ୍ପାନୀ ମଧ୍ୟରେ ଅର୍ଥତତ୍ତ୍ୱ(ଏଟି), ସିସୋର, ଆସ୍ଥା, ସମୃଦ୍ଧ ଜୀବନ, ଶସ୍ତ୍ର, ସ୍ୱସ୍ତିକ ଇଣ୍ଡିଆ ଭଳି ଚିଟଫଣ୍ଡ କମ୍ପାନୀର ତଦନ୍ତ ସିବିଆଇ ଏବେବି ଜାରି ରଖିଛି। ବିଶେଷକରି ଏସବୁ କମ୍ପାନୀଗୁଡ଼ିକ ମିଥ୍ୟା ପ୍ରଲୋଭନ ଦେଇ ସାଧାରଣ ଲୋକଙ୍କଠୁ କୋଟିକୋଟି ଟଙ୍କା ଠକିଥିବାବେଳେ ଏଥିରେ ରାଜନେତାମାନଙ୍କ ସମ୍ପୃକ୍ତି ଅଭିଯୋଗ ଯୋଗୁ ତଦନ୍ତ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପକାଇବା ସିବିଆଇ ପକ୍ଷେ ସମ୍ଭବପର ହୋଇପାରିନି। ତେବେ ଖୁବଶୀଘ୍ର ସିବିଆଇ ପୁଣିଥରେ ରାଜ୍ୟରେ ଅଧିକ ସକ୍ରିୟ ହୋଇ ଏସବୁ ମାମଲାର ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱରସ୍ଥିତ ସିବିଆଇ ଅର୍ଥନୀତିକ ଶାଖା ଏସପି ଦେଇଥିବା ସୂଚନାରୁ



ଜଣାପଡ଼ିଛି ଯେ, ୨୦୧୩ ମେ' ୯ ତାରିଖରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କୋଲକାତାସ୍ଥିତ ସବିଆଇ କାର୍ଯ୍ୟାଳୟ ଦ୍ୱାରା ଚିଟଫଣ୍ଡ ଠକେଇ ମାମଲା ପଞ୍ଜିକୃତ ହୋଇଥିଲା। ମୋଟ ମାମଲାରୁ ୨୯ଟି ଚିଟଫଣ୍ଡ କେସକୁ ଭୁବନେଶ୍ୱରସ୍ଥିତ ସିବିଆଇ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିଲା। ସେହି ୨୯ଟି ଚିଟଫଣ୍ଡ ମାମଲାରୁ ୧୨ଟିର ତଦନ୍ତ ଏବେବି ଚାଲିଛି ଓ ବାକି ୧୭ଟି ମାମଲାର ତଦନ୍ତ ଶେଷ ହୋଇସାରିଛି। ଏହି ୧୭ଟିରୁ ଇସୋର ଡେଭଲପର୍ସ ଲିଃ କମ୍ପାନୀର ତଦନ୍ତ ଓ ବିଚାର ଶେଷ ହୋଇସାରିଛି। ଭୁବନେଶ୍ୱରସ୍ଥିତ ସିବିଆଇ ଅର୍ଥନୀତିକ ଶାଖା ଏସପି ଦେଇଥିବା ସୂଚନାରୁ ଜଣାପଡ଼ିଛି ଯେ, ଇସୋର ଡେଭଲପର୍ସ ଲିଃ କମ୍ପାନୀ ନାଁରେ ୨୦୧୪ରେ ସିବିଆଇ ମାମଲା ରୁଜୁ କରିଥିଲା। ତା'ର ପ୍ରଥମ ତଥା ଚୂଡ଼ାନ୍ତ ଚାର୍ଜସିଟ୍ ୨୦୧୫ ସେପ୍ଟେମ୍ବର ୩୦ତାରିଖରେ ଭୁବନେଶ୍ୱରସ୍ଥିତ ସିବିଆଇର ସ୍ୱତନ୍ତ୍ର ସ୍ପେଶାଲ ସିଜେଏମ କୋର୍ଟରେ ଦାଖଲ ହୋଇଥିଲା। ଏହି ମାମଲାର ଉଭୟ ତଦନ୍ତ ଓ ବିଚାର ମଧ୍ୟ ଶେଷ ହୋଇସାରିଛି। ସେହିପରି ଯେଉଁ ୧୬ଟି ମାମଲାର ତଦନ୍ତ ସିବିଆଇ ଶେଷ କରି ସାରିଛି ସେଗୁଡ଼ିକ ହେଲା-ଗ୍ରୀନ ଇଣ୍ଡିଆ ଇନଫ୍ରା ପ୍ରୋଜେକ୍ଟ ଲିଃ, ଆଦର୍ଶ ଗ୍ରୁପ୍, ସାଫେକ୍ସ ଇନଫ୍ରା, ଏବିସି ଇଣ୍ଡ୍ୟା ନେଟୱାର୍କ, ମାଗ୍ନମ୍ ଗ୍ରୁଫ, ଗ୍ରୀନ-ରେ ଇଂଟରନ୍ୟାସନାଲ, ଜନମଙ୍ଗଳ ଆଗ୍ରୋ କେୟାର, ରିଏଲ ଆଲିଆନ୍ସ ଇଷ୍ଟେଟ୍, ରିଲେ ଫାଉଣ୍ଡେସନ୍, ସାଇ ପ୍ରକାଶ ଫାଇନାନ୍ସିଆଲ, ଜୋଡ଼ିଆକ୍ ଫାଉଣ୍ଡେସନ, ନିର୍ମଳ ଇନଫ୍ରା ହୋମ, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍, ମିଡାସ୍ ଟଚ୍ ଗ୍ରୁପ, ରାଇଟ୍ ମ୍ୟାକ୍ସ ଟେକ୍ନୋଟ୍ରେଡ୍ ଓ ନବଦିଗନ୍ତ କ୍ୟାପିଟାଲ ସର୍ଭିସ୍ ମାମଲାର ତଦନ୍ତ ଶେଷ ହୋଇସାରିଛି ଓ କୋର୍ଟରେ ବିଚାର ଚାଲିଛି। ଅନ୍ୟପକ୍ଷରେ ଯେଉଁ ୧୨ଟି ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି ସିବିଆଇ ଏସପି କହିଛନ୍ତି ସେଗୁଡ଼ିକ ହେଲା- ସିସୋର ଗ୍ରୁପ୍ , ଅର୍ଥତତ୍ତ୍ୱ(ଏଟି), ମାଇକ୍ରୋ ଫାଇନାନ୍ସ ଲିଃ, ସାଇପ୍ରସାଦ ଗ୍ରୁପ୍, ସମୃଦ୍ଧ ଜୀବନ ଫୁଡସ୍ ଇଣ୍ଡିଆ, ସାଇ ପ୍ରକାଶ ପ୍ରର୍ପଟିଜ୍ ଡେଭଲପମେଂଟ, ଅକ୍ଷୟ ଗୋଲଡ ଫାର୍ମ ଆଣ୍ଡ ଭିଲ୍ଲା, ସ୍ୱସ୍ତିକ ଇଣ୍ଡିଆ ମଲଟିଷ୍ଟେଟ୍ କୋପରେଟିଭ, ସମୃଦ୍ଧ ଜୀବନ ମଲଟିଷ୍ଟେଟ୍ ଓ ଆସ୍ଥା ଗ୍ରୁପ୍ ବିରୁଦ୍ଧରେ ସିବିଆଇ ଏକାଧିକ ଚାର୍ଜସିଟ୍ ଦାଖଲ କରିଥିଲେ ମଧ୍ୟ ଅଧିକ ତଦନ୍ତ ଜାରି ରହିଛି ବୋଲି କହିଛି। ମାଇକ୍ରୋଫାଇନାନ୍ସ ବିରୁଦ୍ଧରେ ଗୋଟିଏ ଚାର୍ଜସିଟ୍, ସିସୋର୍ ଗ୍ରୁପ୍ ଓ ସମୃଦ୍ଧ ଜୀବନ ଫୁଡ୍ ଇଣ୍ଡିଆ ବିରୋଧରେ ତିନୋଟି ଲେଖାଏଁ ଏବଂ ଅର୍ଥତତ୍ତ୍ୱ ବିରୋଧରେ ୪ଟି ଚାର୍ଜସିଟ୍ ଦାଖଲ କରି ସିବିଆଇ ଅଧିକ ଖୋଳତାଡ଼ ଚଳାଇଛି। ସୂଚନାଯୋଗ୍ୟ, ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା ଦ୍ୱାରା ଚିଟଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ ୧୮୯ଜଣ ଅଭିଯୁକ୍ତଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ସେମାନଙ୍କ ମଧ୍ୟରୁ ଏବେ ୨୪ଜଣ ଅଭିଯୁକ୍ତ ବିଚାରବିଭାଗୀୟ ହେପାଜତରେ ଅଛନ୍ତି। ରାଜ୍ୟ ଅର୍ଥନୀତିକ ଅପରାଧ ଶାଖା, ଜିଲ୍ଲା ପୁଲିସ ଅଧିକାରୀ ଓ ଅନ୍ୟାନ୍ୟ ତଦନ୍ତକାରୀ ଏଜେନ୍ସୀ ଦ୍ୱାରା ଚିଟଫଣ୍ଡ ଦୁର୍ନୀତିର ତଦନ୍ତ ପ୍ରକ୍ରିୟା ଚାଲୁଅଛି। ୬୪ଟି ଚିଟଫଣ୍ଡ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜ୍ୟାପ୍ତ ନିମନ୍ତେ ୮୨ଟି ପ୍ରସ୍ତାବ ସରକାରଙ୍କ ହସ୍ତଗତ ହୋଇଥିବାବେଳେ ସେଥିରୁ ମାତ୍ର ୨୮ଟି ମାମଲାରେ ସରକାର ଅନ୍ତରୀଣ କୋରଖ ଆଦେଶକୁ କୋର୍ଟ କାଏମ ରଖିଛନ୍ତି। ପ୍ରାୟ ଦୁଇ ହଜାର କୋଟି ଟଙ୍କାରୁ ଅଧିକ ସମ୍ପତ୍ତିକୁ ଏପର୍ଯ୍ୟନ୍ତ ଠାବ କରିବାରେ ତଦନ୍ତକାରୀ ଏଜେନ୍ସୀ ସକ୍ଷମ ହୋଇପାରିନଥିବା ଜଣାପଡ଼ିଛି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀକୁ ନେଇ ପ୍ରକାଶ ପାଇବ ପୁସ୍ତକ

**ଭୁବନେଶ୍ୱର :** ଦେଶର ୧୫ତମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀକୁ ନେଇ ପ୍ରାମାଣିକ ତଥ୍ୟ ଆଧାରରେ ଏକ ପୁସ୍ତକ ପ୍ରକାଶ ପାଇବ। ଓଡ଼ିଶାର ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଏହି ପୁସ୍ତକ ରଚନା କରିବେ ଓ ଏହାର ପ୍ରକାଶନ ଆନ୍ତର୍ଜାତିକ ପବ୍ଲିକେସନ୍ ସଂସ୍ଥା 'ପେଙ୍ଗୁଇନ୍' କରିବ। 'ପେଙ୍ଗୁଇନ୍ ଇଣ୍ଡିଆ' ତା'ର ଟ୍ୱିଟରରେ ଏ ସମ୍ପର୍କରେ ସୂଚନା ଦେଇ କହିଛି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିସ୍ତୃତ ଜୀବନୀ ଉପରେ ପ୍ରାମାଣିକ ତଥ୍ୟକୁ ନେଇ ପ୍ରଥମଥର ପାଇଁ ଏକ ପୁସ୍ତକ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁଙ୍କ ଦ୍ୱାରା ରଚନା କରାଯିବ। 'ମ୍ୟାଡାମ୍ ପ୍ରେସିଡେଣ୍ଟ: ଏ ବାୟୋଗ୍ରାଫି ଅଫ ଦ୍ରୌପଦୀ ମୁର୍ମୁ' ଶୀର୍ଷକ ଏହି ପୁସ୍ତକରେ ଦେଶର ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତିଙ୍କ ଜୀବନୀ ସମ୍ପର୍କରେ ଜାଣିବାର ସୁଯୋଗ ମିଳିବ। ଏହି ପୁସ୍ତକର ଲେଖକ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀ ସାହୁ ପ୍ରତିକ୍ରିୟାରେ କହିଛନ୍ତି ଯେ, 'ଏହି ପୁସ୍ତକ ଲେଖିବା ପାଇଁ ଗତ ୧୦ଦିନ ପୂର୍ବରୁ ପେଙ୍ଗୁଇନ୍ ସଂସ୍ଥା ତାଙ୍କ ସହ ଚୁକ୍ତିବଦ୍ଧ କରିଛି। ପୁସ୍ତକରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାଲ୍ୟଜୀବନ, କର୍ମମୟ, ପାରିବାରିକ, ରାଜନୀତିକ ଜୀବନ ସମ୍ପର୍କରେ ବିସ୍ତୃତ ତଥ୍ୟ ରହିବ। ମୋଟାମୋଟି ଭାବେ ପୁସ୍ତକରେ ତାଙ୍କ ବାଲ୍ୟଜୀବନରୁ ରାଷ୍ଟ୍ରପତି ହେବା



ପର୍ଯ୍ୟନ୍ତ ସମସ୍ତ ତଥ୍ୟ ରହିବ। ରାଷ୍ଟ୍ରପତିଙ୍କ ନିକଟତମ ଲୋକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କଠୁ ମିଳୁଥିବା ତଥ୍ୟକୁ ଏହି ପୁସ୍ତକରେ ସାମିଲ କରାଯିବ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଭେଟିବା ପରେ କିଛି ତଥ୍ୟର ପ୍ରାମାଣିକତା ସ୍ପଷ୍ଟ ହେବ। ରାଷ୍ଟ୍ରପତିଙ୍କୁ ସେ ସାକ୍ଷାତ ପାଇଁ ସମୟ ଲୋଡ଼ିବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି। ରାଷ୍ଟ୍ରପତିଙ୍କ ଜୀବନୀକୁ ନେଇ ଏହି ପୁସ୍ତକ ଲେଖିବା ତାଙ୍କ ପାଇଁ ଗର୍ବର କଥା। ୨୦୦ ପୃଷ୍ଠା ସମ୍ବଳିତ ଏହି ପୁସ୍ତକ ନଭେମ୍ବର-ଡିସେମ୍ବର ସୁଦ୍ଧା ପ୍ରକାଶ ପାଇବ ବୋଲି ସେ କହିଛନ୍ତି।

# ୯୨% ଲୋକ ନେଇନାହାନ୍ତି ବୁଷ୍ଟର ଡୋଜ୍

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ସଂକ୍ରମଣ ମାମଲା ଯେକୌଣସି ମୁହୂର୍ତ୍ତରେ ଅଧିକ ପରିମାଣର ବୃଦ୍ଧି ପାଇବାର ଆଶଙ୍କା ରହିଛି। ତେଣୁ ରାଜ୍ୟର ୧୮ରୁ ୫୯ବର୍ଷ ବୟସର ଲୋକମାନେ ତୁରନ୍ତ ବୁଷ୍ଟର ଡୋଜ(ତୃତୀୟ ଡୋଜ୍ ) ନେବାକୁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ଏବେବି ଏହି ବୟସର ୯୨ ପ୍ରତିଶତ ଲୋକ ବୁଷ୍ଟର ଡୋଜ୍ ନେଇନଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡ଼ିଛି। ତେବେ ସେପ୍ଟେମ୍ବର ୩୦ତାରିଖ ପରେ ଏହି ବୁଷ୍ଟର ଡୋଜ୍ ଆଉ ମାଗଣାରେ ମିଳିବ ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ତଥା ଟୀକାକରଣର ନୋଡାଲ ଅଫିସର ଡାକ୍ତର ବିଜୟ ପାଣିଗ୍ରାହୀ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଜ୍ୟର ୧୮ରୁ ୫୯ବର୍ଷ ବୟସର ସମସ୍ତ ଯୋଗ୍ୟ ନାଗରିକ ତୁରନ୍ତ ନିଜର ବୁଷ୍ଟର ଡୋଜ୍ ନେଇଯିବାକୁ ରାଜ୍ୟ ସରକାର ଅପିଲ୍ କରିଛନ୍ତି। ରାଜ୍ୟରେ ଏବେ କୋଭିଡ୍ ସଂକ୍ରମଣ ମାମଲା ୧ହଜାର ତଳେ ରହୁଥିଲେ ମଧ୍ୟ ଯେକୌଣସି ସମୟରେ ଏହି ସଂଖ୍ୟା ବଢ଼ିବାରେ ଆଶଙ୍କା ରହିଛି। କେବଳ ଟୀକା ମାଧ୍ୟମରେ ଏହି କୋଭିଡ୍ ସଂକ୍ରମଣକୁ ପ୍ରତିହତ କରିହେବ। ରାଜ୍ୟର ୬୦ବର୍ଷରୁ ଅଧିକ ବୟସର ମାତ୍ର ୨୬ ପ୍ରତିଶତ ଲୋକ ବୁଷ୍ଟର ଡୋଜ୍ ନେଇଥିବାବେଳେ ୧୮-୫୯ବର୍ଷ ବୟସର ୮% ଲୋକ ଏହି ବୁଷ୍ଟର ଡୋଜ୍ ନେଇଛନ୍ତି। ରାଜ୍ୟରେ ୧୮ରୁ ୫୯ବର୍ଷ ବୟସର ପ୍ରାୟ ୨.୬୫କୋଟି ଲୋକ ଅଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୨୨.୮୪ଲକ୍ଷ ଲୋକ ଏପର୍ଯ୍ୟନ୍ତ ନିଜର ବୁଷ୍ଟର ଡୋଜ୍ ନେଇଛନ୍ତି। ତେଣୁ ବୁଷ୍ଟର ଡୋଜ୍ ଲୋକମାନେ କିଭଳି ତୁରନ୍ତ ନେବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ବୁଷ୍ଟର ଡୋଜ୍ ସମସ୍ତଙ୍କ ପାଇଁ ମାଗଣା ଓ ନିକଟସ୍ଥ କୋଭିଡ୍ ଟୀକାଦାନ କେନ୍ଦ୍ରରେ ଉପଲବ୍ଧ ରହିଛି। ଏବେ ମାଗଣାରେ ଦିଆଯାଉଥିବା ବୁଷ୍ଟର ଡୋଜ୍ ଆସନ୍ତା ସେପ୍ଟେମ୍ବର ୩୦ତାରିଖ ପରେ ଆଉ ମାଗଣାରେ ମିଳିବ ନାହିଁ ଓ ଏଥିପାଇଁ ଅର୍ଥ ଦେବାକୁ ପଡ଼ିବ। ତେଣୁ ଏହି ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟର ସବୁ ଲୋକେ ଯେଭଳି ବୁଷ୍ଟର ଡୋଜ୍ ନେବେ ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଡାକ୍ତର ପାଣିଗ୍ରାହୀ କହିଛନ୍ତି।

# ପାଟଣାଗଡ ଓ କୁଚିଣ୍ଡାରେ ଖୋଲିବ ନୂଆ ଆଇଟିଆଇ


**ଭୁବନେଶ୍ୱର :** ସମ୍ବଲପୁରର କୁଚିଣ୍ଡା ଓ ବଲାଙ୍ଗୀରର ପାଟଣାଗଡ ଠାରେ ଦୁଇଟି ନୂତନ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଖୋଲାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାଦ୍ୱାରା ଏହି ଜନଜାତି ବହୁଳ ଅଞ୍ଚଳର ଯୁବ ସମାଜ ବିଶେଷ ଭାବରେ ଉପକୃତ ହେବେ। କୁଚିଣ୍ଡାରେ ନୂଆ ସରକାରୀ ଆଇଟିଆଇ ପ୍ରତିଷ୍ଠା ଦ୍ୱାରା କୁଚିଣ୍ଡା ବାମରା ଓ ଜମନକିରା ବ୍ଲକର ଯୁବସମାଜ ଉପକାର ପାଇବେ। ନିଯୁକ୍ତି ତଥା ଆତ୍ମନିଯୁକ୍ତିର ସୁଯୋଗ ଥିବା ଚାରିଗୋଟି ଟ୍ରେଡ୍‌ରେ ଏଠାରେ ୨୪୦ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବ। ସମ୍ବଲପୁର ଆଖପାଖରେ ଅନେକ ଶିଳ୍ପାନୁଷ୍ଠାନ ଗଢି ଉଠୁଥିବାରୁ ଏହା ଛାତ୍ରଛାତ୍ରୀ ମାନଙ୍କ ପାଇଁ



ବିପୁଳ ଓ ଆତ୍ମନିଯୁକ୍ତି ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିବ। ସେହିପରି ବଲାଙ୍ଗୀରର ପାଟଣାଗଡ ଠାରେ ପ୍ରତିଷ୍ଠିତ ଆଇଟିଆଇରେ ମଧ୍ୟ ୪ ଗୋଟି ଟ୍ରେଡ୍‌ରେ ୨୪୦ ଜଣ ପିଲା ଶିଳ୍ପ ତାଲିମ ପାଇପାରିବେ। ବୃତ୍ତିଗତ ତାଲିମ ବ୍ୟବସ୍ଥା ଦ୍ୱାରା ବ୍ଲକ୍‌ର ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବୃଦ୍ଧି ହେବା ସହିତ ନିଯୁକ୍ତି/ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟିରେ ସହାୟକ ହେବ। ସୂଚନାଯୋଗ୍ୟ ଯେ ରାଜ୍ୟର ୩୧୪ଟି ବ୍ଲକ୍ ମଧ୍ୟରୁ ୨୫୧ଟି ବ୍ଲକ୍‌ର ସରକାରୀ/ବେସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ରହିଛି। ସେହିପରି ୫୮ଟି ସବ୍‌ଡିଭିଜନ ମଧ୍ୟରୁ ୪୮ଟିରେ ଆଇଟିଆଇ ରହିଛି। ପାଟଣାଗଡ ଓ କୁଚିଣ୍ଡାରେ ଆଇଆଇଟି ପ୍ରତିଷ୍ଠା ହେବା ପରେ ଏହି ସଂଖ୍ୟା ୫୦କୁ ବୃଦ୍ଧି ପାଇବ। ସୂଚନାଯୋଗ୍ୟ ଯେ ସ୍କିଲ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ ଆମର ଯୁବକ ଯୁବତୀ ମାନେ ବିଭିନ୍ନ ସରକାରୀ ଶିଳ୍ପତାଲିମ ପ୍ରତିଷ୍ଠାନ ମାନଙ୍କରେ ତାଲିମ ନେଇ ନିଜର ଦକ୍ଷତା ଦ୍ୱାରା ଓଡିଶା ପାଇଁ ନୂଆ ପରିଚୟ ସୃଷ୍ଟି କରିପାରିଛନ୍ତି। ଭୁବନେଶ୍ୱର ନିକଟରେ ପ୍ରତିଷ୍ଠିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଆମର ଯୁବସମାଜ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିଛି।

# ଉଚ୍ଚତମ ପର୍ବତ ଦେଓମାଳି କାହାର ?


**ଭୁବନେଶ୍ୱର :** ପିଲା ବେଳେ ବହିରେ ପଢ଼ିଥିଲେ ଓଡ଼ିଶାର ଉଚ୍ଚତମ ପର୍ବତ ହେଉଛି ଦେଓମାଳି। ହେଲେ ପିଲାରୁ ବଡ଼ ହେବା ପରେ ଜଣାପଡୁଛି, ଓଡ଼ିଶାର ଦେଓମାଳି ପର୍ବତ ଜଙ୍ଗଲ ବିଭାଗ ଖାତାରେ ନାହିଁ କି ରାଜସ୍ୱ ବିଭାଗ ଖାତାରେ ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି, ଓଡ଼ିଶା ପର୍ଯ୍ୟଟନ ବିଭାଗରେ ସୌନ୍ଦର୍ଯ୍ୟ ମଣ୍ଡନ କରୁଥିବା ଦେଓମାଳି ଏବେ ଅଛି କାହାର ? ଓଡ଼ିଶାର ଉଚ୍ଚତମ ପର୍ବତ ହେଉଛି ଦେଓମାଳି। ସମୁଦ୍ର ପତ୍ତନଠାରୁ ପ୍ରାୟ ୫ ହଜାର ୪୮୬ ଫୁଟ୍ ଉଚ୍ଚତାରେ କୋରାପୁଟ ଜିଲ୍ଲାରେ ରହିଛି ଉଚ୍ଚତମ ପର୍ବତ ଦେଓମାଳି। ଏହାର ପ୍ରକୃତିକ ସୌନ୍ଦର୍ଯ୍ୟ ଅତିବ ମନୋରମ। ସେଥିପାଇଁ ତ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ସେଠାକୁ ଯାଉଛନ୍ତି। ଆଉ ଦେଓମାଳିର ସୌନ୍ଦର୍ଯ୍ୟକୁ ମନୋଭରି ଉପଭୋଗ କରୁଛନ୍ତି। ଓଡ଼ିଶା ପର୍ଯ୍ୟଟନରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଦେଓମାଳିକୁ ନେଇ ନୂଆ ବିବାଦ



ଦେଖାଦେଇଛି। କାରଣ ରାଜ୍ୟ ସରକାରଙ୍କ ଖାତା ଖତିଆନରେ ନାହିଁ ଦେଓମାଳି। ଏକଥା ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ବିଧାନସଭାରେ କହିଛନ୍ତି। ଦୁଇ ଦିନ ତଳେ ବିଧାନସଭାରେ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଦେଓମାଳି ନା ଜଙ୍ଗଲ ବିଭାଗ ଖାତାରେ ଅଛି, ନା ରାଜସ୍ୱ ବିଭାଗ ଖାତାରେ ଅଛି। ତା'ହେଲେ ଦେଓମାଳି ଅଛି କେଉଁଠି ? କାହା ରେକର୍ଡରେ ଅଛି ? କେଉଁ ଖାତାରେ ଅଛି ଦେଓମାଳି ? ଗୃହରେ ମନ୍ତ୍ରୀଙ୍କ ତଥ୍ୟ ପରେ ଏସବୁ ପ୍ରଶ୍ନ ଉଠିବା ସହ ବିବାଦ ମଧ୍ୟ ତେଜିଛି। ଉଭୟ କଂଗ୍ରେସ ଓ ବିଜେପି ଏନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ତୁରନ୍ତ ସବୁ ପ୍ରକାର ତଥ୍ୟ ସଂଗ୍ରହ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେପଟେ ଆଜି ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ସଫେଇ ଦେଇ କହିଛନ୍ତି, ଯାହା ରେକର୍ଡ ଥିଲା ତାହା ଗୃହରେ ଉପସ୍ଥାପିତ କରିଛି। ତେବେ ସମଗ୍ର ସଂପତ୍ତି ଓଡ଼ିଶାର। ପର୍ବତମାଳରେ ଥିବା ଗାଁ ଗୁଡିକ ମଧ୍ୟ ଓଡ଼ିଶାର। ତେଣୁ କିଭଳି ଏହାକୁ ରେକର୍ଡକୁ ଅଣାଯିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲା କୋଟିଆକୁ ନେଇ ବିବାଦ ଲାଗି ରହିଛି। ଏହି ଅଞ୍ଚଳକୁ ନେବା ପାଇଁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ସରକାର ଚକ୍ରବ୍ୟୂର ରଚି ଚାଲିଛି। ଅନ୍ୟପକ୍ଷରେ ରତ୍ନଗର୍ଭା ଦେଓମାଳି ଆନ୍ଧ୍ରର ଲୋଲୁପ ଦୃଷ୍ଟିରେ, ତାହା କାହାକୁ ଅଛପା ନାହିଁ। କାରଣ ଗଲାବର୍ଷ ନଭେମ୍ବର ୨୧ ତାରିଖରେ ଆନ୍ଧ୍ରର ବିଜୟନଗରର ଜିଲ୍ଲାପାଳଙ୍କ ସମେତ ୬୦ରୁ ୭୦ ଜଣ ପ୍ରଶାସନିକ ଅଧିକାରୀ ପ୍ରାୟ ୧୫ଟି ସରକାରୀ ଗାଡ଼ିରେ ଦେଓମାଳି ଆସି ଭୋଜିଭାତ କରି ଯାଇଛନ୍ତି। ଆଉ ଏତିକିବେଳେ ଦେଓମାଳିର ରେକର୍ଡ ନ ଥିବା ନୂଆ ବିବାଦକୁ ଜନ୍ମ ଦେଇଛି।

# ବର୍ଷକୁ ୩୦ହଜାରରୁ ଅଧିକ କ୍ୟାନସର ରୋଗୀ

**ଭୁବନେଶ୍ୱର :** ରାଜ୍ୟରେ ଗତ ୩ବର୍ଷ ମଧ୍ୟରେ ମୋଟ ୯୨୬୯୯ଜଣ କ୍ୟାନସର ରୋଗୀ ଚିହ୍ନଟ ହୋଇଛନ୍ତି ଓ ଏହି ଅବଧି ମଧ୍ୟରେ ମୋଟ ୩୧୬୯୨ଜଣ କ୍ୟାନସର ରୋଗୀଙ୍କ ମୃତ୍ୟୁ ହୋଇଛି। ଓଡ଼ିଶାରେ ହାରାହାରି ୩୦ହଜାରରୁ ଅଧିକ ଲୋକ ପ୍ରତିବର୍ଷ କ୍ୟାନସର ଆକ୍ରାନ୍ତ ହେବା ଏବେ ଚିନ୍ତାର ବିଷୟ ପାଲଟିଛି। ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, କ୍ୟାନସର ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦେବା ନିମନ୍ତେ କଟକସ୍ଥିତ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ କ୍ୟାନସର ଇନଷ୍ଟିଚ୍ୟୁଟରେ ଅଧିକ ସଂଖ୍ୟକ ବେଡ୍ ବ୍ୟବସ୍ଥା ହୋଇଛି। ଏହାସହିତ ସେଠାରେ କ୍ୟାନସର ଅସ୍ତ୍ରୋପଚାର ସୁବିଧା ମଧ୍ୟ ରହିଛି। ଓଡ଼ିଶା ସରକାରଙ୍କ କ୍ୟାନସର କେୟାର କାର୍ଯ୍ୟକ୍ରମ ଅନ୍ତର୍ଗତ ଏବେ ୧୧ଟି ଅତ୍ୟାଧୁନିକ




କ୍ୟାନସର ଚିହ୍ନଟ ଓ ଚିକିତ୍ସା କେନ୍ଦ୍ର ସ୍ଥାପନ ଦିଗରେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜ୍ୟର ବିଭିନ୍ନ ଜିଲ୍ଲା ହସ୍ପିଟାଲରେ ପ୍ରାୟ ୩୨ଟି ସ୍ଥାନରେ ରୋଗୀଙ୍କୁ ପ୍ରଶିକ୍ଷିତ ଡାକ୍ତର ଓ ନର୍ସଙ୍କ ମାଧ୍ୟମରେ କ୍ୟାନସର ରୋଗୀମାନଙ୍କୁ କେମୋଥେରାପି ଦିଆଯାଉଛି। ଝାରସୁଗୁଡ଼ାରେ ଏବେ ପିପିପି ମୋଡରେ ୧୨୦ ବେଡ୍ ବିଶିଷ୍ଟ ହସ୍ପିଟାଲ ନିର୍ମାଣ ଆରମ୍ଭ ହୋଇଛି, ଯେଉଁଠି କ୍ୟାନସର ରୋଗୀଙ୍କୁ ଚିକିତ୍ସା ସୁବିଧା ମିଳିପାରିବ ବୋଲି ମନ୍ତ୍ରୀ କହିଛନ୍ତି।

# ଏଣିକି ନିର୍ଦ୍ଦେଶ ଅବମାନନା ପାଇଁ ଦଣ୍ଡ ଦେଇପାରିବେ ଲୋକାୟୁକ୍ତ

**ଭୁବନେଶ୍ୱର :** ଏଣିକି ଯଦି କୌଣସି ସରକାରୀ କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବେ, ତାଙ୍କ ବିରୁଦ୍ଧରେ କୋର୍ଟ ଅବମାନନା ଆଇନ-୧୯୭୧ର ପ୍ରାବଧାନ ଆଧାରରେ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ଭଳି ଲୋକାୟୁକ୍ତ ଦଣ୍ଡବିଧାନ କରିପାରିବେ। ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ର ସଂଶୋଧନକୁ ରାଜ୍ୟ ବିଧାନସଭା ଅନୁମୋଦନ କରିବା ପରେ ଲୋକାୟୁକ୍ତଙ୍କୁ ଏହି ନୂଆ କ୍ଷମତା ମିଳିବାର ମାର୍ଗ ପ୍ରଶସ୍ତ ହୋଇଛି। ତେବେ 'ଲୋକଙ୍କଠୁ ଯେକୌଣସି ପ୍ରକାରର ଚାନ୍ଦା' ଗ୍ରହଣ କଲେ ତା'ର ଖୋଳତାଡ଼ କରିବାର କ୍ଷମତା ପୂର୍ବରୁ ଲୋକାୟୁକ୍ତଙ୍କ ପାଖରେ ଥିବାବେଳେ ବିଧାନସଭାରେ ପାରିତ ସଂଶୋଧିତ ବିଲରେ ଏହି ପ୍ରାବଧାନକୁ ହଟାଇ ଦିଆଯାଇଛି। କେନ୍ଦ୍ରୀୟ ଲୋକପାଳ ଓ ଲୋକାୟୁକ୍ତ ଆଇନ-୨୦୧୩ରେ ଏହି ପ୍ରାବଧାନ ନଥିବା ଦର୍ଶାଇ ରାଜ୍ୟ ସରକାର ଓଡ଼ିଶା ଲୋକାୟୁକ୍ତ ଆଇନର ଧାରା ୧(ଏଚ)ର ପ୍ରାବଧାନକୁ ଉଚ୍ଛେଦ କରିଛନ୍ତି। ଯାହାଫଳରେ ଲୋକଙ୍କଠୁ ଚାନ୍ଦା ଗ୍ରହଣ କରୁଥିବା ସଂସ୍ଥା ଅବା ସଂଗଠନ ସମ୍ପର୍କରେ ତଦନ୍ତ କରିବା ଏଣିକି ଲୋକାୟୁକ୍ତଙ୍କ କ୍ଷମତା ପରିସରଭୁକ୍ତ ରହିବ ନାହିଁ। ବିଧାନସଭାରେ ଓଡ଼ିଶା ଲୋକାୟୁକ୍ତ ସଂଶୋଧନ ବିଲ-୨୦୨୨ ପାରିତ ହୋଇଛି। ଏଥିରେ ଥିବା ସଂଶୋଧିତ ପ୍ରାବଧାନ ଅନୁସାରେ, ପୂର୍ବରୁ ବିଭାଗର 'ଉପଯୁକ୍ତ କର୍ତ୍ତୃପକ୍ଷ' କହିଲେ 'ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀ'ଙ୍କୁ ବୁଝାଉଥିଲା। କୌଣସି ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ଆସିଲେ ତାଙ୍କ ବିରୁଦ୍ଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ପାଇଁ ଲୋକାୟୁକ୍ତ ସମ୍ପୃକ୍ତ ବିଭାଗର




'ଉପଯୁକ୍ତ କର୍ତ୍ତୃପକ୍ଷ'ଙ୍କୁ ସୁପାରିସ୍ କରୁଥିଲେ। ମାତ୍ର ଏଥିଯୋଗୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପ୍ରକ୍ରିୟା ବିଳମ୍ବ ହେବାରୁ ତଥା ଲୋକାୟୁକ୍ତଙ୍କ ସୁପାରିସ୍ ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଓ ପ୍ରଶାସନିକ ସୁବିଧା ନିମନ୍ତେ 'ଉପଯୁକ୍ତ କର୍ତ୍ତୃପକ୍ଷ'ରେ ପରିବର୍ତ୍ତନ କରାଯାଇଛି। 'ବିଭାଗୀୟ ମନ୍ତ୍ରୀ'ଙ୍କ ବଦଳରେ ଏବେ ସମ୍ପୃକ୍ତ ବିଭାଗର ସଚିବ ହିଁ 'ଉପଯୁକ୍ତ କର୍ତ୍ତୃପକ୍ଷ' ହେବେ। ସେହିପରି ଓଡ଼ିଶା ଲୋକାୟୁକ୍ତ ଆଇନର ଧାରା ୧୪ର ୧(ଏଚ) ଅନୁସାରେ ଯେକୌଣସି ଲୋକ, ସଂଗଠନ, ସଂସ୍ଥା ଯଦି ଲୋକ ଅବା ବିଦେଶରୁ ଚାନ୍ଦା ନେଉଥିବେ ତା'ହେଲେ ସେ ଲୋକାୟୁକ୍ତଙ୍କ ତଦନ୍ତ ପରିସରଭୁକ୍ତ ହେବେ। ମାତ୍ର ଏହି ଚାନ୍ଦା ଆଦିର ଖୋଳତାଡ଼ ରାଜ୍ୟ ସରକାରଙ୍କ ଏଜେନ୍ସି କରିବ ତଥା କେନ୍ଦ୍ରୀୟ ଲୋକପାଳ ଆଇନରେ ଏଭଳି ପ୍ରାବଧାନ ନଥିବାରୁ ରାଜ୍ୟ ସରକାର ସେହି ପ୍ରାବଧାନକୁ ଉଚ୍ଛେଦ କରିଛନ୍ତି। ସଂଶୋଧିତ ପ୍ରାବଧାନ ଅନୁସାରେ ଏଣିକି ଲୋକାୟୁକ୍ତ କୌଣସି ଚାନ୍ଦାର ଖୋଳତାଡ଼ କରିପାରିବେ ନାହିଁ। ସେହିପରି ଲୋକାୟୁକ୍ତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କଲେ ସମ୍ପୃକ୍ତ ସରକାରୀ ଅଧିକାରୀ ବା କର୍ମଚାରୀଙ୍କ ବିରୁଦ୍ଧରେ ଦଣ୍ଡର ପ୍ରାବଧାନ କରିବା କ୍ଷମତା ଲୋକାୟୁକ୍ତଙ୍କର ନଥିଲା। ଲୋକାୟୁକ୍ତ ନିଜର ୨୦୨୦ ମସିହା ବାର୍ଷିକ ରିପୋର୍ଟରେ ଏହି ଦଣ୍ଡର ଉପଯୁକ୍ତ ପ୍ରବଧାନ କରାଇବା ନିମନ୍ତେ ସରକାରଙ୍କୁ ସୁପାରିଶ କରିଥିଲେ। ଯଦି କୌଣସି କର୍ମଚାରୀ ଉଦ୍ଦେଶ୍ୟମୂଳକ ଭାବେ ଅବା ମନ୍ଦ ଆଚରଣ ରଖି ଲୋକାୟୁକ୍ତଙ୍କ ସୁପାରିଶକୁ ଅମାନ୍ୟ କରୁଛନ୍ତି ତା'ହେଲେ ତାଙ୍କ ବିରୁଦ୍ଧରେ ଦଣ୍ଡର ବ୍ୟବସ୍ଥା ଲୋକାୟୁକ୍ତ କରିପାରିବେ। ଏଥିପାଇଁ ଆଇନ ବିଭାଗର ସୁପାରିଶରେ ରାଜ୍ୟ ସରକାର ପ୍ରଚଳିତ ଆଇନରେ ସଂଶୋଧନ କରିଛନ୍ତି। କୋର୍ଟ ଅବମାନନା ଆଇନ-୧୯୭୧ର ପ୍ରାବଧାନ ଆଧାରରେ ଲୋକାୟୁକ୍ତ ଏଣକି ତାଙ୍କ ନିର୍ଦ୍ଦେଶ ଉଲ୍ଲଂଘନ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରିପାରିବେ। ଏହାସହିତ ପ୍ରଚଳିତ ଲୋକାୟୁକ୍ତ ଆଇନରେ ରାଜ୍ୟ ସରକାର ପ୍ରତିବର୍ଷ ଲୋକାୟୁକ୍ତ କାର୍ଯ୍ୟାଳୟଙ୍କ ନାଁରେ ପାଣ୍ଠି ଆବଂଟନ କରିଥାନ୍ତି। ଯାହାକି ଲୋକାୟୁକ୍ତଙ୍କ ଦରମା , ଭତ୍ତା ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟୟ ପାଇଁ ଉପଯୋଗ ହୋଇଥାଏ। କିନ୍ତୁ ଏହି ପାଣ୍ଠି ଆବଂଟନ ଉପରେ ସିଏଜି ତାଙ୍କ ଅଡିଟ୍ ସମୟରେ ଆପତ୍ତି ଉଠାଇବା ସହ ପ୍ରଚଳିତ ବ୍ୟବସ୍ଥାରେ ଲୋକାୟୁକ୍ତଙ୍କ ଅଫିସ ପାଇଁ ବଜେଟରେ ପାଣ୍ଠି ଆବଂଟନ ପରିବର୍ତ୍ତେ ଲୋକାୟୁକ୍ତ ଗ୍ରାଣ୍ଟ(ଅନୁଦାନ) ଭାବେ ବଜେଟରେ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଯାହାକୁ ସଂଶୋଧିତ ଆଇନରେ ସାମିଲ କରାଯାଇଛି। ତେବେ ଏହି ବିଲ୍ ଉପରେ ଆଲୋଚନାବେଳେ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଆପତ୍ତି ଉଠାଇଥିଲେ। ସରକାର ଆଣିଥିବା ବିଲରେ 'ମୁଖ୍ୟଶାସନ' ମାନେ 'ମୁଖ୍ୟମନ୍ତ୍ରୀ' ବୋଲି ଉଲେଖ ଅଛି ବୋଲି କହିଥିଲେ। କିନ୍ତୁ ଏହାସତ୍ତ୍ୱେ ସରକାର ଏହି ବିଲକୁ ଗୃହରେ ପାରିତ କରାଇ ନେବାରେ ସକ୍ଷମ ହୋଇଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୮ - ୧୪ ଅଗଷ୍ଟ, ୨୦୨୨

# ଚୀନ୍‌କୁ ନେଇ ଚିନ୍ତାରେ ଅନେକ ରାଷ୍ଟ୍ର

ବିଶ୍ୱରେ ସଙ୍କଟ ବଢୁଥିଲା ବେଳେ ଦେଶରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରାଜନୀତି ଜୋର ଧରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନ୍ୟାସନାଲ ହେରାଲଡ୍ ଅଫିସ ସିଲ କରିବା ପରେ କଂଗ୍ରେସ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯାଉଛି। ଚୀନ ଚାରିଆଡୁ ତାଇୱାନକୁ ଘେରି ରଖିଥିଲାବେଳେ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ୯/୧୧ ର ଶତ୍ରୁକୁ ନିପାତ କରିଛି ଆମେରିକା। ଅଲକାଏଦା ମୁଖ୍ୟ ଅୟମାନ ଅଲଜବାହିରୀ ନିପାତ ହେବା ପରେ ଆମେରିକା ବିଶ୍ୱବ୍ୟାପୀ ଏହାର ନାଗରିକମାନଙ୍କୁ ସତର୍କ ରହିବା ପାଇଁ କହିଛି। ଆମେରିକା ଡ୍ରୋନ୍ ଆକ୍ରମଣରେ ଜବାହିରୀ ନିପାତ ହେବାପରେ ଆମେରିକୀୟ ନାଗରିକଙ୍କ ଉପରେ ବିପଦ ଆଶଙ୍କା ରହିଛି। ତେଣୁ ନିଜ ଦେଶର ନାଗରିକମାନଙ୍କୁ ସତର୍କ ରହିବାପାଇଁ ନିର୍ଦ୍ଦେଶନାମା ଜାରି କରିଛି ଆମେରିକା। ଆମେରିକା ବିଦେଶ ବିଭାଗ ଅନୁଯାୟୀ,ଆକ୍ରମଣ ପାଇଁ ଆକ୍ରମଣକାରୀ ଆତ୍ମଘାତୀ ଆକ୍ରମଣ, ହତ୍ୟା, ଅପହରଣ, ହାଇଜାକିଂ ଏବଂ ବିସ୍ଫୋରଣ ଭଳି ବିଭିନ୍ନ ପଦକ୍ଷେପ ଗ୍ରହଣ କରିପାରନ୍ତି। ବିଦେଶ ଯାତ୍ରା ସମୟରେ ଆମେରିକୀୟ ନାଗରିକ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାପାଇଁ ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି। ତାଇୱାନକୁ ନେଇ ଦୁଇ ମହାଶକ୍ତି ଚୀନ ଓ ଆମେରିକା ମଧ୍ୟରେ ତୀବ୍ର ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଛି। ଅନ୍ୟପକ୍ଷେ ଭାରତରେ ସ୍ୱାଧୀନତାର ୭୫ ବର୍ଷ ପାଳନ ଉପଲକ୍ଷେ ଦେଶର ସମସ୍ତ ନାଗରିକଙ୍କୁ ଅଗଷ୍ଟ ୨ରୁ ନିଜ ସୋସିଆଲ ମିଡିଆ ଡିପି (ଡିସପ୍ଲେ ପିକ୍‌ଚର)ରେ ତ୍ରିରଙ୍ଗା ରଖିବା ଏବଂ ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଉପରେ ତ୍ରିରଙ୍ଗା ଉଡାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସମେତ ସରକାରଙ୍କ ସହ ଜଡିତ ଅନେକ ଲୋକ ନିଜ ଡିପିରେ ତ୍ରିରଙ୍ଗା ଲଗାଇଛନ୍ତି। ରାହୁଲ ଓ ପ୍ରିୟଙ୍କା ମଧ୍ୟ ନିଜ ଡିପି ବଦଳାଇଛନ୍ତି। କିନ୍ତୁ କଂଗ୍ରେସ ନେତାମାନେ ନିଜ ସୋସିଆଲ ମିଡିଆ ଆକାଉଣ୍ଟ ଡିପିରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ହାତରେ ତ୍ରିରଙ୍ଗା ଧରିଥିବା ଫଟୋ ଲଗାଇଛନ୍ତି। ନେସନାଲ ହେରାଲଡ୍ ଅଫିସର ୟଙ୍ଗ ଇଣ୍ଡିଆନ ଅଫିସ ସିଲ ହେବାପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମୋଦୀ ସରକାର ବିରୋଧରେ ବର୍ଷିଛନ୍ତି। ରାହୁଲ କହିଛନ୍ତି, ତାଙ୍କ ଦଳ ନରେନ୍ଦ୍ର ମୋଦୀଙ୍କୁ ଭୟ କରୁନାହିଁ କିମ୍ବା କେନ୍ଦ୍ରର ଭୟ ସୃଷ୍ଟିକାରୀ ପଦକ୍ଷେପକୁ ଡରୁନାହିଁ। ଏଥିସହ ରାହୁଲ କହିଛନ୍ତି, ସେମାନେ ଆମ ଉପରେ ଚାପ ପକାଇ ଆମ ପାଟି ବନ୍ଦ କରିବାକୁ ଭାବୁଛନ୍ତି। କିନ୍ତୁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଭୟ କରୁନୁ, ସେମାନେ ଗଣତନ୍ତ୍ର ବିରୋଧରେ କାମ କରୁଛନ୍ତି। ଗଣତନ୍ତ୍ର ବିରୋଧୀ କାର୍ଯ୍ୟକୁ କଂଗ୍ରେସ ବିରୋଧ କରିବ। ଦେଶରେ ସଦଭାବ ବଜାୟ ରଖିବା ପାଇଁ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ଅହରହ କାମ କରିବେ ବୋଲି ରାହୁଲ କହିଛନ୍ତି। ଅନ୍ୟପକ୍ଷେ ବିଜେପି ଏହି ପ୍ରସଙ୍ଗରେ କଂଗ୍ରେସ ଓ ଗାନ୍ଧୀ ପରିବାରକୁ କଡା ସମାଲୋଚନା କରିଛି।

ସମ୍ପାଦକୀୟ
ତାରକ ମହାନ୍ତି



ଅନ୍ୟପଟେ ନେସନାଲ ହେରାଲଡ଼ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଜାରି ରଖିଛି। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ମଧ୍ୟ ଇଡି ଜେରା କରିଛି। ପୂର୍ବରୁ ତାଙ୍କୁ ସମନ କରିଥିଲା ଇଡି। ଏ ନେଇ ଶ୍ରୀ ଖଡଗେ ରାଜ୍ୟସଭାରେ ସୂଚନା ଦେଇଥିଲେ। ଇତିମଧ୍ୟରେ ନେସନାଲ ହେରାଲଡ଼ ସହ ଜଡିତ ଅଧିକାରୀ ଏବଂ ତୃତୀୟ ପାର୍ଟି ମଧ୍ୟରେ ହାୱାଲା କାରବାର ହୋଇଥିବା ନେଇ ଇଡିକୁ ପ୍ରମାଣ ମିଳିସାରିଛି। ୟଙ୍ଗ ଇଣ୍ଡିଆ ଲିମିଟେଡ଼ ଅଫିସ ପରିସରରେ ତଲାସୀ ଶେଷ ହେବା ପରେ ନେସନାଲ ହେରାଲଡ଼ ମାମଲାରେ ଇଡି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ। ଚଢ଼ଉ ସମୟରେ ଇଡିକୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜ ମିଳିଛି। ଅନ୍ୟପକ୍ଷେ ସମରାଭ୍ୟାସ ଆଳରେ ଚୀନ ଆତଙ୍କ ସୃଷ୍ଟି କରିଛି। ତାଇୱାନ ଚାରିପଟେ କ୍ଷେପଣାସ୍ତ୍ର ବର୍ଷା କରିଛି। ଆମେରିକା ସଂସଦ ଅଧ୍ୟକ୍ଷ ନାନସି ପେଲାସୀଙ୍କ ତାଇୱାନ ଗସ୍ତ ପରେ ଅଗ୍ନିମୁଖା ହୋଇଉଠିଛି ଚୀନ। ଗତ ଗୁରୁବାର ଠାରୁ ଦ୍ୱୀପଦେଶ ତାଇୱାନକୁ ଚାରି ପଟୁ ଘେରି ଛଅଟି ଅଞ୍ଚଳରେ ବୃହତ୍ତମ ସମରାଭ୍ୟାସ ସହ ଗୁଳିଗୋଳା ବର୍ଷଣ କରିଛି। ତୁହାକୁ ତୁହା ତାଇୱାନ ଜଳରାଶିରେ ସମୁଦ୍ର ଭିତରକୁ କ୍ଷେପଣାସ୍ତ୍ର ମାଡ଼ ମଧ୍ୟ କରାଯାଉଛି। ଚୀନ ଦାବି କରିଛି ଯେ,ସେ ବାଲିଷ୍ଟିକ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ତାଇୱାନ ଏହାକୁ ବେଆଇନ, ଦାୟିତ୍ୱହୀନ ଓ ଜାତିସଂଘ ନିୟମର ଉଲ୍ଲଂଘନ ବୋଲି ଅଭିଯୋଗ କରିଛି। ଚୀନ-ତାଇୱାନ ପ୍ରସଙ୍ଗରେ ଭାରତକୁ ଚେତାବନୀ ଦେଇଛି ଚୀନ। କହିଛି, ଭାରତ ତାଇୱାନ ପ୍ରସଙ୍ଗରୁ ଦୂରେଇ ରହୁ। ଏଥିସହ ଚୀନ କହିଛି, ଭାରତ ତା'ର 'ୱାନ ଚାଇନା' ନୀତିରେ କାଏମ ରହିବାକୁ ହେବ ଏବଂ ତାଇୱାନ ପ୍ରସଙ୍ଗରୁ ନିଜକୁ ଦୂରେଇ ରହିବାକୁ ହେବ ବୋଲି ନୂଆଦିଲ୍ଲୀ ସ୍ଥିତ ଚୀନ ଦୂତାବାସ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି। ଭାରତ ଏହି ମାମଲାରେ ଆମେରିକାର ପଦାଙ୍କ ଅନୁସରଣ କରିବା ଠିକ ହେବନାହିଁ ବୋଲି ମଧ୍ୟ ଚୀନ ଚେତାଇ ଦେଇଛି। କଂଗ୍ରେସ ସାଂସଦ ମନୀଷ ତିୱାରୀ କହିଥିଲେ ଯେ, ଭାରତ ତାଇୱାନକୁ ସାଂସଦଙ୍କ ଏକ ପ୍ରତିନିଧି ଦଳ ପଠାଇବା ଉଚିତ। କଂଗ୍ରେସ ସାଂସଦ ଶଶୀ ଥରୁର ମଧ୍ୟ ଭାରତ ତାଇୱାନ କାର୍ଡ଼ ଖେଳିବା ଉଚିତ ବୋଲି କହିଥିଲେ। ଏଭଳି ବୟାନ ପରେ ଚୀନ ଦୂତାବାସ ପକ୍ଷରୁ ଭାରତକୁ ଚେତାବନୀ ଦେଇ ଏଭଳି ବିବୃତି ଜାରି କରାଯାଇଛି। ଅନ୍ୟ ଏକ ପ୍ରସଙ୍ଗ ହେଉଛି,ଚୀନର ଏକ ବିଶାଳ ଜାହାଜ ଏବେ ଶ୍ରୀଲଙ୍କା ମୁହାଁ ହୋଇଛି। ଆସନ୍ତା ଅଗଷ୍ଟ ୧୧ରେ ଦକ୍ଷିଣ ଶ୍ରୀଲଙ୍କାର ହମ୍ବନତୋଟା ବନ୍ଦରରେ ଚୀନର ଏକ ବିଶାଳ ଗବେଷଣା ଜାହାଜ ପହଞ୍ଚିବ। ଭାରତ ଏଥିପାଇଁ ଚିନ୍ତା ପ୍ରକଟ କରିଛି ଏବଂ ଏଦିଗରେ ସତର୍କ ନଜର ରଖିଛି। ଚୀନ ଦ୍ୱାରା ପରିଚାଳିତ ଏକ ବନ୍ଦରରେ ଚୀନ ସାମରିକ ପ୍ରତିଷ୍ଠାନ ଯାଞ୍ଚ କରିପାରୁଥିବା ଜାହାଜ ମୁତୟନ କରିବ। ତେଣୁ ଭାରତ ଏଥିପାଇଁ ଚିନ୍ତା ପ୍ରକଟ କରିଛି। ଶ୍ରୀଲଙ୍କା ପ୍ରତିରକ୍ଷା ମନ୍ତ୍ରାଳୟ ମୁଖପାତ୍ର କର୍ନେଲ ନଳୀନ ହେରାଥ କହିଛନ୍ତି, ଶ୍ରୀଲଙ୍କା ଭାରତର ଚିନ୍ତାକୁ ବୁଝିପାରୁଛି କିନ୍ତୁ ଏହା ଏକ ରୁଟିନ କାର୍ଯ୍ୟକ୍ରମ। ଭାରତ, ଚୀନ, ରୁଷ, ଜାପାନ, ମାଲେସିଆର ଜାହାଜଗୁଡାକ ପାଇଁ ବିଭିନ୍ନ ସମୟରେ ଅନୁରୋଧ କରାଯାଇଥାଏ। ତେଣୁ ଆମେ ଚୀନକୁ ଅନୁମତି ଦେଇଛୁ। କେବଳ ପରମାଣୁ ଶକ୍ତିସମ୍ପନ୍ନ ଜାହାଜକୁ ଆମେ ଅନୁମତି ଦେଇନଥାଉ ବୋଲି କହିଛି ଶ୍ରୀଲଙ୍କା। ଅନ୍ୟପକ୍ଷରେ ଆମେରିକା ସଂସଦ ବାଚସ୍ପତି ନାନ୍ସି ପେଲୋସି ତାଇୱାନ ପରେ ଜାପାନ ଗସ୍ତରେ ଯାଇ ଚୀନ୍ ବିରୋଧୀ ବୟାନ ଦେଇଥିବାରୁ ଏଥିରେ ଚୀନ୍ ଅଧିକ ଉଗ୍ର ହୋଇଉଠିଛି। ତାଇୱାନ ଚାରିପଟେ ବୃହତ୍ତମ ସମରାଭ୍ୟାସ ଆରମ୍ଭ କରିଥିବା ଚୀନ୍ ଜାପାନକୁ ଟାର୍ଗେଟ କରି ୫ଟି ବାଲାଷ୍ଟିକ କ୍ଷେପଣାସ୍ତ୍ର ମାଡ କରିଛି। ଜାପାନର ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଅଞ୍ଚଳରେ ଏହି କ୍ଷେପଣାସ୍ତ୍ର ମାଡ ହୋଇଥିବା ଜାପାନ ଅର୍ଥମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚୀନ୍‌ର ଏଭଳି ଆକ୍ରମଣର ଜବାବ ଦେବାକୁ ଜାପାନ ପ୍ରସ୍ତୁତ ଅଛି ଏବଂ ଖୁବ୍‌ଶୀଘ୍ର ଚୀନ୍ ଏହାର ପରିଣାମ ଦେଖିବାକୁ ପାଇବ ବୋଲି ଜାପାନ ସ୍ପଷ୍ଟ କରିଦେଇଛି। ଯାହା ଜଣାପଡୁଛି ଆଗକୁ ବଡ ଯୁଦ୍ଧ ହୋଇପାରେ। ଚୀନ୍‌ର ମୁକାବିଲା ଲାଗି ତାଇୱାନର ମିତ୍ର ରାଷ୍ଟ୍ରମାନେ ଏବେ ଚିନ୍ତାରେ ଅଛନ୍ତି।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆମେରିକାର ମୂଳନିବାସୀ ଷଡଯନ୍ତ୍ର



ସୌମେନ୍ଦ୍ର ଜେନା

ଭାରତ ଏକ ପ୍ରାଚୀନ ସଭ୍ୟତାର ଦେଶ। ଏ ଦେଶର ସାମାଜିକ ବ୍ୟବସ୍ଥା ସମୟର ଆବଶ୍ୟକତାକୁ ନେଇ ହୋଇଆସିଛି। ଆଜିର ତଥାକଥିତ ପାଶ୍ଚାତ୍ୟ ବିଶ୍ୱର ଲୋକେ ୫୦୦୦ବର୍ଷ ତଳେ କେଉଁଠି ଥିଲେ, କଣ କରୁଥିଲେ କିମ୍ବା ସେ ସମୟରେ ତାଙ୍କର କି କି ବୌଦ୍ଧିକ ରଚନା ଥିଲା, ସେ ସଂପର୍କରେ କହିବା କଷ୍ଟକର। ଅଥଚ ବର୍ତ୍ତମାନ ସେମାନେ ପୃଥିବୀର ସବୁ ବ୍ୟବସ୍ଥାକୁ ନିନ୍ଦା କରିବା ସହ ଆପେ ଚଉଦ ପା ବୋଲି କହିବାରେ ବ୍ୟସ୍ତ। ସେମାନଙ୍କ ସେହି ଷଡଯନ୍ତ୍ର ଆଧାରିତ ଅଭିଯାନରେ ଭାରତୀୟ ଦଲାଲମାନେ ମଧ୍ୟ ଅର୍ଥ ଲୋଭରେ ସାମିଲ ହୋଇଛନ୍ତି । କଥାରେ ଅଛି 'ମଲୁ ଖୋଜୁଥିଲା ଯାହା- ବଇଦ କହିଲା ତାହା' ପରି ସୁବିଧାବାଦୀ ଲୋକମାନଙ୍କ ପାଇଁ ଆମେରିକାର ଷଡଯନ୍ତ୍ରରେ ସାମିଲ ହୋଇ ଭାରତ ବିରୋଧୀ କାର୍ଯ୍ୟ ପାଇଁ ବେଶ୍ କିଛି ଡଲାର ଲାଭ କରିବାର ସୁଯୋଗ ମିଳୁଛି, ଯାହା ସେମାନଙ୍କ ପାଇଁ ବଡକଥା ହୋଇଛି। ଯେଉଁ ସମୟରେ ପାଶ୍ଚାତ୍ୟ ଲୋକମାନଙ୍କର ସଭ୍ୟତା ସୃଷ୍ଟି ହୋଇନଥିଲା, ସେତେବେଳେ ଭାରତର ଲୋକେ ସାମାଜିକ ବିଧିବ୍ୟବସ୍ଥା ନିର୍ମାଣ କରିଥିଲେ। ଯେତେବେଳେ ପାଶ୍ଚାତ୍ୟ ଲୋକେ ଜଙ୍ଗଲରେ ପଶୁବତ ଜୀବନଯାପନ କରୁଥିଲେ ସେ ସମୟରେ ଭାରତରେ ବେଦ, ପୁରାଣ ଆଦିର ରଚନା ହୋଇଥିଲା। ଅଥଚ ସେହି ଲୋକେ ଆଜି ତଥାକଥିତ ଅହଂକାରକୁ ପ୍ରଦର୍ଶିତ କରିବା ପାଇଁ ଭାରତର ହଜାର ହଜାର ବର୍ଷର ସାମାଜିକ ବିଧିବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବାରେ ବ୍ୟସ୍ତ। ଭାରତର ଜାତି ବ୍ୟବସ୍ଥାକୁ ଜାଣିନଥିବା ଲୋକେ ଏବେ ହାତରେ କାତିଧରି ଦୌଡିବାରେ ଲାଗିଛନ୍ତି। ମୂଳନିବାସୀ ଷଡଯନ୍ତ୍ର ମାଧ୍ୟମରେ ଭାରତର ବର୍ତ୍ତମାନର ଗଣତନ୍ତ୍ର ଶାସନ, ବିଧିବ୍ୟବସ୍ଥାକୁ ନିନ୍ଦା କରିବାରେ ଲାଗିଛନ୍ତି।

ଭାରତର ଜାତି ବ୍ୟବସ୍ଥା ବିରୋଧରେ ଆମେରିକାରେ ବ୍ୟାପକ ପ୍ରଚାର ପାଇଁ ୨୦୧୬ରେ ଇକ୍ୱାଲିଟୀ ଲାବ୍‌ସ ନାମରେ ଏକ ସଂଗଠନ ଗଢାଯାଇଥିଲା । ଏହା ଆରମ୍ଭ କରିଥିବା ବ୍ୟକ୍ତିଜଣକ ଥିଲେ ଆମେରିକା ଜନ୍ମିତ ଜଣେ ଦକ୍ଷିଣ ଭାରତୀୟ ନାମଧାରୀ ଥେନ୍‌ମୋଝୀ ସୌନ୍ଦରରାଜନ୍। ସେ ନିଜକୁ ଏବେ ବି ଦଳିତ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ପରିଚୟ ଦେଇ ଭାରତର ଅପମାନ କରିବା ଏବଂ ବ୍ରିଟିଶ ଲୋକମାନଙ୍କ ଗୁଣଗାନକୁ ନିଜର ଧ୍ୟେୟ ଭାବେ ଗ୍ରହଣ କରିଛନ୍ତି । ଇଂରେଜମାନଙ୍କର ଭାରତ ସଂପର୍କରେ ରହିଥିବା ଦୃଷ୍ଟିକୋଣକୁ ଏହି ସଂଗଠନ ଆମେରିକାରେ ସ୍ୱୀକୃତି ଦେବାରେ ଲାଗିପଡିଛି। ଏହି ସଂଗଠନର ରାଜନୈତିକ ନିର୍ଦ୍ଦେଶିକା ଭାବେ ଗତବର୍ଷ ମାର୍ଚ୍ଚ (୨୦୨୨) ଯାଏ କାର୍ଯ୍ୟ କରିଥିବା ଶର୍ମିନ ହୋସେନ ହେଉଛନ୍ତି ଜଣେ ବଙ୍ଗାଳାଦେଶୀ ଆମେରିକୀୟ। ଏପ୍ରିଲ ୨୦୨୧ରେ ସେ ନିଜର ଅନ୍ୟ ଏକ ସଂଗଠନ କ୍ୟୁଅର କ୍ରିସେଣ୍ଟ ଗଠନ କଲେ। ଯାହା ଏବେ ତୃତୀୟଲିଙ୍ଗୀ ଏବଂ ମୁସଲମାନଙ୍କ ପାଇଁ କାର୍ଯ୍ୟକରୁଛି। ୨୦୧୮ରେ ଭାରତ ବିରୋଧୀ କେତେକ ଆମେରିକାର ଏନ୍‌ଜିଓ ଆଇଏଏମ୍‌ସି, ଓଏଫ୍‌ଏମ୍‌ଆଇ ଏବଂ ହିନ୍ଦୁଜ ଫର ହ୍ୟୁମାନ ରାଇଟ୍ସ, ଆଲାଏନ୍ସ ଫର ଜଷ୍ଟିସ ଏଣ୍ଡ ଆକାଉଣ୍ଟାବିଲିଟୀକୁ ନେଇ ଏକ ମେଣ୍ଟଗଠନ କରାଯାଇଥିଲା । ଓଏମ୍‌ଏଫ୍‌ଆଇ ଏବଂ ଆଇଏମ୍‌ଆଇର ଖାଲିସ୍ଥାନୀ ଭଜନ ସିଂହ ଭିଣ୍ଡର ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି । ଭଜନସିଂହ ଓରଫ ଇକ୍‌ବଲ ଚୌଧୁରୀ ପିଟର ଫ୍ରେଡେରିକ୍ ନାମକ ଜଣେ ଆତ୍ମଘୋଷିତ ବିଶେଷଜ୍ଞ ସହ ମିଶି ଭାରତ ବିରୋଧୀ ପ୍ରଚାର ଆମେରିକାରେ ଚଳାଇ ଆସିଥିବା କଥା ପୂର୍ବର ସ୍ତମ୍ଭଲେଖରେ ଆମେ ବ୍ୟାପକ ଚର୍ଚ୍ଚା କରିସାରିଛୁ।

ଜୁଲାଇ ୨୦୨୦ରେ କାଲିଫର୍ଣ୍ଣିଆର ଡିପାର୍ଟମେଣ୍ଟ ଅଫ୍ ଫେଆର ଏମ୍ପ୍ଲୟମେଣ୍ଟ ଏଣ୍ଡ୍ ହାଉସିଂରେ କାର୍ଯ୍ୟରତ ଦୁଇଜଣ ଭାରତମୂଳର କର୍ମଚାରୀ ଏବଂ ଆଇଟି ଫାର୍ମ ସିସ୍‌କୋ ସିଷ୍ଟମ୍ସ ଇନ୍‌କର୍ପୋରେସନ ବିରୁଦ୍ଧରେ ଜଣେ ଭାରତୀୟ ମୂଳର କର୍ମଚାରୀଙ୍କୁ ଜାତିଗତ ଆଧାରରେ ବାଛବିଚାର କରାଯାଉଥିବା ନେଇ ଅଭିଯୋଗ ଅଣାଗଲା । ସେଥିରେ ଉଲ୍ଲେଖ କରାଗଲା ଯେ ନଭେମ୍ବର ୨୦୧୬ ଆରମ୍ଭରୁ ଜନ୍‌ଡୋ ନାମକ କମ୍ପାନୀର ଜଣେ ଦଳିତ କର୍ମଚାରୀ ତାଙ୍କ ଦୁଇ ଭାରତୀୟ ମୂଳର ସହକର୍ମୀ ସୁନ୍ଦର ଆୟାର ଏବଂ ରମନ୍ନା କୋମ୍ପେଲାଙ୍କ ଦ୍ୱାରା ଜାତିଗତ ବାଛବିଚାରର ଶିକାର ହୋଇଆସୁଛନ୍ତି। ଏହି ଅଭିଯୋଗରେ ଇକ୍ୱାଲିଟୀ ଲାବ୍ସର ୨୦୧୮ର ରିପୋର୍ଟ ବିଷୟରେ ଉଲ୍ଲେଖ କରାଯାଇଥିଲା । ଏହାପରେ ଥେନ୍‌ମୋଝି ସୌନ୍ଦରରାଜନ୍ ଅନେକଗୁଡିଏ ମିଡିଆରେ ମୁହଁ ଦେଖାଇ ଏହି ବିଷୟରେ ଭାଷଣ ଦେବାକୁ ଲାଗିଲା।

ଆମେରିକାର ଇକ୍ୱାଲିଟୀ ଲାବ୍ସ କେବଳ ଯେ ଜାତିଗତ ବିଷୟକୁ ଖାଲି ଆଲୋଚନା କଲା ତାହା ନୁହେଁ, ଭାରତର ଅନେକଗୁଡିଏ ଆଭ୍ୟନ୍ତରୀଣ ମାମଲାକୁ ନେଇ ସମାଲୋଚନା କରିବା ସହ ଭାରତ ସରକାରଙ୍କର ନିନ୍ଦା କରିବାକୁ ଲାଗିଲା। ଭାରତରେ ନାଗରିକ ସଂହିତା ଆଇନକୁ କେନ୍ଦ୍ରକରି ପ୍ରତିବାଦ ହେବା ସମୟରେ ଏହି ସଂସ୍ଥା ଆମେରିକାରେ ସକ୍ରୀୟ ଭାବେ ସିଏଏ, ଏନ୍‌ଆର୍‌ସି, ଏନ୍‌ଆର୍‌ପିକୁ ଗଣହତ୍ୟା ସହ ତୁଳନା କରି ଏକ ପ୍ରଚାରପତ୍ର ଛାପି ବାଣ୍ଟିବାକୁ ଲାଗିଲା।

ଭାରତ ବିରୋଧୀ ପ୍ରଚାର ପାଇଁ ସଂଗଠନ ଏକ ଟୁଲ୍‌କିଟ "ଅର୍ଗାନାଇଜିଂ ଏଗେନଷ୍ଟ ହିନ୍ଦୁ ଫାସିଜମ୍" ଶୀର୍ଷକରେ ଛାଡିଲା, ଯାହା ବିକ୍ଷୋଭ ସଂଗଠିତ କରିବା ସହ ଭାରତ ସରକାରଙ୍କ ବିରୋଧରେ ଅନ୍‌ଲାଇନରେ ପ୍ରଚାର ଅଭିଯାନ ଚଳାଇଲା। ଏଥିରେ ବିଶ୍ୱବ୍ୟାପି ଭାରତୀୟ କୂଟନୀତିକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଲା। ଏହି ଟୁଲକିଟ୍‌ର ପାସ୍ ୱାର୍ଡ ରହିଲା ରିଜେକ୍ଟସିଏଏ । ଏହି ଟୁଲ୍‌କିଟ କେତେକ ସମ୍ବାଦ ସଂସ୍ଥା ଏବଂ ସଂଗଠନର ନାମ ଉଲ୍ଲେଖ କରି ସେମାନଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଲା। ତେବେ ଚକିତ ହେବାର ବିଷୟ ହେଲା ଯେ ଏହି ଟୁଲ୍‌କିଟ ନିକଟରେ ହିନ୍ଦୁ ବିରୋଧୀ ମୁସଲମାନ ଦଙ୍ଗାକୁ ପ୍ରୋତ୍ସାହିତ କରି ଜେଲଯାଇଥିବା ଜୁବେରର ଅଲ୍ଟ ନିଉଜ୍ ନାମର ମଧ୍ୟ ଏହି ତାଲିକାରେ ରହିଥିଲା। ଏହାଛଡା ଇଣ୍ଟରନେଟ ଫ୍ରିଡମ ଫାଉଣ୍ଡେସନ୍ସ, ଦି ସଫ୍ଟୱେର ଫ୍ରିଡମ ଲ ସେଣ୍ଟର (ଏମ୍‌ଏଫଏଲସି) ସଂସ୍ଥାର ନାମ ମଧ୍ୟ ତାଲିକାରେ ଥିଲା।

ଆମେରିକାରେ ଭାରତ ବିରୋଧୀ ମୂଳନିବାସୀ ତତ୍ତ୍ୱଟିର ପ୍ରଚାର -ପ୍ରସାରରେ ଲାଗିପଡିଥିବା ଅନ୍ୟ ଏକ ସଂଗଠନ ହେଉଛି ଆତ୍ମଘୋଷିତ ଦକ୍ଷିଣ ଏସିଆ ବିଶେଷଜ୍ଞ ପିଟର ଫ୍ରେଡେରିକ ଏବଂ ତାର ସହଯୋଗୀ ଖାଲିସ୍ଥାନ ସନ୍ତ୍ରାସବାଦୀ ଭଜନ ସିଂହ ଭିଣ୍ଡର । ଗତ ନବେ ଦଶକରେ ଭିଣ୍ଡର ଭାରତରେ ସନ୍ତ୍ରାସବାଦ ପାଇଁ ପାକିସ୍ଥାନର ଆଇଏସ୍‌ଆଇ ସହଯୋଗରେ ଭାରତକୁ ଅସ୍ତ୍ରଶସ୍ତ୍ର ପଠାଉଥିଲା। ଏମାନଙ୍କ ସହ ସଂପର୍କରେ ଥିବା ଭାରତର ଦଲାଲ ହେଲା ହାଇଦ୍ରାବାଦରେ ସଂଖ୍ୟାଲଘୁ ସଂପ୍ରଦାୟ କର୍ମଚାରୀ ଫେଡେରେସନର ଉପ ସଭାନେତ୍ରୀ ଥିବା ଡାକ୍ତର ମନିଷା ବାଙ୍ଗର। ସେ ନିଜର ଏକ ରାଜନୈତିକ ଦଳ ପିପୁଲ୍ସ ପାର୍ଟି ଅଫ୍ ଇଣ୍ଡିଆ ଗଠନ କରି ୨୦୧୯ ଲୋକସଭା ନିର୍ବାଚନରେ ନାଗପୁରରୁ ନିଜ ଦଳ ପକ୍ଷରୁ ଲଢିଥିଲା। ଆମେରିକା ଓ କାନାଡାରେ ଭାରତର ଜାତିବାଦ ସଂକ୍ରାନ୍ତରେ ବଡ ସମାଲୋଚିକା ହେଉଛି ବାଙ୍ଗର। ସେ ଖାଲିସ୍ଥାନୀ ଭଜନ ସିଂହ ଭିଣ୍ଡର, ପିଟର ଫ୍ରେଡେରିକ ସହ ମିଶି କାର୍ଯ୍ୟ କରିଥାଏ। ଗତବର୍ଷ ୨୦୨୧ ଫେବୃଆରୀ ମାସରୁ ବନ୍ଦଥିବା ଓଏମ୍‌ଏଫ୍‌ଆଇ ସଂଗଠନର ସଦସ୍ୟା ରହିଥିଲା। ପିଟର ଫ୍ରେଡେରିକ ସହ ମିଶି ଆମେରିକାରେ ଭାରତ ବିରୋଧୀ ବିକ୍ଷୋଭରେ ମନିଷା ସାମିଲ ହୋଇଥାଏ। ଭାରତ ଏବଂ ବିଶେଷକରି ହିନ୍ଦୁମାନଙ୍କୁ ଟାର୍ଗେଟ କରି ଆମେରିକାରୁ କାର୍ଯ୍ୟ କରୁଥିବା ଏହିସବୁ ସଂଗଠନଗୁଡିକ ଇସଲାମିକ ଗୋଷ୍ଠୀ ସାଉଣ୍ଡ ଭିଜନ ଏବଂ ତାର ଜନମତ ସୃଷ୍ଟିକାରୀ ପାକ୍ ସମର୍ଥିତ ଗୋଷ୍ଠୀ ଜଷ୍ଟିସ ଫର ଅଲ୍ (ଜେଏଫ୍‌ଏ) ସହ ସାମିଲ ହୋଇ କାର୍ଯ୍ୟ କରିଥାଏ।

ଗତ କିଛିବର୍ଷ ହେବ ପାଶ୍ଚାତ୍ୟ ଜଗତରେ ଭାରତ ବିରୋଧରେ ଇସଲାମ ବିରୋଧୀ ଭାବମୂର୍ତ୍ତିର ପ୍ରଚାର ପାଇଁ 'ଇସଲାମଫୋବିଆ'ର ଇଂରାଜୀ ଶବ୍ଦଟିକୁ ଇସଲାମିକ୍ ସଂଗଠନଗୁଡିକ ବ୍ୟାପକ ଭାବେ ବ୍ୟବହାର କରିଆସୁଛନ୍ତି । ୨୦୧୯ରେ ଇସଲାମଫୋବିଆ ଇନ୍ ଇଣ୍ଡିଆ ଶୀର୍ଷକରେ ଭାରତ ବିରୋଧୀ ପ୍ରଚାର ଟ୍ୱିଟର ମାଧ୍ୟମରେ ଜୋରଦାର କରାଯାଇଥିଲା । ପାକିସ୍ଥାନର ସାଇବର ପ୍ରଚାରକ ଦଳ ଏହାକୁ ଆରବ ଜଗତର ପ୍ରମୁଖ ବ୍ୟକ୍ତିମାନଙ୍କ ନାମ ସହ ଯୋଡି ଜାଲି ଆକାଉଣ୍ଟ ମାଧ୍ୟମରେ ପ୍ରଚାର ଚଳାଇଥିଲେ, ଯାହା ପରବର୍ତ୍ତୀ ସମୟରେ ଧରାପଡିଯାଇଥିଲା । ଉତ୍ତରପୂର୍ବ ରାଜ୍ୟ ଅନ୍ତର୍ଗତ ଆସାମ ଏବଂ ତ୍ରିପୁରାରେ ବେଆଇନ ଅନୁପ୍ରବେଶକାରୀଙ୍କୁ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ହଟାଇବା ସମୟରେ ପୋଲିସ ସହ ସେମାନଙ୍କର ପ୍ରବଳ ସଂଘର୍ଷ ହୋଇଥିଲା। ଜମିଦଖଲକାରୀ ଏବଂ ବଙ୍ଗଳାଦେଶୀଙ୍କ ସମର୍ଥନରେ ଟ୍ୱିଟରରେ ଦୁଇଟି ପ୍ରଚାର ହ୍ୟାଣ୍ଡଲ ଇଣ୍ଡିଆ କିଲିଙ୍ଗମୁସଲିମ୍ସ ଏବଂ ବୟକଟ ଇଣ୍ଡିଆନ ପ୍ରଡକ୍ଟସ୍ ଯୋଜନାବଦ୍ଧ ଭାବରେ ଆରବ ଜଗତରେ ମୁସଲିମ ବ୍ରଦରହୁଡ ଏବଂ ପାକିସ୍ଥାନୀ ସାଇବର ପ୍ରଚାରକାରୀ ଦଳ ଅକ୍ଟୋବର ୨୦୨୧ରେ ଏହାକୁ ପାଶ୍ଚାତ୍ୟ ଜଗତରେ ଖେଳାଇବାକୁ ଢେର ଅଧିକ ପ୍ରୟାସ କରିଥିଲେ। ଗତ ଅକ୍ଟୋବର -ନଭେମ୍ବର ୨୦୨୧ରେ ତ୍ରିପୁରାରେ ସ୍ଥାନୀୟ ହିଂସାକାଣ୍ଡ ଘଟିଥିଲା। ସେତିକିବେଳେ ଆମେରିକାର ଶେଖ ଉବୈଦ ସହ ଏହି ସମାନ ଗୋଷ୍ଠୀ ସୋସିଆଲ ମିଡିଆରେ ଭାରତ ବିରୋଧୀ ପ୍ରଚାରକୁ ବ୍ୟାପକ କରିଥିଲେ। ପରେ ତ୍ରିପୁରା ପୋଲିସ ସାମାଜିକ ଶାନ୍ତିଭଙ୍ଗ ଅଭିଯୋଗରେ ୧୦୦ଟି ସୋସିଆଲ ମିଡିଆ ହ୍ୟାଣ୍ଡଲକୁ ଧରିଥିଲା ସେଥିରେ ଗୋଟିଏ ଆମେରିକାର ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ଥିଲା ଯାହା ଶେଖ ଉବୈଦର ସଂସ୍ଥା। ଭାରତରେ "ଇସଲାମଫୋବିଆ" ବିଷୟଟିକୁ ଜୋରଦେବାକୁ "ଦି ଡକୁମେଣ୍ଟେସନ ଅଫ୍ ଅପ୍ରେସଡ୍ "(ଡୋଟୋ) ନାମରେ ଏକ ଡାଟାବେସ୍ ୨୦୧୭ରେ ଆରମ୍ଭ ହୋଇଥିଲା। ଏଥିରେ ଅନେକ ତ୍ରୁଟିପୂର୍ଣ୍ଣ ଢଙ୍ଗରେ ମନଗଢା ତଥ୍ୟସବୁ ରଖାଯାଇଥିଲା ଯାହାକୁ ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ, ଇଣ୍ଡିଆନ ଆମେରିକାନ କାଉନସିଲ ଫର୍ ସୋସିଆଲ ଜଷ୍ଟିସ ଯାହା ଶେଖ ଉବୈଦର ଆଇଏଏମ୍‌ସିର ଏକ ସହଯୋଗୀ ସଂସ୍ଥାମାନେ ବ୍ୟବହାର କରିଥିଲେ । ଆମେରିକାରେ ଥିବା ଅନ୍ୟ ଏକ ପାକ୍ ସହଯୋଗୀ ଇସଲାମିକ ସଂସ୍ଥା ଜଷ୍ଟିସ୍ ଫର୍ ଅଲ୍ "ସେଭ ଇଣ୍ଡିଆ" ପ୍ରକଳ୍ପ ମାଧ୍ୟମରେ ଡୋଟୋର ତଥ୍ୟକୁ ନେଇ ଭାରତ ବିରୋଧୀ ଅପପ୍ରଚାରରେ ମାତିଥିଲା। ଡୋଟୋର ତଥ୍ୟକୁ ଭାରତରେ ଓପନ ସୋସାଇଟୀ ଫାଉଣ୍ଡେସନର ହର୍ଷ ମନ୍ଦେର ନାମକ ଅନ୍ୟ ଏକ ଦଲାଲ ଢେର ଅଧିକ ପ୍ରଚାର କରିଥିଲା । ଭାରତର ଭାବମୂର୍ତ୍ତିକୁ ଖରାପ କରିବାକୁ ଆମେରିକାର ମୂଳନିବାସୀ ଷଡଯନ୍ତ୍ରରେ ସାମିଲ ଇସଲାମିକ ଗୋଷ୍ଠୀ ସହ ଖାଲିସ୍ଥାନୀ ଏବଂ ସେମାନଙ୍କ ଅର୍ଥରେ ଭାରତରେ କାର୍ଯ୍ୟରତ ଏନ୍‌ଜିଓ ଦଲାଲମାନେ ଆପଣା ଆପଣା ପକେଟ ଭରିବାରେ ଦିନରାତି ଲାଗିପଡିଛନ୍ତି। ଭାରତର ଜନସାଧାରଣ ସୋସିଆଲ ମିଡିଆ ବ୍ୟବହାର ସମୟରେ ଏମାନଙ୍କର ଷଡଯନ୍ତ୍ର ପ୍ରତି ସତର୍କ ରହିବା ଆବଶ୍ୟକ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମୋଟା ବୁଦ୍ଧିଆର ଅନେକ ପ୍ରଶ୍ନବାଚୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଜ୍ଞାନୀ, ଅତିଜ୍ଞାନୀ, ମହାଜ୍ଞାନୀଙ୍କର ବର୍ତ୍ତମାନ ବହୁ ମୂଲ୍ୟାୟନ। ସେମାନଙ୍କର କାର୍ଯ୍ୟାବଳୀର ବହୁ ପ୍ରଶଂସା। ପୂର୍ବେ ରାଜାମାନେ ତାଙ୍କର ପରାମର୍ଶ ଦାତା ରୂପେ ପୁରୋହିତ, ମନ୍ତ୍ରୀ, ସଚିବ, କଟୁଆଳ, ସେନାପତି, ଚିକିତ୍ସକ, ଯନ୍ତ୍ରୀ ପରି ସ୍ଥାୟୀ ପଦବୀରେ ଚାକିର କରି ପାରିଷଦ ମଣ୍ଡନ କରୁଥିଲେ। ସମୟାନ୍ତରକୁ ଅନ୍ୟ ରାଜ୍ୟ ବା ଦେଶରୁ ବିଶେଷଜ୍ଞାନୀଙ୍କ ପରାମର୍ଶ ଲୋଡ଼ୁଥିଲେ। ତାଙ୍କର ଉପଦେଶ କାର୍ଯ୍ୟବଳୀ ପାଇଁ ଯଥେଷ୍ଟ ଧନ ଉପଢ଼ୌକନ ଦେଉଥିଲେ ଆବଶ୍ୟକ ମନେ କରୁଥିଲେ ତାଙ୍କୁ ଜମିଜମା ଘର ଦେଇ ସ୍ୱ ରାଜ୍ୟର ବାସିନ୍ଦା କରାଇ ନେଉଥିଲେ। ଏମିତି କିଛି କାର୍ଯ୍ୟ ଉପସ୍ଥିତି ହୁଏ ଯାହା ସେ ସ୍ଥାନରେ ଅଭିଜ୍ଞ ମାନଙ୍କର ଭାବନା ବାହାରେ ଥାଏ। ଏ ପାଇଁ ପାର୍ଶ୍ୱଦେଶ ରାଜ୍ୟ ବା ମିତ୍ର ରାଜ୍ୟ ରାଜାଙ୍କୁ ଏପରି ଅଭିଜ୍ଞଙ୍କୁ ପଠାଇବାକୁ ନିବେଦନ କରାଯିବାର ପ୍ରମାଣ ମିଳୁଛି। ଦେଖନ୍ତୁ ମାଟି ଥରାଇ ରେଲଗାଡ଼ି ଏବେ ବଭିନ୍ନ ଷ୍ଟେସନରୁ ଯାଆସ କରୁଛି। ପୂର୍ବେ ଯେତେ ଗାଡ଼ି ଚାଲୁଥିଲା ଏବେ ଅନେକ ଗାଡ଼ି ଦ୍ରୁତଗାମୀ ଗାଡ଼ି ଓ ଅନେକ ବଗି, ଓଜନଦାର ମାଲଗାଡ଼ି ବିଭିନ୍ନ ସ୍ଥାନ ପାରି ହେଉଛି। ଏଥିରେ ଶବ୍ଦ ଓ ଚାପ ସେ ଭୂମିରେ କେତେ ପଡୁଛି। ଏଇ ସମୟ ନିର୍ମାଣ ମାଟି ସମ୍ବନ୍ଧ ନାହିଁ ଖାଲି ବାଲିକୁ ମାଟି ଉପରକୁ ନଭଶ୍ଚୁମ୍ବୀ ନିର୍ମାଣ। ଏଣେ ମାଟି ତଳୁ ଶୋଷି ଜଳ ପାଇପ ନଳ ଯୋଗେ ଇଲେକ୍ଟ୍ରି ମଟରରେ ଉଠାଯାଉଛି। ଏଥିରେ ବିଭିନ୍ନ ସ୍ଥାନ ସବୁର ନିର୍ମାଣ ଦୀର୍ଘଜୀବୀ ରହିବକି ପୂର୍ବେ ମାଟିଘର ପାଖରେ ଚୁଆ ପୋଖରୀ ଖୋଳି କାଦୁଅ ଚକଟି ମାଟି ମୂଳ ହୁଡ଼ା ମାଟି କାନ୍ଥରେ ଗୃହ ଓ ନଡ଼ାବାଉଁଶରେ ଘର କରାଯାଉଥିଲା। ପ୍ରତି ଭୂମିର ଓଜନ ସନ୍ତୁଳନ ହେଉନଥିଲା। ଏବେ କାହିଁ କେତେ ସ୍ଥାନରୁ ନଦୀ ବାଲି ପଥର ଗୋଡ଼ି ସିମେଣ୍ଟ ଲୁହାରଡ଼ ମାରବଲ ଗ୍ରାନାଇଟ ଲୁହା ଗ୍ରୀଲ ଗେଟ ଆଦି ଭୂମିରେ ନଦାଯାଇ ସ୍ଥାନଟିକୁ ବିଶେଷ ଓଜନ କରାଯାଉଛି। ଗୃହଟି ବିଭିନ୍ନ ଯାନର କମ୍ପନ ଶବ୍ଦରେ କ'ଣ କ୍ଷତି ସହୁଛି କେହି ସଠିକ ଚିନ୍ତନ କରୁନାହାଁନ୍ତି। ରାଜସ୍ଥାନରୁ ମାର୍ବଲ ପଥର ଓଡ଼ିଶାର ପାହାଡ଼ ପର୍ବତରୁ ପଥର ନଦୀ ବାଲି ଆସି ସବୁ ସ୍ଥାନ ନିର୍ମାଣରେ କେତେ ଓଜନ ହୋଇ ମାଟିକୁ କେତେ ଚାପ ଦେଉଛି କେହି ଭବିଷ୍ୟତ ପରିଣାମ କଳନା କରିଛନ୍ତିକି ? ଏବେ ଜଗନ୍ନାଥ ମନ୍ଦିର ପ୍ରସଙ୍ଗକୁ ଆସନ୍ତୁ। ଏ ମନ୍ଦିର ଶିଳ୍ପଶାସ୍ତ୍ର ଅନୁସାରେ ବିଶେଷ ଯନ୍ତ୍ରରେ ବିନା କ୍ରେନ ଯନ୍ତ୍ରପାତିରେ ଓଜନଦାର ପଥରକୁ ଖୋଦେଇ ସାଇଜ କରି ବିଭିନ୍ନ ରସାୟନ ଅଠା ଓ ପୁରୁଷ, ସ୍ତ୍ରୀ ଫିଟିଂରେ ପଥର ଖୋଜ କରି ବସାଯାଇଛି। ଏ ମଧ୍ୟ ଉପରକୁ କାଟି କାଟି ଉଠାଇବା ବେଳେ କୋଣ ଫାଙ୍କରେ ଖିଲାଣ ଲଗାଯାଇଛି। ବାସ୍ତୁ ଶାସ୍ତ୍ର ଅନୁସାରେ ମାଟି ଘର ପ୍ରେମ ପଥର ଘର ଓ ସବୁଠାରୁ ଟାଣ ପଥର ଘରର ନିର୍ମାଣ କେତେ ବର୍ଷ ରହିପାରିବ ତାର ଆୟୁ ଧାର୍ଯ୍ୟ କରାଯାଇଛି। ଏଥିରେ ଆର୍ୟୁ ନଷ୍ଟ ପାଇଁ ବିଧାନ ମହାଭୂତ ଦ୍ୱାରା ନିର୍ଦ୍ଦିଷ୍ଟ ଅଛି। ପୃଥିଭୂତରେ ନିର୍ମାଣ ମନକୁ ନଷ୍ଟହୁଏ ଜଳ ଭୂତରେ ଜଳ ଦ୍ୱାରା, ଅଗ୍ନୀଭୂତରେ ଅଗ୍ନୀ ଦ୍ୱାରା ଆକାଶ ଭୂତରେ କିଛି ଉପରୁ ପଡ଼ି ନଷ୍ଟ ହୁଏ। ବାୟୁଭୂତରେ ପ୍ରବଳ ପବନରେ କ୍ଷତି ହୁଏ। ଏବେ ଆକାଶୀୟ ଯୁଦ୍ଧ ଶତ୍ରୁଙ୍କ ଆକ୍ରମଣ ବୋମା ବର୍ଷଣରେ ବଡ଼ ବଡ଼ ନିର୍ମାଣ ଅଗ୍ନୀ ଓ ଆକାଶ ମହାଭୂତ ଦ୍ୱାରା ନଷ୍ଟକୁ ମହାବାତ୍ୟାରେ ବହୁ ନିର୍ବାଣ ଧୂଳିସାତ ଫଶି ବାତ୍ୟାରେ ଜଗନ୍ନାଥ ମନ୍ଦିରରେ ଅନେକ କ୍ଷତି ହୋଇଥିଲା। ପୃଥିଭୂତରେ ସର୍ବୋଚ୍ଚ ପରମାୟୁ ପଥର ନିର୍ମାଣ ୧୦୦୦ (ହଜାର) ବର୍ଷ ଧରାଯାଇଛି। ମାତ୍ର ମନ୍ଦିର ସ୍ଥାୟୀ ନିର୍ମାଣ ପରେ ଲୋକ ଆଗମନ, ପାଇଁ ବଜାର ହାଟ ବାସଗୃହ ନିର୍ମାଣ ପରେ ପରେ ଗଢ଼ି ଉଠିଲା। ସରାଇ ଧର୍ମଶାଳା ମଠ ଲୋକଙ୍କୁ ଆଶ୍ରୟ ବାସ ପାଇଁ କରାଯାଇଥିଲା। ଏହା ମଧ୍ୟ ତତ୍କାଳ ବାସ୍ତୁବିତଙ୍କ ପରାମର୍ଶରେ କରାଯାଇଥିବ। କେବଳ ରାଜାଜ୍ଞା ନୁହଁ ବିଜ୍ଞ ରାଜ ପାରିଷଦଙ୍କ ସମ୍ମତ ନିଆଯାଇଥିବ। ମନ୍ଦିର ଏକ ଧର୍ମାନୁଷ୍ଠାନ ଭିନ୍ନ ଧର୍ମ ଲୋକଙ୍କର ଚକ୍ଷୁଶୂଳର କ୍ଷେତ୍ର ଏ ପାଇଁ ହେଉ ବା ଏକ ରାଜର ଶାସନ କ୍ଷେତ୍ର ସମ୍ପତ୍ତି ଅନ୍ୟରାଜା ତାଙ୍କୁ ହଟାଇ ଦକଲ ଚେଷ୍ଟା କରିପାରନ୍ତି। ଏ ପାଇଁ ରାଜ ସୈନ୍ୟ ରଖିବା ଜରୁରୀ। ମନ୍ଦିରକୁ ଛୋଟ କାଠର ଆକ୍ରମଣରୁ ରକ୍ଷା ପାଇଁ ମନ୍ଦିର ଭିତର ଶୁଦ୍ଧ ବାତାବରଣ ପାଇଁ ପାଚେରୀ ପ୍ରସ୍ତୁତ କରାଯାଇଛି। ଶତ୍ରୁ ପୂର୍ବେ ତୋପ ନେଇ ପାଚେରୀ ଭାଙ୍ଗୁଥିଲେ ଏପାଇଁ ତୋପଗୋଳା ଆଘାତ ସହ୍ୟ ପାଇଁ ସେହି ପରିମାଣ ଶକ୍ତ ପଥରରେ ପାଚେରୀ କରାଯାଇଥିଲା। ପୁଣି ମନ୍ଦିର ଚାରିପଟରେ ମନ୍ଦିର ପାଚେରୀରୁ ନିର୍ଦ୍ଦିଷ୍ଟ କିଛି ଦୂରତ୍ୱରେ ଜନବସତି କରାଯାଇଥିଲା। ବିଦେଶୀ ଚିହ୍ନଟର ଏକ ପ୍ରକ୍ରିୟା ବି ବଳବତ୍ତର ଥିଲା। ମନ୍ଦିର ମୁଖ୍ୟ ନିର୍ମାଣ ତାପରେ କିଛି ବ୍ୟବଧାନରେ ପାଚେରୀ ନିର୍ମାଣ ଏହାପରେ କିଛି ଗମନା ଗମନ ପରିକ୍ରମା ପଥ ରଖାଯାଇ ପର ପର ସ୍ଥାନରେ ନିର୍ମାଣ କରାଯାଇଥିଲା। ସମୁଦ୍ର ଓ ମାଟି ମିଶିବା ସ୍ଥାନର ଉଚ୍ଚତା ମନ୍ଦିରର ଭିତ୍ତି ଉଠିବା ସ୍ଥାନ ବଡ଼ଦାଣ୍ଡ ଉଚ୍ଚତା ଏହା ମଧ୍ୟରେ ସମୁଦ୍ରରେ ନିତ୍ୟ ସାଧାରଣ ଏହରି ମାଳା ଆସିବା ବା ଛୁଇଁବା ସ୍ଥାନରୁ ଜଳ ମଧ୍ୟରେ ଡୁବି ରହିଥିବା ସମୁଦ୍ର ଭିତର ଯାହା ତୀରରୁ ବହୁଗର୍ଭ ଯାଏ କେମିତି ଗଭୀର ସ୍ତର ଥିଲା ଏବେ ଅଛି ଏମଧ୍ୟରେ ସମୁଦ୍ର ଲହଡ଼ି ତଟକୁ ପ୍ରତି ମୁହୂର୍ତ୍ତରେ ଧକ୍କା ଦେଉଛି, ପବନ ପ୍ରଚଣ୍ଡରେ ଦକ୍ଷିଣ ଦିଗରୁ ତାଳ ରହିନଥିବା ପବନ ବେଗ ସର୍ବୋଚ୍ଚ ଉଚ୍ଚ ମନ୍ଦିରରେ କେତେ ଆଘାତ ସହିତ ଠେଲା ମାରୁଛି। ଯେଉଁ ଝାଉଁବଣର ଜଙ୍ଗଲ ଥିଲା ତାହା ପ୍ରତ୍ୟେକ ପବନ ଧକ୍କା ରୋଧକ ପରି କାମ କରି ଯେଉଁ ପବନ ସହ୍ୟ କରି ଶ୍ରୀନକ୍ଷତ୍ରର ନିର୍ମାଣ ଗୁଡ଼ିକ ରକ୍ଷା କରୁଥିଲେ ତାକୁ କାଟି ନଷ୍ଟ କରି ସମୁଦ୍ର ତଟ ଗୃହ ଅଟ୍ଟାଳିକା ନିର୍ମାଣ କରାଗଲା ଯାହା ପ୍ରତ୍ୟେକ ଦିନ ସମୁଦ୍ର ପଟରୁ ଠେଲା ପୁରୀ ସହରକୁ ଓ ମନ୍ଦିର ପାଖ ଭୂମିକୁ ପଡୁଛି। ସମୁଦ୍ରର ଆଭ୍ୟନ୍ତର କୋରଡ଼ ହୋଇ ନିଶ୍ଚେ ଚାଲୁଛି। ପୁରୀ ସହର ପରିତ୍ୟକ୍ତ ଜଳ ଓ ବର୍ଜ୍ୟବସ୍ତୁ ସମୁଦ୍ରକୁ ହିଁ ଯରିବା ଯୋଗୁଁ ଏପରି ବଢ଼ିବା ନିଶ୍ଚିନ୍ତ। ସମୁଦ୍ର ଜଳର ବିଶୁଦ୍ଧ ପଣ ପୂର୍ବରୁ କେମିତି ଥିଲା ବର୍ତ୍ତମାନ କେଉଁସ୍ଥିତିରେ ଅଛି କେହି ପରୀକ୍ଷା କରୁନାହାଁନ୍ତି। ଜାପାନରେ ସୁନାମୀ ବିଗତ କାଳରେ ଭୟଙ୍କର ଧରଣର ହୋଇଥିଲା। ଏହାର ସନ୍ନିକଟ ସମୁଦ୍ରରେ ପରିତ୍ୟକ୍ତ ଉଦବାୟୀ ପଦାର୍ଥ ମାନ ବେଧଡକରେ ଲୋକେ କମ୍ପାନୀମାନେ ଫିଙ୍ଗୁଥିଲେ। ତାର କୁଫଳ ସୁନାମୀରେ ଉଜାଣୀ ବହିବା ସ୍ରୋତରେ ଜଣା ପଡ଼ିଥିଲା। ଏପରି ପୁରୀରେ ଯେ କାହିଁକି ନଘଟିବ ଏକଥା କିଏ କହିବ। ମାନ୍ଦ୍ରାଜ ବା ତାମିଲନାଡୁ ସମୁଦ୍ର ଉପକଣ୍ଠରେ ଏପରି ସୁନାମୀ କାଳ ସଙ୍କଟ ହେଉଛି। ପଣ୍ଡିଚେରୀ ତଟରେ ଉଚ୍ଚ ବନ୍ଧ ନିର୍ମାଣ କରାଯାଇ ପଥର ପ୍ୟାକ କରି ଜଳକୁ ମାଟିରେ ନୁହଁ ପଥରରେ ପିଟାଇବା ଦେଖାଯାଉଛି। ବମ୍ବେ ଉପକଣ୍ଠ ଦ୍ୱାରିକା ସର୍ବତ୍ର ଏପରି ଆପଟ କରାଯାଇଛି କିନ୍ତୁ ପୁରୀରେ ଅବାଧ ନିର୍ମାଣରେ କେମିତି ଅନୁମତି ମିଳୁଛି ? ପୁରୀର ନାମ ନୀଳ ପର୍ବତ, ଭୂଚଳନ, ଭୂସ୍ଖଳନ ରୋଧ ପରୀକ୍ଷା କରି ବିଜ୍ଞମାନେ ଏଠାରେ ଏପରି ନିର୍ମାଣ କରିଛନ୍ତି ଯହିଁରେ ମନ୍ଦିରର ଓଜନରେ ଫାଟ ହେବା ସମ୍ଭାବନା ନଥିଲା। ଏବେ ଭିଡ଼ି ହୋଇ ରହିଥିବା ମାଟିକୁ ଖୋଳି ନବ ନିର୍ମାଣ ପାଇଁ ଚେଷ୍ଟା। ପୂର୍ବଚାପ ଦେଇ ନିର୍ମାଣ ଥିବା ଇଟା ପଥର ଘର ଗୁଡ଼ିକ ଯନ୍ତ୍ର ଦ୍ୱାରା ବଡ଼ ଶବ୍ଦ କମ୍ପନ କରି ଭାଙ୍ଗି ଦିଆଯିବା ସହିତ ଗର୍ଭଗୁଡ଼ିକ ସେପରି ଯନ୍ତ୍ରରେ ଶବ୍ଦ କମ୍ପନ ସୃଷ୍ଟିରେ କରାଯାଉଛି। ମାଟି ଠାରୁ ଶବ୍ଦର ଉତ୍ସକୁ ନିର୍ମାଣ ସ୍ଥାନରୁ ମନ୍ଦିର ବିଭିନ୍ନ ପଥର ଉପରେ ମନ୍ଦିରକୁ ଏକ ଲମ୍ବ ରଖି କରାଗଲେ କମ୍ପନ ଓ ଶବ୍ଦ ପ୍ରଦୂଷଣ ମନ୍ଦିର କାନ୍ଥର ପଥର ଉପରେ କ'ଣ କ୍ରିୟା କରୁଛି କେହି ତଦାରଖ କରୁଛନ୍ତି କି ? ଅନେକଥର ପଥର ମନ୍ଦିରରୁ ବଭିନ୍ନ ସମୟରେ ଖସିଛି ଏହାର କାରଣ ଓ ନିରାକରଣ ଏ ପର୍ଯ୍ୟନ୍ତ ହୁଏତ କରାଯାଇନାହିଁ। ମନ୍ଦିରରେ ଚୁନ ଲଗା ଚୁନ ଛତାରେ ପଥର କାନ୍ଥରେ କେତେ ଆଘାତ ପିଟା ଓ ବାହ୍ୟ ପଟରୁ ଚାପ କରାଯାଇଛି ଏଥିରେ କ'ଣ ନିର୍ମାଣ ନିରାପଦ ରହିଛି କି ? ଏକ ବିଦ୍ୟା ପଢ଼ି ବିଜ୍ଞ ଅନ୍ୟ ବିଦ୍ୟାରେ ଧୁରୀଣଙ୍କୁ ପଚାରି କାମ କରିଲେ ମଙ୍ଗଳ ଏପରି କମ୍ପାନୀ ପୁଞ୍ଜିପତୀକରି ଧନବାନ ପ୍ରଗତିଫଳ ଅଥଚ ସରକାରୀ ସ୍ତରରେ ଏପରି ଉଦ୍ୟମ ବ୍ୟାପକ ହେଉନାହିଁ। ସମୟାନ୍ତରକୁ ଏପରି କରାଗଲେ ଆଶା ବିଶ୍ୱାସର ଏ ମନ୍ଦିର ଆଉଥରେ ଗଢ଼ିବା ସମ୍ଭବ ହେବା ନିଶ୍ଚେ ଜଟିଳ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ*
*ଦୂରଭାଷ : ୯୪୩୭୧୦୩୧୨୫୩*

## ଧାରାବାହିକ ଉପନ୍ୟାସ

### ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୯




*(ପୂର୍ବପ୍ରକାଶ ଉତ୍ତାରୁ)*

ତା ହାତ ତିଆରି ରାନ୍ଧଣାରେ ଖୁବ୍ ଆତ୍ମତୃପ୍ତି ..। କିଛିରେ ଅଭାବ ନାହିଁ।

ମାଲିକାଣି ଦିନେ ହସିହସି ପଚାରୁଥିଲେ ତାକୁ- କଣ ବୋହୂର ହାତପରଶା ଖାଇ ମାଲିକାଣିକୁ ଭୁଲିଗଲୁଣି କି ? ପାର୍ବତୀ ହସିଦେଇ କହିଲା-ନାଇଁ ବା ମାଆ, ପିଲାଟାଏ ସେ କଣ ବା କରିଦବ, ଯାହା ପାରୁଛି ସେଇ ଢେର୍। ଭାରି ସରଳ ଝିଅଟିଏ। ମଥାରୁ କଣ ଲୁଗା ଖସୁଛି କି, ଖୁବ୍ ସଣ୍ଣା ତାର। ଠାକୁରେ ସେମାନଙ୍କୁ ଆୟୁଷ ବଳ ଦିଅନ୍ତୁ। ସେମାନେ ଦୁଇରୁ ଚାରିପାଂଚ ହୁଅନ୍ତୁ। କଳମ କାଠି ହଳୁଥାଉ ସେମାନଙ୍କର, ପାଂଚକୁ ପଚାଶ କରନ୍ତୁ ଜୀବନରେ- ଏତକ ଆଶୀର୍ବାଦ କରି ସେ ଠାକୁରଙ୍କୁ ହାତ ଯୋଡିଲା। ତା କଣ୍ଠ ଓଜନିଆ ହୋଇଉଠିଲା। ହଅ ଏତେ ଦିନରେ ସୁଖ ଟିକଏ ପାଇଛି ଯେତେବେଳେ..ଖୁସିରେ ଆତ୍ମହରା ତ ନିଶ୍ଚୟ ହେବ।

ଆଜି ଏତିକି ଟିକିଏ ଖୁସି ମିଳିଗଲା ବୋଲି ମନଟା ବୋଧହୁଏ ସହିପାରୁନି। ସେଥିପାଇଁ ମନକୁ ମନ ଗୁଣୁଗୁଣେଇ ଉଠୁଛି। କାହାର ଅଶୁଭ ନଜର ତା ସଂସାରକୁ ନଲାଗୁ ବୋଲି ପୁଅବୋହୂଙ୍କ ହାତରେ କଳାସୁତାର ଡେଉଁରିଆଟିଏ ବାନ୍ଧିଛି। ଶନି ଓଷା ଓ ସନ୍ତୋଷୀ ମାଆଙ୍କ ବ୍ରତ କରୁଛି। କେତେବେଳେ ଶୁଭ ଖବରଟିଏ ବୋହୂ ଦେବ ତାକୁ! ତା ବଂଶରେ ନୂଆ ଅତିଥିଟିଏ କୁଆଁ ରାବ ଦେଇ ଆଗମନ କରିବ! ମନଟା ଉଚ୍ଚାଟ ହେଉଛି। ହଁ ସେ ସମୟ ଆସିଗଲା ବୋଧେ। ଆଜିକାଲି ତା ବୋହୂର ମୁଣ୍ଡ ବୁଲାଉଛି, ବାନ୍ତି ଲାଗୁଛି। କେତେବେଳେ କେମିତି ବାନ୍ତି ବି ହୋଇଯାଉଛି। ପେଜ ବାସ୍ନା ନହେଲେ ଛୁଙ୍କ ବାସ୍ନା ତାକୁ ଅତିଷ୍ଠ କରିପକାଉଛି। କିଛି ବି ଖାଇପାରୁନି। ଦେହ ଅଳସେଇ ଯାଉଛି, ପାଦରେ ଶକ୍ତି ରହୁନି। ଖାଇବାକୁ ଇଚ୍ଛା ନାହିଁ।

ପାର୍ବତୀ ଭାରିବ୍ୟସ୍ତ ତା ବୋହୂ ପାଇଁ। ଭାବିଲା ସକାଳୁ ସକାଳୁ ନେଇ ତାକୁ ଡାକ୍ତର ଦେଖାଇ ଆଣିବ। ପୁଅକୁ କହି ପ୍ରସ୍ତୁତ ହେଲାବେଳକୁ ମାଲିକାଣି ଆସୁଥିଲେ ମନ୍ଦିରରୁ। ସେ ଏକଥା ଶୁଣି କହିଲେ- କେଡେ ବୋକୀଟାଏ କିଲୋ ତୁ..। ସଂସାର କରି ଏତିକି ବି ବୁଝିପାରୁନୁ!

ପାର୍ବତୀ ଆଖିରୁ ଖୁସିର ଲୁହ ଝରିପଡିଲା। ଲୁହକୁ କାନିରେ ପୋଛୁ ପୋଛୁ ସେ ପଚାରିଲା- ସଂସାର ଆଉ କେତେବେଳେ କଲି ମାଆ? ସଂସାରର ସୁଖ କଣ ଜାଣୁ ଜାଣୁ ଝଡ ବତାସରେ ମୋ ବାସ ଖଣ୍ଡିକ ତ ଭାଙ୍ଗିଗଲା। ତମରି ମୁହଁକୁ ଚାହିଁ ପଡିରହିଛି ଏଠି।

ମାଲିକାଣି ଭୁଲଟାଏ କରିଦେଲେ ଜାଣି ପ୍ରସଙ୍ଗକୁ ବଦଳାଇଲେ- ଆରେ ନାଇଁ ମୁଁ ସେକଥା କହୁନି। ପଛକଥା ନଭାବି ଆଜିଘରେ କ୍ଷୀରି ତିଆରି କର। ଆଲୋ ହସିଦେ', ତୁ ପରା ଜେଜେମାଆ ହବାକୁ ଯାଉଛୁ! "ଜେଜେମା'"ଶବ୍ଦଟା ତା କାନକୁ ମଧୁର ଗୁଞ୍ଜରଣରେ ଅଧୀର କରିପକାଇଲା।

ତା ଆଖିରେ ପ୍ରଶ୍ନ। ସେ ଛେପ ଢୋକି କହିଲା- ତମେ ମିଛ କହି ମତେ ବହଲାଉନ ତ? ସତରେ ମୋତେ କିଏ ଜେଜେମା' ଡାକିବ?

ସେ ହସିପକାଇ କହିଲେ- ନୁହଁ ତ ଆଉ କଣ। ଏତିକି କହି ସେ ଭୋଗ ବଢାଇଦେଲେ ବୋହୂ ହାତକୁ। ବୋହୂ ତାଙ୍କ ହାତରୁ ଭୋଗନେଇ ଲାଜରେ ଚାଲିଗଲାଣି ଭିତରକୁ। ପୁଅ ବି ଆଡ ହୋଇ ଚାଲିଗଲାଣି ଆଖି ଆଗରୁ। ପାର ମନ ଆଜି ବେଜାଏ ଖୁସି। ଠାକୁରେ ଆଜି ତା ମନକଥା ଶୁଣିଛନ୍ତି। ତା ବଂଶରକ୍ଷା ଲାଗି କେହିଜଣେ ଆସୁଛି। ସେ ଧାଇଁଲା ମନ୍ଦିର। ପୁଅ ବୋହୂ ମିଶି ଡାକ୍ତରଖାନା ଯାଇଛନ୍ତି। ଆଜିକାଲି କାମ ସାରିବା ପରେ ବି ବାଧା ଲାଗୁନି ତାକୁ। ଗୋଟେ ସୁଖକର ସ୍ୱପ୍ନରେ ଅଧୀରା ହୋଇ ସେ ସବୁ ଦୁଃଖ ଆଜି ଭୁଲି ଯାଇଛି। ବିବାହର ମାସଦୁଇଟା ନପୂରୁଣୁ ବୋହୂର ପିଲା ହବ। ଯାହା ହେଉ। ତାପରେ ଲୀନାର ଜନ୍ମ..।

ପ୍ରଥମରୁ ମନଟା ଟିକେ ଖଟା ଥିଲେ ବି ଧୀରେ ଧୀରେ ସେ ମନକୁ ଖୁସି କରୁଛି। ତାର କୁନି କୁନି ଆଖି ଯୋଡିକ ଭିତରେ ସେ ସବୁତକ ଦୁଃଖ ପାଶୋରି ଦେଇଛି। ହଅ ଆଉ ବର୍ଷଟାଏ ପରେ ଠାକୁର ଚାହିଁଲେ ସେ ନାତି ବକଟକର ମୁହଁ ବି ଦେଖିପାରିବ। ସେଟା ବି ଗୋଟାଏ କିବା କଥା..! ଲୀନା ଜନ୍ମବେଳକୁ ସାନବାବୁଙ୍କ ବୟସ ତେରବର୍ଷ। ସେ ବି ଲୀନାର ଜନ୍ମରେ ଆମୋଦିତ। ସ୍କୁଲରୁ ଫେରି ତାରି ପାଖରେ ବସି ରହନ୍ତି ଖାଇବା ପିଇବା ଭୁଲି।

ତାର କୁନିକୁନି ଆଖିକୁ ଚାହିଁ ପଚାରନ୍ତି ପାର୍ବତୀକୁ- ସେ ତ ସବୁବେଳେ କାନ୍ଦୁଛି। କେବେ କଥା କହିବ, ଚାଲିବ, ବୁଲିବ, ହସିବ?

ଜେଜେ ମା' ତାଙ୍କ ପ୍ରଶ୍ନରେ ହସିଦେଇ କହିବ- ସେ ବଡ ହେଲେ ତମକୁ ହଇରାଣ କରିବ ଯେ!

ସେ କିନ୍ତୁ ନିର୍ଭୀକ ସ୍ୱରରେ କହିବେ- ନା ନା ସେ ସେମିତି କରିବ ନାହିଁ। ମୋ ସହିତ ସେ ଖେଳିବ, ଗପିବ। ମୋ ବହିପତ୍ର ସଜାଡି ରଖି ଦବ ଆଉ ମୋ ସାଙ୍ଗ ହବ।

ଜେଜେମା' ହସି ଉଠି ପଚାରିବ- ଆଚ୍ଛା ବାବୁ, ତୁମେ କେମିତି ଜାଣିଲ ଯେ ସେ ତୁମର ସବୁକଥା ମାନିବ ବୋଲି? ଯଦି ସେ ଦୁଷ୍ଟ ହୋଇ ତୁମର ସବୁତକ ଖେଳନା ଓ ବହି ପତ୍ର ନଷ୍ଟ କରିଦେବ, ତେବେ..? ସେ ଆଉ କିଛି ନକହି ଲାଜରେ ଉଠି ଚାଲିଯିବେ ପାଖରୁ। ସେ ଜନ୍ମରୁ ଏମିତି ଭାରି ଲାଜକୁଳା। ବହୁତ୍ କଥା ପଚାରିଲେ ପଦୁଟିଏ କହିବେ। ଲୀନା ଠୁକୁଠୁକୁ ହୋଇଚାଲିଲାଣି। ବର୍ଷଟେ ନପୂରୁଣୁ ସେ ବାପା, ମାଆ, ବୋଉ ଡାକିଲାଣି ଖନେଇ ଖନେଇ। ଝିଅମାନେ ଖୁବ୍ ଶୀଘ୍ର ବଡ ହୋଇଯାନ୍ତି ପରା! ଭାରି ବୁଦ୍ଧିଆ ହୋଇଛି, ଜେଜେ ମା'କୁ ନଦେଖିବା ଯାଏଁ ଶୋଉ ନାହିଁ ତା ମାଆକୋଳରେ। ଜେଜେ ମା'ର ଅନାବନା ଗୀତଶୁଣି ଶୋଉଛି।

ଅଗଣାରେ ଟାଙ୍ଗିଦେଇଥିବା ଲୁଗାଦୋଳିରେ ଝୁଲୁଛି ଆନନ୍ଦରେ। ସାନବାବୁଙ୍କ ପୁରୁଣା ଖେଳଣାରେ ଖେଳୁଛି। ଘରେ ପଡିଥିବା ସାନବାବୁଙ୍କ କଳଙ୍କି ଲଗା ଦୋଳିରେ ଶୋଇ ଝୁଲିଲାବେଳେ ସେ ଡରିଯାଉଛି। ସାନବାବୁଙ୍କ ଛାଇକୁ ବି ସେ ନିରେଖି ଦେଖୁଛି। ତାଙ୍କୁ ଦେଖିଲେ ଗୋଡ ବାଡେଇ ଖେଳୁଛି ଖୁସିରେ। ତାଙ୍କ ସ୍କୁଲ୍ ବସର ହର୍ଣ୍ଣ ଦେଉଦେଉ ସେ ତା ଖେଳନା ଛାଡି ଗେଟ୍ ଆଡକୁ ଚାହୁଁଛି। ଆଉ ସାନବାବୁ ଆସି ତା ଆଗରେ ମୁହଁ ହଲାଇଦେଲେ ସେ ଖୁସିରେ ଅଧୀରା ହୋଇଯାଉଛି। ଜେଜେମା' ଭାବୁଛି ଆହା କେତେ ମମତା ସତରେ ଦୁହିଁଙ୍କ ଭିତରେ।

ତାକୁ ଏବେ ତିନିବର୍ଷ ହେଲାଣି। ସେ ମମତା ଆଜିଯାଏଁ ବି ଅତୁଟ। ଦିନକୁ ଦିନ ସେ କଳାଜାଇଟିଏ ପରି ବଢି ଚାଲିଛି। କେହି ଶିଖାଇଲା ପରି ସାନବାବୁଂକ ଛୋଟଛୋଟ କାମସବୁ କରିଯାଉଛି। ମନା କଲେ ବି ସେ ମାନୁନି। ପ୍ରତିବଦଳରେ ତା ବଧୂଳି ଓଠରେ ହସର ଫୁଲ ଝରିଟିଏ ଖେଳାଇ ନିଷ୍ପାପ ଆଖିରେ ଚାହୁଁଛି। ସେ ହସ ଦେଖି ପାର୍ବତୀର ମନ ପୂରି ଉଠୁଛି ଗହଗହ ଆନନ୍ଦରେ।

*(କ୍ରମଶଃ)*

---

## ସୃଷ୍ଟିର କାରୁଣ୍ୟତା

### ଲଳିତ ମୋହନ ମିଶ୍ର




*(ପୂର୍ବପ୍ରକାଶ ଉତ୍ତାରୁ)*

ପର ଦୁଆରେ ଖଟିଲା... ଆଉ ଖାଇଲା । କାହା ଉପରେ ବୋଝ ହୋଇନି କି ନିଜ ପିଲା ମାନଙ୍କ ବୋଝ କାହା ଉପରେ ଲଦି ଦେଇନି । ବାଙ୍ଗାଲୋରରୁ ଫେରିଥିବା କିଛି ଲୋକ ମାନଙ୍କ ପାଖରୁ ଖବର ପାଇଛି ସେ । ତା ସ୍ୱାମୀ କୁଆଡେ ଆଉ ଗୋଟେ ବିବାହ କରିଛି ସେଠି । ସେ ପୁଣି ସେଠିକାର ଅଣ ଓଡିଆ ଝିଅକୁ । ଏକଥା ଶୁଣି ଭାଙ୍ଗି ପଡିଥିଲେ ମଧ୍ୟ ପୁଣି ଅଣ୍ଟା ସଳଖି ଆଗକୁ ଚାଲିଲା । କୈଳାସ କେବେ ଫୋନ୍ କରି ନାହିଁ କି ଖବର ଅନ୍ତର ଦେଇ ନାହିଁ । ତଥାପି ସ୍ୱାମୀର ସୁଖ ମନାସି ସାବିତ୍ରୀ ବ୍ରତ ପାଳନ କରେ କାଞ୍ଚନ । ସେ ଯେଉଁଠି ଥାଆନ୍ତୁ ନା କାହିଁକି ଭଲରେ ଥାଆନ୍ତୁ ସୁଖରେ ଥାଆନ୍ତୁ । ପିଲାମାନେ ପଚାରନ୍ତି ବାପାଙ୍କ ପାଇଁ ତୁ କାହିଁକି ସାବିତ୍ରୀ ବ୍ରତ ପାଳନ କରୁଛୁ ? କାଞ୍ଚନ କଥାକୁ ଏଡେଇ ଦିଏ । ହୃଦୟର ଅକୁହା ବେଦନା କୁ ଚାପି ଆଗକୁ ଚାଲିଥାଏ । କାରଣ.. ହେ ସ୍ୱାମୀ,ତୁମେ ମୋର ଅଟ ପ୍ରାଣ ପ୍ରିୟ । ତୁମେ ମୋର ଜ୍ୟୋସ୍ନା ଭରା ଜହ୍ନ ରାତି । ତୁମ ବିନା ଏଠି ପୁନେଇଁ ରାତି ହୁଏ ଅମାବାସ୍ୟା ସାଥୀ । ମୁଁ ତୁମର ସେହି ବିମୁଗ୍ଧା ପ୍ରେୟସୀ । ସାବିତ୍ରୀ ବ୍ରତରେ ମୁଁ ଆଜି ବନ୍ଦୁଛି ତୁମର ସେହି ପୟର । ଉତ୍ସର୍ଗ କରୁଛି ମୋ ପ୍ରାଣ ହୃଦୟ, ପ୍ରାଣ ସତ୍ୱର । ଶଙ୍ଖା ସିନ୍ଦୂର ସଦା ମୋର ରହୁ ହେ ଅକ୍ଷୁର୍ଣ୍ଣ । ତୁମେ ଯେ ଦୀର୍ଘାୟୁ ହୁଅ । ତୁମ ମନେ ରହୁ ସଦା ସମ୍ମୋହନ । ତୁମେ ହୁଅ ସ୍ୱାସ୍ଥ୍ୟବାନ । ତୁମେ ଶିବ ହେଲେ ମୁଁ ତୁମ ପାର୍ବତୀ । ତୁମେ ସତ୍ୟବାନ ମୁଁ ତୁମ ସାବିତ୍ରୀ । ତୁମର ନାମରେ ମୁଁ ଏହି ଶଙ୍ଖା ସିନ୍ଦୂର ଧାରଣ କରୁଅଛି । ତୁମେ ସଦା ବିରାଜମାନ କରୁଥାଅ । ଏହିପରି ଭାବରେ ସବୁ ବର୍ଷ ପାଳନ କରି ଆସୁଛି ସାବିତ୍ରୀ ବ୍ରତ କାଞ୍ଚନ ।

କୈଳାସ ବାଙ୍ଗାଲୋରରେ ମହାମାରୀରେ ଆକ୍ରାନ୍ତ ହେଲା । ସେଠାକାର ଅଣ ଓଡିଆ ସ୍ତ୍ରୀ ମଧ୍ୟ ସେଥିରେ ଆକ୍ରାନ୍ତ ହେଲା । ସେ ସେହି ମହାମାରୀ ରେ ଚାଲିଗଲା । କୈଳାସ ନିଜକୁ ନିସଙ୍ଗତା ବୋଧ କଲା । ପରିବାରକୁ ଅସମୟରେ ହେତୁ କଲା । ସ୍ୱତନ୍ତ୍ର ଆମ୍ବୁଲାନ୍ସ ରେ ଏଠାକୁ ଆସିଲା । ଜୀବନରେ ଯାହା ଅର୍ଥ ରୋଜଗାର କରିଥିଲା ସବୁ ସରିଲାଣି କହିଲେ ଚଳେ । ତଥାପି ବଞ୍ଚିବାର ମୋହ ତୁଟାଇ ପାରିନାହିଁ କୈଳାସ । ଏତେ ଦିନ ପରେ ରୋଗିଣା ସ୍ୱାମୀକୁ ପାଇ କାଞ୍ଚନ ତଥାପି ଖୁସି । ଜୀବନ ନୌକାରେ ବଢି ପାଣିରେ ପାରି ହେବାକୁ ଆଶା ବାନ୍ଧିଛି କାଞ୍ଚନ । ସମୟ ସାଥି ଦେବ କି ନାହିଁ କହି ପାରୁ ନାହିଁ । ନିଜେ ଜଳି ଅନ୍ୟକୁ ଆଲୋକିତ କରିବାର ରହସ୍ୟ ନାରୀକୁ ହିଁ ଜଣା ଥାଏ । ଏବଂ ତାହା ନାରୀ ଜୀବନର ମହତ୍ତ୍ୱ। ସେଥିପାଇଁ ତ ନାରୀ ମହାନ । ଯିଏ ନିଜ ସହନଶୀଳତାକୁ ପାଥେୟ କରି ଶକ୍ତି ଏବଂ ଧୈର୍ଯ୍ୟ ବଳରେ ଗୁନ୍ଥି ରଖିପାରେ ପରିବାରର ସମସ୍ତ ସଦସ୍ୟଙ୍କ ମନ । ଯଦି ସତ୍ୟ ନିଷ୍ଠା ତ୍ୟାଗ ଓ ଏକାଗ୍ରତା ବଳରେ ସାବିତ୍ରୀ ସତ୍ୟବାନଙ୍କୁ ଜୀବନ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ । କାଞ୍ଚନ କଣ ସେମିତି ସ୍ୱାମୀର ଜୀବନ ପାଇ ପାରିବାକୁ ସମର୍ଥ ହେବ ? ? ?

ସାବିତ୍ରୀ ବ୍ରତରେ ସ୍ୱାମୀଙ୍କର ଶୁଭ ମନାସି ଠାକୁରଙ୍କ ମାଗିଲା । ହେ ପ୍ରଭୁ ! ଜୀବନର ସୁଖ ବୋଲି କିଛି ଜାଣିଲି ନାହିଁ । ପିଲାଦିନୁ ମାଆ ଛେଉଣ୍ଡର କଷ୍ଟ । ବିବାହ କଲି ପତି ବିଚ୍ଛେଦର କଷ୍ଟ । ଜୀବନ ସାରା କିଛି ମାଗି ନାହିଁ । ସମସ୍ତ କଷ୍ଟକୁ ସହ୍ୟ କରି ଚାଲିଛି । ଯେତେବେଳେ ସେ ମୋ ନିକଟକୁ ଫେରି ଆସିଛନ୍ତି। ସେ ସମୟରେ ମୋ ଠାରୁ ଛଡାଇ ନିଅ ନାହିଁ। ଶେଷରେ ଆଜିର ଦିନରେ ଏତିକି ପ୍ରାର୍ଥନା ତାଙ୍କୁ ଏ ରୋଗରୁ ଭଲ କରାଇ ଦିଅ । ମେଡିକାଲରୁ ଖବର ଆସିଲା କୈଳାସ ସୁସ୍ଥ ହେବାକୁ ଯାଉଛନ୍ତି ।ତିତିକ୍ଷାରେ ହେଉ କି ପ୍ରତୀକ୍ଷାରେ ହେଉ କାହିଁକି କେଜାଣି କାଞ୍ଚନ ଆଖି ଓଦା ହୋଇ ଆସୁଥାଏ । ମୁଁ ମନେ ମନେ ଭାବୁଥାଏ ସ୍ରଷ୍ଟା କିଛି ଫୁଲ ସୃଷ୍ଟି କରିଛନ୍ତି ନିଜର ଗୁଣ ବିକଶିତ କରିବାକୁ । ତାର କୋମଳତାର ସ୍ନିଗ୍ଧତାରେ ସୃଷ୍ଟିର କାରୁଣ୍ୟତା ଧୋଇବାକୁ । ତା ରଙ୍ଗର ଔଜଲତାରେ ଶାନ୍ତି ପ୍ରୀତିର ବନ୍ୟା ଛୁଟାଇବାକୁ । ରାତିରେ ଫୁଟି ସକାଳେ ଦେବ ଅର୍ପିତ ହେବାରେ ସମସ୍ତ ସାର୍ଥକତା ନ ଥାଏ । ଥାଏ କିଛି ତା ସ୍ନିଗ୍ଧତାରେ, । ଆଉ କିଛି ତା ଜାଜ୍ୱଲ୍ୟତାରେ । ସୁରଭିତ ବିଛୁରଣରେ ।

*ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ*
*ଚନ୍ଦ୍ରଗିରି, ଗଜପତି ୯୪୩୭୯୮୫୮୬୬*



---

## ବିଚିତ୍ର କବିତା



### ଅନ୍ୱେଷଣ

#### ମିନାକ୍ଷୀ ଦ୍ୱିବେଦୀ



ମୋର ତ ଅନେକ ନାମ ଅନେକ ଠିକଣା
ତଥାପି ମୁଁ ପର୍ଯ୍ୟେଷଣା କରେ ମୋ ଅସ୍ତିତ୍ୱ
ପ୍ରଶସ୍ତ ଅପରାହ୍ନ ରେ ଜଳି ଜଳି
ଝଡ଼ ବର୍ଷା ସକାଳର
ମଳିନ ଆକାଶରେ ଭିଜି ଭିଜି
ମୁଁ ଯାଉଛି... ମୁଁ ଆସୁଛି...
ବହୁରୂପି ବହୁବେଶ ଧରି
ମୁଁ ଦେଖୁଛି ସବୁ...
ମୁଁ ସହୁଛି ସବୁ କୁଟୀଳ କଟାକ୍ଷ ନିର୍ବିକାର,
ନିର୍ବିକଳ୍ପ ହୋଇ।
କିନ୍ତୁ...
ତୁମେ ଯେତେବେଳେ ପଶି ଆସ
ମୋ ଭିତରେ ବିନା ନିମନ୍ତ୍ରଣରେ
ନୂଆ ଅନୁଭବ ସଂଚରିଯାଏ
ରଜନୀଗନ୍ଧାର ବାସ୍ନା ପରି,
ଏକ ନିରୁପାୟ ଅସହାୟ ବେଦନା
ଭିତରେ ତ୍ରିପୁର୍ତିର ହୁଏ ବିକାଶ,
ଭିଆଣ କରେ ଏକ ନୂତନ ଦିଗନ୍ତ।

ଅଯାଚିତେ ଆପଣାର ଭାବଦେଇ
ମୋ ଅସ୍ତିତ୍ୱକୁ ତୋଳିଧର ଯେବେ ତୁମ ଚକ୍ଷୁରେ
ମୋ ଭିତରେ ମୁଁ ର ହୁଏ ଜନ୍ମନ।
ଛୋଟ ଆଶା ଟିଏ ମନକୁ ତେଜେଇ ଦିଏ,
ଉତ୍ତରଣ, ଅବତରଣ ତ୍ରିଶଙ୍କୁରେ
ପ୍ରେମର ମହକ ଲେସି ହୋଇଯାଏ,
ସୁବାସିତ କଳ୍ପନାରେ ଅନ୍ଧାର
ଆହୁରି ସୁନ୍ଦର ହୋଇଉଠେ,
ନିବିଡ ସ୍ପର୍ଶରେ ଅନ୍ତଃସତ୍ତ୍ୱା
ହୋଇଉଠେ ଭାବ ସୁନ୍ଦରୀ,
ଏହି ଦେହ, ମନ, ଆତ୍ମାର ପରିଧୀ ଭିତରେ
କ୍ଷୁଭିତ ଯୋଗିନୀ
ଅନ୍ତରେ ଉଚ୍ଛ୍ୱାସ ନେଇ, ଅମୃତର କିରଣ ବୁଣି
ବାରୁଣୀ ବେଳାରେ ପାଇଯାଏ
ତାର ସଠିକ ଠିକଣା।

*ନୂଆଦିଲ୍ଲୀ*

### ରଙ୍ଗବାସ

#### ସ୍ମୃତି ରଞ୍ଜନ ତ୍ରିପାଠୀ



ସେଦିନର ଦିଅଁ
କୋଉଠି
ପଟି ଦିଅଁ
କୋଉଠି
ଲେଖା ଦିଅଁ
କୋଉଠି ଦେଉଳ
ଅଠାକାଠିର
କୋଉଠି ନାଲି ଓଢ଼ଣାରୁ ..
ଅନ୍ତହୀନ ଚନ୍ଦ୍ର
କୋଉଠି
ଝାଡ଼ିଝୁଡ଼ି ହୁଏ
ସ୍ମୃତିର ଅନ୍ତଃବାସ ସହ
ସେ ରଙ୍ଗୀନ ପରଶ
ଓଲଟି ଯାଇଥିବା
ରଙ୍ଗ ଢଙ୍ଗ ଆଉ ବାସ
ସେଦିନ ବି ଶାନ୍ତ
ନିର୍ନାୟକ
କୁହୁଡ଼ିଆ ଦଙ୍ଗା
ଛାଡିବା ପୂର୍ବରୁ
ପ୍ରତାରଣା ଚାଦର
ମୁକୁଳିବା ପୂର୍ବରୁ
କାହା ହାତରେ
ଛାତିର ସର୍ବ ଶ୍ୱାନ୍ତ
କାହା ଆଖି କୋରଡରେ
ନିର୍ଦ୍ଦୟୀ ସାଗର ସାଥେ

ରଙ୍ଗ ମାଖିବା ପୂର୍ବରୁ
ପୂର୍ଣ୍ଣ ଆହୁତି ଫେରିବା ଆଗରୁ
କିଏ ମାଗିଲା ରାସ..
କିଏ ମାଦକାଏ ବ୍ରହ୍ମ ..
ଘୋରି ହେଲା ପରେ
ଚନ୍ଦନ
ସରି ଗଲା ପରେ
ସ୍ୱାଦ ଦ୍ରବଣର
ଛାଇ ଗୋଡ଼ାଏ ,
ଘଟ ଆଉ ଘାଟ
ରଙ୍ଗ ଆଉ ଚିହ୍ନ
ହିଁ ଅନନ୍ତ
ନୀଳାଦ୍ରି ବାସ
ଅଫୁରନ୍ତ
କାରାବାସ
ଥରେ ଫିକା ପଡିଗଲେ ବାସ
ଆସ !
ଗପିବା ଲେଖିବା
ରାତି ଆଉ ଜହ୍ନ
ଏକ ହିଁ ଈଶ୍ୱର
ସେ
ତତ୍ୱନାଦ
ରଙ୍ଗ ପାହାଡରୁ

ରକ୍ତ ଝରଣାକୁ ବହିବାକୁ ଦିଅ
ମୁଁ ବାସରୁ ମୁକୁଳିବା ଯାଏଁ ..
ହଉ, ମୋତେ ଫେରେଇଦିଅ
ଏବେ
ଝୁଣ୍ଟିଆକୁ ଆନମନାର ସୌନ୍ଦର୍ଯ୍ୟ
ହୁଳହୁଳିର ବନ୍ଦନା ସେ ତ୍ୟାଗ
ସେ ମୁରବି ପଣିଆର ମୁକୁଟ...
ଆଉ ସେ ରଙ୍ଗ ଛୁଂ ନଥିବା ବାଟ
ଘାଟ
ହିଁ ବାସ ସବୁ ନୀଡ଼ମୁହାଁ
ଭିନ୍ନ ଏକ
ଅର୍ଜୁନର ନିଃଶ୍ୱାସ.
ଛାଡି ଦେଇଛି ସେ ଗୋଟେ
ଅହଂକାର
ଗାଣ୍ଡୀବ ଓ ରଙ୍ଗବାସ
ଅତଏବ ତୃଷ୍ଣା ସମ୍ମୁଖରେ ସଭିଏଁ
କିଏ ଆହାର କିଏ ଅଜଗର
ସବୁକୁ ଛାଡ ହେ ମହାବୀର
ସଭିଙ୍କୁ
ଦିଅ ଅଭୟ କବଚ,ଶୋଷ
ରଙ୍ଗ ଛାଡିଲା ପରେ
କେହି ତ ଉହାଡ଼ ପଛରେ
ଆଣିପାରୁ ତା ରଙ୍ଗ ଆଉ ବାସ
ବିଭୁ କୃପାରୁ ଲଭିଥିବା
ସେ କୃତିବାସ..
ସେ ରଙ୍ଗବାସ .....

*ଜଟଣୀ,ଖୋର୍ଦ୍ଧା*

### ଈଶ୍ୱରଙ୍କ ଲୋକ

#### ସ୍ନିଗ୍ଧା ପଣ୍ଡା



ସମସ୍ତେ ପୂଜା କରିବାକୁ ଗଲେ
ନୂଆ ନୂଆ ପୂଜା ଘର ତିଆରିଲେ
ନୂଆ ନୂଆ ରୂପ ଦେଲେ
ଫୁଲରୁ ସୁନା ଯାଏଁ
ଯେ ଯାହା ପାରିଲା
ସେଇଥିରେ ପୂଜିଲେ
ପୂଜା ଆଉ ମନ୍ତ୍ର
ଯେଉଁଠି ପହଞ୍ଚିବା କଥା
ସେଠି ପହଞ୍ଚିଲା କି ନାହିଁ,
ନା ଜାଣିଲେ
ନା କାହାକୁ ଜଣେଇଲେ ?
ପୂଜା ପରେ
ଈଶ୍ୱରଙ୍କଠାରୁ କଣ ମିଳିଲା କେଜାଣି
ସମସ୍ତଙ୍କ ଭିତରେ ଟଣା-ଓଟରା

ଶବ୍ଦରେ ନୁହେଁ
କଟୁରୀରେ, କମାଣରେ, ବୋମାରେ
ଏବେ କେମିତି ଜାଣିବ ସଂସାର
ଈଶ୍ୱର କାହାର ?
କେମିତି ଜାଣିବେ ନିର୍ବାକ୍ ? ଈଶ୍ୱର
ସିଏ କେଉଁ ଲୋକଟିର ଆପଣାର
ଆଉ କେଉଁ ଲୋକଟି ତାଙ୍କର ?

*ଖଣ୍ଡଗିରି, ଭୁବନେଶ୍ୱର*
*ଦୂରଭାଷ : ୯୮୬୧୩୨୩୬୫୦*

---

## କବିତାର କଥା

(ଭାଗ-୮୧)



### ଉମାକାନ୍ତ ରାଉତ



## ସେମାନେ ଯାହା କହନ୍ତି

ଅନୁସନ୍ଧାନସାପେକ୍ଷ ପୂର୍ବୋକ୍ତ କବିଙ୍କ ଅନୁସନ୍ଧାନ ପର୍ବକୁ ଯିବା ପୂର୍ବରୁ ତାଙ୍କର ସାମାନ୍ୟ ଝଲକରେ ବିମୋହିତ କେଇଜଣ ଯୁବକବି ତାଙ୍କ ସମ୍ପର୍କରେ କ'ଣ ଧାରଣା ରଖନ୍ତି, ଆସନ୍ତୁ ଜାଣିବା ।

କବି ବାଦଲ୍ ମହାନ୍ତି କହନ୍ତି --

ଏହା ଭିତରେ ମହାନଦୀରେ ବହିଗଲାଣି ଅନେକ ପାଣି। ବିଲମାଳ, ଗୋହିରୀ ଗୋଦଣ୍ଡାରେ କ୍ରମେ ବିରଳ ହେବାକୁ ବସିଲେଣି ଗେଣ୍ଡାଳିଆ ପଲ । ବୟସ ବଢ଼ିବା ସହ ଅସୁସ୍ଥତା ମାଡ଼ି ବସିଲାଣି ଶରୀରକୁ। ଜୀବନର ନାନାଦି ଦହଗଞ୍ଜ ସତ୍ତ୍ୱେ ନା ସେ କବିତାକୁ ଛାଡ଼ି ପାରିଛନ୍ତି, ନା କବିତା ତାଙ୍କୁ ଛାଡ଼ି ପାରୁଛି। ସଂସାରର ମୋହ ମାୟା ଭିତରେ ତାଙ୍କର ବ୍ୟକ୍ତିଗତ ସୁଖ କହିଲେ ଏଇ କବିତା ଲେଖିବା ଓ ଅନ୍ୟର କବିତା ପଢ଼ିବା। ରୋଗ, ବ୍ୟାଧି ଓ ବୟସ ସମସ୍ତେ କାକୁସ୍ଥ । କବି ଏବେ କାବ୍ୟ ଯୋଗରେ ।

କବି ପବିତ୍ର ମୋହନ କର କୁହନ୍ତି –

କବିତାରେ ଦୃଶ୍ୟଙ୍କୁ ଉଖାରି ଜୀବନର ନଈ ବୁହାଇବାରେ ଓସ୍ତାଦ୍ ସତ୍ୟବାଦୀ । ନିର୍ଭେଜାଲ୍ ଜୀବନ ଦର୍ଶନ, ପ୍ରେମ ଓ ଅନନ୍ୟ ନିବିଡତାର ଜଣେ ନିଆରା କବି ସତ୍ୟବାଦୀ। ତାଙ୍କ କବିତା ପଢ଼ିଲା ବେଳେ ପାଠକର ପ୍ରାଣତନ୍ତ୍ରୀ ଏକ ନିରବ ନିନାଦରେ ଝଙ୍କୃତ ହୋଇଉଠେ ।

ଏ ଲେଖକ ମତରେ ସବୁ ବଉଳ ଆମ୍ବ ହୁଅନ୍ତି ନାହିଁ । ସବୁ ଲେଖାଯାଉଥିବା ଧାଡ଼ି କବିତା ନୁହେଁ । କବି ସତ୍ୟବାଦୀଙ୍କର ପ୍ରତ୍ୟେକଟି କବିତା କ'ଣ , ପ୍ରତିଟି ଧାଡ଼ି ଯେମିତି ରସାଳ ବୃକ୍ଷର ଗୋଟେ ଗୋଟେ ସୁସ୍ୱାଦୁ ଫଳ! କେବଳ ସହାବସ୍ଥାନ ନୁହେଁ, ମାଟି ସହ ଏକ ଓ ଅଭିନ୍ନ ନହେଲେ କବିତା ହୁଏ ନାହିଁ । ଏହାର ଜ୍ୱଳନ୍ତ ନମୁନା କବି ସତ୍ୟବାଦୀ । ଏ ଅକିଞ୍ଚନ ତାଙ୍କର ଜଣେ ମୁଗ୍ଧ ପାଠକ ନୁହେଁ, ତାଙ୍କ ଅନନ୍ୟ ବ୍ୟକ୍ତିତ୍ୱକୁ ପାଖରୁ ଅନୁଭବ କରିଥିବା ଜଣେ ହତବାକ୍ ମଣିଷ । ବଡ଼ ବଡ଼ ପୁରସ୍କାର ହାତେଇଥିବା ଅନେକ ତଥାକଥିତ ବଡ଼ କବିଙ୍କଠାରୁ ସିଏ ଯେ ଢେର୍ ଅଧିକ ମହାନ୍ - ଏକଥା ଛାତିରେ ହାତବାଡେଇ କହିପାରେ।

ଏବେ ଜାଣିବା ତାଙ୍କ ସମ୍ପର୍କରେ କବି ରଞ୍ଜିତା ପଣ୍ଡାଙ୍କର ଧାରଣା କ'ଣ ?

'ଗୋଟିଏ ସଳଖ ଧାଡ଼ିରେ ଯେ ଭରିହୁଏ ଏତେ ବିହ୍ୱଳପଣ, ତାହା ମୁଁ ସତ୍ୟବାଦୀ ରାଉତଙ୍କ କବିତା ପଢ଼ିଲା ପରେ ହିଁ ଜାଣିଲି। କେତେ କେତେ ସାରଗର୍ଭକ ଭାବପ୍ରବଣତାକୁ ସେ ସଜାଇପାରନ୍ତି ଶବ୍ଦରେ, ଛାଞ୍ଚରେ! ସତରେ ଅଦ୍ଭୁତ ଲାଗୁଥିବା ଅନିନ୍ଦ୍ୟ ଓ ଅନନ୍ୟ କାବ୍ୟକଳାର ସେ ପାରଙ୍ଗମ କାରିଗର। ତାଙ୍କ କବିତା ପଢ଼ିଲା ପରେ ଲାଗିଲା, ଏହା ପରେ ଆଉ କ'ଣ ଥାଇପାରେ କବିତା ?

ତାଙ୍କ କବିତା ପାଠକକୁ ମଜାଇ ଦିଏ, ହଜାଇ ଦିଏ,ପାଗଳ କରେ,ବଞ୍ଚାଇ ଦିଏ ଅଚରିତାର୍ଥ ପ୍ରେମରେ। ତାଙ୍କ କବିତା ପାଠକଙ୍କୁ ବାଟବଣା କରେ, ସ୍ୱର୍ଗୀୟ ତଲ୍ଲୀନତାକୁ ଆସ୍ୱାଦନ କରାଏ। ହୁଏତ ସେ ଜଣେ ସାର୍ଥକ ଓ ସ୍ୱୟଂସମ୍ପୂର୍ଣ୍ଣ କବି, ଯାହାଙ୍କ କବିତା ପରିଚିତ କରାଏ ଗୋଟିଏ ଅଲଗା ପୃଥିବୀ ସହିତ। ଯେଉଁ ପୃଥିବୀ ସାରା ଶବ୍ଦାମୃତର ପାଉଁଜି ସ୍ୱର ଶୁଭୁଥାଏ, ନହେଲେ ଗୋଟିଏ ଅଦୃଶ୍ୟ ନାୟିକାର ସୁନେଲି ଓଢ଼ଣୀ ଭାସୁଥାଏ ପବନରେ, ଧାନକ୍ଷେତରେ, ଧାନ କ୍ଷେତରେ ଲଟେଇ ପଡୁଥାଏ ବିରହର ବିସ୍ମୟ ସୂତାଖିଏ....ଆଉ ଜୀବନ, ଜିଜ୍ଞାସାଟିଏ ପାଲଟୁଥାଏ ।'

ଯୁବ ଗାଳ୍ପିକ ଦେବବ୍ରତ ଦାସ ତାଙ୍କୁ ଏମିତି ବୁଝନ୍ତି –

ଯେବେ ଡିଜିଟାଲ୍ ଯୁଗରୁ ବୋର୍ ହୋଇ ଆମେ ଫେରିବା ଆମ ଗାଁ କୁ, ନିର୍ଭେଜାଲ୍ ପ୍ରେମ ପାଖକୁ, ଜୀବନର ଅସଲ ଦରଜର ମୁଣ୍ଡ ଆଉଁସି ଦେବାକୁ ସେତେବେଳେ ଆମେ ବିଭୋର ହେବା ସତ୍ୟବାଦୀଙ୍କ କବିତା ପଢ଼ି । ବୁଝିବା ଯେ କାଳଜୟୀ କବିତା କାହାକୁ କୁହାଯାଏ।

ଏମିତି ତାଙ୍କ କବିତାକୁ ବୁଝିଥିବା ଓ ହେଜିଥିବା କାବ୍ୟାମୋଦୀର ପାଠକମାନଙ୍କ ଅଭିବ୍ୟକ୍ତିକୁ ଉଦ୍ଧାର କଲେ ଏକ ଦୀର୍ଘ ଦସ୍ତାବିଜ୍ ହେଇଯିବ। ପରବର୍ତ୍ତୀ ଭାଗମାନଙ୍କରେ ଆମେ ତାଙ୍କ କବିତାର କିଛିକାଂଶକୁ ବୁଝିବାର ପ୍ରୟାସ କରିବା ।

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*






# ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ନୋଡାଲ ବୈଠକ

**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ନୋଡାଲ ବୈଠକ ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ କୃଷକ ପଞ୍ଜିକରଣ, ୟୁରିଆ ସାର, ବିହନଯୋଗାଣ,ଅଙ୍ଗନୱାଡ଼ି କେନ୍ଦ୍ର ପରିଚାଳନା, ଅମୃତ ସରୋବର ପ୍ରକଳ୍ପ, ଶିକ୍ଷା ବ୍ୟବସ୍ଥା,୫ଟ୍ଟ ସ୍କୁଲ, ସ୍ୱାସ୍ଥ୍ୟ ସେବା, ଇତ୍ୟାଦି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବିଶେଷ କରି ନୋଡାଲ ଅଧିକାରୀ ମାନେ ସଂପୃକ୍ତ ବ୍ଲକ ପରିଦର୍ଶନ ସମୟରେ ଗ୍ରାମ ପଞ୍ଚାୟତ ପରିଦର୍ଶନ କରି



ପଞ୍ଚାୟତ କାର୍ଯ୍ୟ ର ତଦାରଖ କରି ସବିଶେଷ ତଥ୍ୟ ଜିଲ୍ଲପାଳଙ୍କୁ ଜଣାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ୍ ଋତୁରେ କୃଷକ ମାନଙ୍କ ପାଇଁ ଆବଶ୍ୟକ ବିହନ ସାର ଯୋଗାଣ ରେ ଯେମିତି କୌଣସି ତ୍ରୁଟି ନହୁଏ ସେଥିପାଇଁ ଯଥେଷ୍ଟ ଧ୍ୟାନ ଦେବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଜିଲ୍ଲପାଳ ଡକ୍ଟର ମିଶ୍ର ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ନୋଡାଲ ଅଧିକାରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀଅଧିକାରୀ ଜିଲ୍ଲା ପରିଷଦ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲପାଳ, ଭାସ୍କର ରଇତ, ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ପ୍ରଶାସକ, ଅଭୀମନ୍ୟୁ ମାଝୀ,ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ମୌସୁମୀ ନାୟକ,ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ଉପ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ଟାଲି ଜିଲ୍ଲା ମଙ୍ଗଳ ଅଧିକାରୀ, ସ୍ମୃତି ରଞ୍ଜନ ସାମନ୍ତରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ସୁଧାଂଶୁ ପାତ୍ର,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଳୟ ତ୍ରିପାଠୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ହଳଧର ନିହାଲ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟରେ ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ

**ଭୁବନେଶ୍ୱର :** ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଡାଇରିଆ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଗତ ଦୁଇ ଦିନ ମଧ୍ୟରେ ୬ ଜିଲ୍ଲାରେ ଝାଡ଼ାବାନ୍ତି ଆଦୌ ସଂକ୍ରମିତ ହୋଇନାହିଁ। ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ସମୀକ୍ଷା ପରେ ଏହି ସୂଚନା ମିଳିଛି। ରୋଗୀମାନଙ୍କୁ ତୁରନ୍ତ ହସ୍ପିଟାଲ୍ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ପ୍ରସାରଣ ଓ ହସ୍ପିଟାଲ ସ୍ଥାନାନ୍ତର ବ୍ୟବସ୍ଥାରେ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ୱାର୍ଡ ମେମ୍ବର, ସରପଞ୍ଚ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍କୁଲଗୁଡ଼ିକୁ ସାମିଲ କରିବା ନିମନ୍ତେ ମଧ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପାନୀୟଜଳ ଉତ୍ସକୁ ନିୟମିତ ବିଶୋଧନ କରାଯିବ। ଲୋକମାନେ ଯେପରି ଝରଣା ପାଣି ନପିଅନ୍ତି ତା'ଉପରେ ସତର୍କ ଦୃଷ୍ଟି ରଖିବାକୁ ସମସ୍ତ ଜିଲ୍ଲାପାଳଙ୍କୁ କୁହାଯାଇଛି। ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବାକୁ କୁହାଯାଇଛି। ସଂକ୍ରମିତ ଅଞ୍ଚଳରେ ଜଳ ବିଶୋଧନ ପାଇଁ 'ରିଭର୍ସ ଅସମୋସିସ୍ ଯନ୍ତ୍ର' ଲାଗିଥିବା ଗାଡ଼ି ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗ ନିରୀକ୍ଷଣ ଓ ଅନୁଧ୍ୟାନ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବ। ବର୍ଷାଋତୁ ଶେଷ ପର୍ଯ୍ୟନ୍ତ ଡାଇରିଆ ନିରାକରଣ ବ୍ୟବସ୍ଥାକୁ ପୂର୍ଣ୍ଣ ସକ୍ରିୟ ରଖିବା ସହ ସମ୍ପୂର୍ଣ୍ଣ ସଜାଗ ଓ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳ ଏବଂ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ସୋନପୁର, ନୂଆପଡ଼ା, ଗଜପତି, ଝାରସୁଗୁଡ଼ା ଆଦି ୭ଟି ଜିଲ୍ଲାରେ ସମୁଦାୟ ୬୮୦ ଲୋକ ସଂକ୍ରମିତ ହୋଇଥିବା ବେଳେ ୬୧୦ ଜଣ ଆରୋଗ୍ୟ ଲାଭ କରିଛନ୍ତି। ୫୩ ଜଣ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି ଏବଂ ୧୭ ଜଣ ହସ୍ପିଟାଲ୍ ଆସିବାରେ ବହୁ ବିଳମ୍ବ କରିଥିବାରୁ ସେମାନଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆବାସ ପ୍ଲସ୍ ...

ହିତାଧିକାରୀଙ୍କୁ ପରମାନେଟ୍ ୱେଟିଂ ଲିଷ୍ଟରୁ ବାଦ ଦିଆଯାଇଛି। ଆୱାସ ସଫ୍ଟରେ ଦିଆଯାଇଥିବା ତଥ୍ୟରେ ବ୍ୟାପକ ଅନିୟମିତତା ଥିବା ମଧ୍ୟ ରିପୋର୍ଟରେ ସ୍ପଷ୍ଟ ହୋଇଥିଲା । ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଲୋଗୋର ଟ୍ୟାମ୍ପରିଂ କରାଯାଇଥିବା ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ୍ ନମ୍ବରକୁ ପରିବର୍ତ୍ତନ କରାଯାଇଥିଲା। ଆବାସ ସଫ୍ଟ ଡାଟାବେସରେ ବିଡ଼ିଓଙ୍କ ଦ୍ୱାରା ୯୮ ହଜାର ୫୬୨ ହିତାଧିକାରୀଙ୍କୁ ମାନୁଆଲ ଓଭରରାଇଡରେ ପାଣ୍ଠି ହସ୍ତାନ୍ତର କରାଯାଇଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। ସେହିପରି ଦ୍ୱିତୀୟ ତଦନ୍ତରୁ ଜଣାପଡ଼ିଥିଲା ନିମ୍ନମାନର ବାସଗୃହ ନିର୍ମାଣ, ଆବାସ ପ୍ଲସ ସର୍ଭେରେ ତୃଟି, ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ଲୋଗୋ ବ୍ୟବହାରରେ ଅବହେଳା, ଯୋଜନାକୁ ରାଜ୍ୟରେ ବ୍ୟାପକ ଭାବରେ କ୍ରିୟାନ୍ୱୟନ କରିବାରେ ଓଡ଼ିଶା ସରକାର ଠିକ୍ ଭାବରେ ତଦାରଖ କରିନଥିଲେ ବୋଲି ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ଦିଗରେ ରାଜ୍ୟବ୍ୟାପୀ ସଠିକ୍ ଭାବରେ ପିଏମ ଗ୍ରାମୀଣ ଆବାସ ଯୋଜନାକୁ କ୍ରିୟାନ୍ୱୟନ କରିବା ପାଇଁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଥିଲେ। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଚୂଡ଼ାନ୍ତ ଆବାସ ପ୍ଲସ ତାଲିକାରେ ୮ ଲକ୍ଷ ୧୭ ହଜାର ୫୧୩ ଘର ପ୍ରଦାନ କରାଯାଇଥିବା ବେଳେ ରାଜ୍ୟ ସରକାର ଶାସକ ଦଳର ଭୋଟ୍ ହାର ଅଧିକ ଥିବା ଜିଲ୍ଲାରେ ଜାଣିଶୁଣି ଅଧିକ ଘର ପ୍ରଦାନ କରିଥିଲେ । ତଥ୍ୟରୁ ଜଣାପଡୁଛି ଯେ ଏହି ୮ ଲକ୍ଷ ୧୭ ହଜାର ୫୧୩ ଘର ମଧ୍ୟରୁ ଦକ୍ଷିଣ ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ୧୪ଟି ଜିଲ୍ଲା ଜନଜାତି ବହୁଳ ଏବଂ ମାଓବାଦୀ ପ୍ରବଣ ଅଞ୍ଚଳ ଯଥା ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଗଜପତି, କନ୍ଧମାଳ, ଦେବଗଡ଼ ଏବଂ ସୋନପୁର ଇତ୍ୟାଦି ୧୪ଟି ଜିଲ୍ଲାକୁ ମାତ୍ର ୬ ହଜାର ୬୪୮ ଘର ଆବଣ୍ଟନ କରାଯାଇଛି। ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟରୁ ସମ୍ମୁଖୀନ ହେଉଥିବା ବେଳେ ଅଧିକ ଗ୍ରାମୀଣ ପରିବାର ଦୁର୍ଗମ ଜିଲ୍ଲାରେ ବସବାସ କରୁଛନ୍ତି। ତନ୍ମଧ୍ୟରୁ ଜନଜାତି ଜନସଂଖ୍ୟା ଅଧିକ ଥିବାରୁ ଘର ଗୁଡ଼ିକ ପ୍ରଭାବିତ ହେଉଛି। ୨୦୧୯ରେ ଫୋନୀ, ୨୦୨୦ରେ ଅମ୍ପାନ ଏବଂ ୨୦୨୧ରେ ଜୱାଦ ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା ଏବଂ ବନ୍ୟାଦ୍ୱାରା ପ୍ରଭାବିତ ଥିବା ପରିବାର ଗୁଡ଼ିକ ପରମାନେଟ୍ ୱେଟିଂ ଲିଷ୍ଟ କିମ୍ବା ଆବାସ ପ୍ଲସ ପ୍ଲାଟଫର୍ମରେ ସାମିଲ ହେବା ପାଇଁ ଅପେକ୍ଷା କରିଛନ୍ତି। ଜିଓ ଟ୍ୟାଗିଂରେ କିମ୍ବା ଆବାସ ପ୍ଲସ ସଫ୍ଟୱୟାରରେ ଆଧାର ଓ ଜବ୍ କାର୍ଡ ସଂଯୋଗୀକରଣରେ ବିଳମ୍ବ ଭଳି ବୈଷୟିକ ଆଧାରରେ ତ୍ରୁଟି ଲାଗି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଯୋଗ୍ୟ ହିତାଧିକାରୀ ପରମାନେଟ୍ ୱେଟିଂ ଲିଷ୍ଟରେ ଥାଇ ମଧ୍ୟ ବାସଗୃହ ପାଇପାରିନାହାନ୍ତି। ଏହାବ୍ୟତିତ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ପ୍ଲସ ପ୍ଲାଟଫର୍ମରୁ ବଞ୍ଚିତ ରଖାଯାଇଛି। ଓଡ଼ିଶା ସରକାର ଦାବୀ କରିଛନ୍ତି ଯେ ଦକ୍ଷିଣ ପଶ୍ଚିମ ଜିଲ୍ଲାର ୫.୦୯ ଲକ୍ଷ ହିତାଧିକାରୀ ସମେତ ମୋଟ ୬.୬୫ ଲକ୍ଷ ହିତାଧିକାରୀ ଷ୍ଟେଟ୍ ରୁରାଲ ହାଉସିଂ ପୋର୍ଟାଲରେ ଯୋଡ଼ାଯାଇଛି । ରାଜ୍ୟ ସରକାର ଫୋନୀ ସ୍ପେଶାଲ ୱିଣ୍ଡୋ ସମୟରେ ଆବାସ ପ୍ଲସ ପ୍ଲାଟଫର୍ମରେ ୫.୫ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିଥିବା ବେଳେ ହିତାଧିକାରୀଙ୍କ ତାଲିକାକୁ ତଦାରଖ କରିବାକୁ ହେବ। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ରାଜ୍ୟର ନିଜସ୍ୱ ଗୃହ ଯୋଜନାରେ ହିତାଧିକାରୀଙ୍କ ଯେପରି ନକଲ ନ ହୁଏ, ସେ ଦିଗରେ ବ୍ୟାପକ ତଦାରଖ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଶେଷ ମୁହୂର୍ତ୍ତରେ ...

ସ୍ଥଗିତ ହୋଇଛି ବୋଲି। ତେବେ ଏଥିପାଇଁ ଦାୟୀ କିଏ' ବୋଲି ସେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁସାରେ,ସିୟୁଇଟି-ୟୁଜି ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଶେଷ ହୋଇଛି । ଏଭଳି ପରିସ୍ଥିତିରେ ସୂଚନା ଆସୁଛି ଯେ, ୧୭ ଟି ରାଜ୍ୟର କେତେକ କେନ୍ଦ୍ରରେ ସିୟୁଇଟି-ୟୁଜି ପରୀକ୍ଷା ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷାରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ପରୀକ୍ଷାରେ ଅନେକ ଛାତ୍ରଙ୍କୁ ବୈଷୟିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲା । ଜାତୀୟ ପରୀକ୍ଷା ଏଜେନ୍ସି କହିଛି ଯେ ପ୍ରଶାସନିକ ଏବଂ ବୈଷୟିକ କାରଣରୁ ଅଗଷ୍ଟ ୪ ପାଇଁ ସିୟୁଇଟି-ୟୁଜି ୧୭ ଟି ରାଜ୍ୟର କେତେକ କେନ୍ଦ୍ରରେ ସ୍ଥଗିତ ରଖାଯାଇଛି। ଜାତୀୟ ପରୀକ୍ଷା ଏଜେନ୍ସିର ପ୍ରଶାସନିକ ଏବଂ ବୈଷୟିକ କାରଣ ହେତୁ ୦୪ ଅଗଷ୍ଟ ୨୦୨୨ (ପ୍ରଥମ ସିଫ୍ଟ) ପାଇଁ ଧାର୍ଯ୍ୟ ହୋଇଥିବା ସିୟୁଇଟି-ୟୁଜି - ୨୦୨୨ ପରୀକ୍ଷା କେତେକ ପରୀକ୍ଷା କେନ୍ଦ୍ରରେ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷା ୧୨ ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସିୟୁଇଟି୨୦୨୨ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ପ୍ରାୟ ୧୪,୯୦,୦୦୦ ପ୍ରାର୍ଥୀ ଉପସ୍ଥିତ ହୋଇଥିଲେ । ସକାଳ ୯ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଏହି ପରୀକ୍ଷା କରାଯାଇଥିଲା। ପରୀକ୍ଷା ଶେଷ ହେବା ପରେ ଜାତୀୟ ପରୀକ୍ଷା ଏଜେନ୍ସି ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଏହି ବିଜ୍ଞପ୍ତିରେ କୁହାଯାଇଛି ଯେ କେତେକ ପରୀକ୍ଷା କେନ୍ଦ୍ରରେ ବୈଷୟିକ ସମସ୍ୟା କାରଣରୁ ପରୀକ୍ଷା ସ୍ଥଗିତ ରଖାଯାଇଛି। ବର୍ତ୍ତମାନ ଏହି ପରୀକ୍ଷା ୧୨ ଅଗଷ୍ଟ ୨୦୨୨ ରେ କରାଯିବ। ଏନଟିଆର ଅନୁଯାୟୀ, ଗତ କିଛି ଦିନ ହେବ କେରଳର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଲାଗି ରହିଛି। ଏହି କାରଣରୁ ବହୁ ସଂଖ୍ୟକ ପ୍ରାର୍ଥୀ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସିୟୁଇଟି-ୟୁଜି ୨୦୨୨ ପାଇଁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ସମ୍ଭବ ନୁହେଁ । ସିୟୁଇଟି-ୟୁଜି ୱେବସାଇଟରେ ଉପଲବ୍ଧ ସରକାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାରେ ଅସୁବିଧା ହେବ, ବୈଦ୍ୟୁତିକ ତୃଟି ହେତୁ ମଧ୍ୟ ସମସ୍ୟା ହୋଇପାରେ। ଏନ୍‌ଟିଏ ସୂଚନା ଦେଇଛି ଯେ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ କେରଳ ରାଜ୍ୟର ସହରରେ ୪, ୫ ଏବଂ ୬ ଅଗଷ୍ଟ ୨୦୨୨ ରେ ହାଜର ହେବାକୁ ଥିବା ପ୍ରାର୍ଥୀଙ୍କ ପାଇଁ ସିୟୁଇଟି-ୟୁଜି - ୨୦୨୨କୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସିୟୁଇଟି ପରୀକ୍ଷା ୨୦୨୨ର ସଂଶୋଧିତ ତାରିଖ ଏହି ପ୍ରାର୍ଥୀମାନଙ୍କ ପାଇଁ ଖୁବ ଶୀଘ୍ର ଏନ୍‌ଟିଏ ଦ୍ୱାରା ଘୋଷଣା କରାଯିବ।

### ମୋଦିଙ୍କୁ ଭେଟିଲେ ...

ଇଡି କ୍ରମାଗତ ଭାବେ ବେଙ୍ଗଲର ମନ୍ତ୍ରୀମାନଙ୍କୁ ଟାର୍ଗେଟ କରୁଥିବାରୁ ଏ ସମ୍ପର୍କରେ କୌଣସି ବୁଝାମଣା କରିବାକୁ ମମତା ଦିଲ୍ଲୀ ଆସି ମୋଦିଙ୍କୁ ଭେଟିଥିବା ସେମାନେ କହିଛନ୍ତି। ସମ୍ଭବତଃ କୌଣସି ସେଟିଂ କରିବାକୁ ସେ ଚାହୁଁଥିବା ରାଜନୀତିକ ପଣ୍ଡିତମାନେ କହିଛନ୍ତି। ସେହିପରି ବିଜେପି ନେତା ଦିଲୀପ ଘୋଷ ମଧ୍ୟ ମୋଦି ଓ ମମତାଙ୍କ ଭେଟଘାଟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। କେନ୍ଦ୍ର ସହ ବୁଝାମଣା ବା ସେଟିଂ ହୋଇ ସାରିଥିବା ଗୋଟିଏ ସଙ୍କେତ ଦେବାକୁ ଦିଦି ହଠାତ୍ ମୋଦିଙ୍କୁ ଭେଟିଛନ୍ତି। ମମତାଙ୍କ ଏହହି ଷଡ଼ଯନ୍ତ୍ର ପ୍ରତି କେନ୍ଦ୍ର ସରକାର ସତର୍କ ରୁହନ୍ତୁ ବୋଲି ସେ ଗତକାଲି କହିଥିଲେ। ତେବେ ଏହାକୁ ଟିଏମସି ପକ୍ଷରୁ ମୂଲ୍ୟହୀନ ଅଭିଯୋଗ ବୋଲି କୁହାଯାଇଥିଲା। ମେଘାଳୟର ପୂର୍ବତନ ରାଜ୍ୟପାଳ ତଥାଗତ ରୟ ମଧ୍ୟ ମମତାଙ୍କ ସହ ମୋଦିଙ୍କ କୌଣସି ସେଟିଂ ହୋଇଛି କି ନାହିଁ, ସେକଥା ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଏଥିସହ ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏସମ୍ପର୍କରେ ବୁଝାନ୍ତୁ ବୋଲି ସେ କହିଛନ୍ତି।

### ବଢ଼ିଲା ...

ଲକଡାଉନ ଜନିତ ଆର୍ଥିକ ମାନ୍ଦାବସ୍ଥା କାରଣରୁ ରେପୋରେଟ ହ୍ରାସ କରାଯାଇଥିଲା। ଏହାର ୨ ବର୍ଷ ପର୍ଯ୍ୟନ୍ତ ଅର୍ଥାତ ୨୦୨୨ ମେ' ୪ ତାରିଖ ପର୍ଯ୍ୟନ୍ତ ସୁଦ୍ଧହାର ଅପରିବର୍ତ୍ତିତ ରଖାଯାଥିଲା। ରେପୋ ରେଟ ବଢ଼ାଇବା ପରେ ମହଙ୍ଗା ହେବ ଗୃହ ଓ କାର ଋଣ। ଗତ ୪ମାସ ଭିତରେ ରେପୋରେଟ ୧.୪ ପ୍ରତିଶତ ବଢ଼ିଲାଣି। ଜୁନ୍ ମାସରେ ମୁଦ୍ରାସ୍ଫିତି ୭ ପ୍ରତିଶତ ଥିଲା ଏହାକୁ ଦେଖି ମନ୍ଥଲି ପଲିସି କମିଟି ରେପୋରେଟ ବଢାଇବାକୁ ନିଷ୍ପତ୍ତି ନେଇଥିଲା ତେବେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣରଙ୍କ ଅଧକ୍ଷତାରେ ବସିଥିବା ମନିଟାରି ପଲିସି କମିଟିର ୬ ଜଣିଆ ସଦସ୍ୟ ରେପୋରେଟ ବଢ଼ାଇବା ସପକ୍ଷରେ ମତ ଦେଇଥିଲେ। ତେବେ ରେପୋରେଟ ବଢ଼ାଇବା ପରେ ୨୦୨୨-୨୩ରେ ମୁଦ୍ରାସ୍ଫିତି ୬.୭ ପ୍ରତିଶତକୁ ଖସିବ ବୋଲି ଆଶା ରଖିଛି ଆରବିଆଇ। ସେହିପରି ୨୦୨୩-୨୪ରେ ମୁଦ୍ରାସ୍ଫିତି ୫ ପ୍ରତିଶତକୁ ଖସି ଆସିବ ବୋଲି ଆକଳନ କରାଯାଇଛି। ସେହିପରି ୨୦୨୨-୨୩ରେ ଜିଡିପି ଅବିବୃଦ୍ଧି ୭.୨ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି। ତେବେ ୨୦୨୩-୨୪ର ପ୍ରଥମାର୍ଧରେ ଜିଡିପି ଅଭିବୃଦ୍ଧି ୬.୭ ପ୍ରତିଶତ ରହିବ ବୋଲି ଆରବିଆଇ ଆକଳନ କରିଛି। ଏବେ ରେପୋ ରେଟ୍ ବଢିବା ପରେ ଋଣ ଏବଂ ଇଏମଆଇ ଉପରେ ନିଶ୍ଚିତ ରୂପେ ପ୍ରଭାବ ପଡିବ। ରେପୋ ରେଟ ବୃଦ୍ଧି ପାଇବା ପରେ ମୁଦ୍ରାସ୍ଫିତି ଉପରେ ନିୟନ୍ତ୍ରଣ ଆସିବ ବୋଲି ଆରବିଆଇ ଆଶା ରଖିଛି। କିଛି ଦିନ ହେଲା ଦେଶରେ ସବୁ ପ୍ରତ୍ୟକ ଜିନିଷର ଦରଦାମ ବଢି ଚାଲିଛି। ଏପରିକି ଏପ୍ରିଲ ୨୦୨୨ରେ ଖୁଚରା ମୁଦ୍ରାସ୍ଫିତି ୭ ଦଶମିକ ୮ ପ୍ରତିଶତ ଛୁଇଁଛି। କିଛି ବର୍ଷ ହେବ ଦରଦାମ ବୃଦ୍ଧି କାରଣରୁ ହିଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ରେପୋ ରେଟ ବଢାଇବା ନେଇ ଘୋଷଣା କରାଯାଇଛି।

### ୨୦୨୧-୨୦୨୩ ପାଇଁ ...

ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନ ମାଧ୍ୟମରେ ୨୮୪୮ ପଦବି, ଓଡ଼ିଶା ଷ୍ଟାଫ୍ ସିଲେସନ୍ କମିସନ ମାଧ୍ୟମରେ ୨୫୫୫ ପଦବି ଏବଂ ସବ୍-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିସନ ମାଧ୍ୟମରେ ୧୦୩୫୫ ପଦବି ପାଇଁ ପାର୍ଥ ଚୟନ କରାଯାଇଛି। ସେମାନଙ୍କୁ ମଧ୍ୟ ସରକାରୀ ବିଭାଗମାନେ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେଉଛନ୍ତି। ଏତଦ୍‌ବ୍ୟତୀତ ବର୍ତ୍ତମାନ ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନ ୫୮୯୩ ଗ୍ରୁପ-ଏ ଓ ଗ୍ରୁପ୍-ବି (ଦରମା ସ୍ତର-୧୦ରୁ ଅଧିକ) ପଦବି ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଷ୍ଟାଫ୍ ସିଲେସନ୍ କମିସନ ୨୩୭୬ ଗ୍ରୁପ୍-ବି(ଦରମାସ୍ତର-୯) ଏବଂ ଗ୍ରୁପ୍-ସି ପଦବି ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କରିଛନ୍ତି। ଏମାନେ ସମସ୍ତେ ଷ୍ଟେଟ୍ କ୍ୟାଡର୍ ଅନ୍ତର୍ଭୁକ୍ତ ହେବେ। ସେହିପରି ସବ୍-ଅଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିସନ ଜିଲ୍ଲା-କ୍ୟାଡର ଅନ୍ତର୍ଭୁକ୍ତ ଗ୍ରୁପ୍-ବି ଏବଂ ଗ୍ରୁପ୍-ସି ପଦବୀ ପାଇଁ ମଧ୍ୟ ବିଜ୍ଞାପନ, ପରୀକ୍ଷା ଓ ଚୟନ ପ୍ରକ୍ରିୟା ଚାଲୁ ରଖୁଛନ୍ତି। ଏହିସବୁ ପଦବିରେ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ମୁଖ୍ୟତଃ ବେଶି ସଂଖ୍ୟାରେ କୁନିଅର ଇଞ୍ଜିନିୟର, ଷ୍ଟେନୋଗ୍ରାଫର, ଅବକାରୀ ଏସ୍.ଆଇ, ଡାଟା ଏଣ୍ଟି ଅପରେଟର, ବ୍ଲକ୍ ସାମାଜିକ ସୁରକ୍ଷା ଅଫିସର, ଅଡିଟର, ଆର. ଆଇ, ଅମିନ, ଫରେଷ୍ଟ ଗାର୍ଡ, ଅବକାରୀ କନେଷ୍ଟବଳ, ନର୍ସ ଅଫିସର, ପ୍ରାଣୀ-ଧନ ନିରୀକ୍ଷକମାନଙ୍କୁ ଚୟନ କରାଯିବ। ଏହାଛଡ଼ା ଓଡ଼ିଶା ସିଭିଲ୍ ସର୍ଭିସେସ୍ ଅନ୍ତର୍ଭୁକ୍ତ ବିଭିନ୍ନ ପଦବି, ମେଡିକାଲ୍ କଲେଜ୍ ପାଇଁ ଅତିରିକ୍ତ – ପ୍ରଫେସର, କୃଷି ଅଧିକାରୀ, ସ୍ନାତକଭୋର ଶିକ୍ଷକ, ଭୁତତ୍ତ୍ୱବିତ୍, ବିଭିନ୍ନ ସରକାରୀ ମହାବିଦ୍ୟାଳୟ ନିମନ୍ତେ ଅତିରିକ୍ତ-ପ୍ରଫେସର ଆଦି ପଦବୀ ପାଇଁ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି ପୋଲିସ୍ ମହାନିର୍ଦ୍ଦେଶକ ସୁନିଲ୍ କୁମାର ବଂଶଲ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପ୍ରମୁଖ ଶାସନ ସଚିବ ସୁରେନ୍ଦ୍ର କୁମାର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ, ପ୍ରମୁଖ ଶାସନ ସଚିବ ଓ ସବ୍‌ଅଡିନେଟ ଷ୍ଟାଫ୍ ସିଲେକସନ୍ କମିଶନ ଅଧକ୍ଷ ଶାଶ୍ୱତ ମିଶ୍ର, ଷ୍ଟାଫ୍ ସିଲେକସନ୍ କମିସନ ଅଧକ୍ଷ ଅଭୟ, ପବ୍ଲିକ୍ ସର୍ଭିସ୍ କମିସନ ସେକ୍ରେଟେରୀ ପ୍ରମୋଦ ମିଶ୍ରଙ୍କ ସମେତ ସଂପୃକ୍ତ କମିସନମାନଙ୍କର ସେକ୍ରେଟେରୀ ଓ ବିଭାଗୀୟ ବରିଷ୍ଠ ଅଧୁକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ପାଠାଗାର ବହି କିଣାରେ ...

ଓସେପାରେ କାର୍ଯ୍ୟରତ ଅନ୍ୟତମ ଜଏଣ୍ଟ ଡାଇରେକ୍ଟର। ତାଙ୍କ ସହ ସଂପୃକ୍ତ ଆଉ ଜଣେ ତିନି କୋଟି ଲାଞ୍ଚ ନେଇଥିବା ମଧ୍ୟ ଅଭିଯୋଗ ହୋଇଛି। ଯେଉଁ ପ୍ରକାଶକମାନେ ଯୋଗ୍ୟ ନୁହଁନ୍ତି ତାହାର ତାଲିକା ତୁରନ୍ତ ଓସେପା ୱେବସାଇଟ୍‌ରେ ଉପଲବ୍ଧ କରିଥିବା ବେଳେ କେଉଁ ବହି ଚୟନ ହେଲା କେଉଁ ବହି ନହେଲା ତାହାର ତାଲିକା ଦେଇ ନାହାନ୍ତି। କାରଣ ୱେବସାଇଟ୍‌ରେ ଏହା ପ୍ରକାଶ ପାଇଲେ ଚୟନକର୍ତ୍ତାଙ୍କ କାରନାମା କାଳେ ପଦାରେ ପଡ଼ିଯିବ ତେଣୁ ଏଭଳି କରାଯାଇଥିବା ସନ୍ଦେହକୁ ଆହୁରି ବଢ଼ାଇ ଦେଉଛି। ଏ ସମ୍ପର୍କରେ ଅଧିକ ତଦନ୍ତ କରାଗଲେ ଅସଲ ତଥ୍ୟ ପଦାକୁ ଆସିପାରିବ।

### ଦେଶରେ ୪୨% ଲୋକ ...

ଅନ୍ୟପଟେ ୧୯ ପ୍ରତିଶତ ଲୋକେ କିପରି ଟଙ୍କା ଫେରି ପାରିବେ ସେନେଇ ଜାଣିନାହାନ୍ତି। ସେହିପରି ୧୯ ପ୍ରତିଶତ ଲୋକେ ନିଜ ସହ ହୋଇଥିବା ଠକାମୀ ବାବଦରେ କୌଣସି ଅଭିଯୋଗ କରିନାହାନ୍ତି। ଲୋକଲ ସର୍କିଲ୍ସ ଏହି ସର୍ଭରେ ମୋଟ ୩୨ ହଜାର ଲୋକଙ୍କ ମତାମତ ନେଇଥିଲା। ଏଥିରେ ୩୦୧ଟି ଜିଲ୍ଲା ସାମିଲ ଥିଲା। ସର୍ଭେରେ ୪୩ ପ୍ରତିଶତ ପ୍ରଥମ ଶ୍ରେଣୀ ସହର ଏବଂ ୨୭ ପ୍ରତିଶତ ଦ୍ୱିତୀୟ ଶ୍ରେଣୀ ସହରରେ ଥିଲେ। ଏଥିରେ ୬୨ ପ୍ରତିଶତ ପୁରୁଷ ଏବଂ ୩୮ ପ୍ରତିଶତ ମହିଳା ସାମିଲ ଥିଲେ।

### 'ରାଜ୍ୟର ଆର୍ଥିକ ଅନିୟମିତତା ...

ସିଏଜି ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାର ୩୬୧୯୪ କୋଟି ଟଙ୍କାର ବିନିଯୋଗ ପତ୍ର (ୟୁସି) କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିବାରେ ବିଫଳ ହୋଇଛନ୍ତି। ସେଥି ମଧ୍ୟରୁ କେବଳ ୨୦୧୯-୨୦ ଆର୍ଥିକ ବର୍ଷରେ ପଂଚାୟତ ବିଭାଗର ୪୦୩ କୋଟି; ସହରାଂଚଳ ଓ ଗୃହ ବିଭାଗର ୩୧୭ କୋଟି, ରାଜସ୍ୱ ବିଭାଗର ୨୧୮ କୋଟି, ଯୋଜନା ବିଭାଗର ୨୧୪ କୋଟି, ଅନୁସୁଚିତ ଜାତି ଓ ଜନଜାତି ବିଭାଗର ୯୦ କୋଟି, ସୂଚନା ଓ ପ୍ରଯୁକ୍ତି ବିଭାଗର ୫୮ କୋଟି, ପର୍ଯ୍ୟଟନ ବିଭାଗର ୧୯ କୋଟି, ଉଚ୍ଚଶିକ୍ଷା ବିଭାଗର ୧୬ କୋଟି, ଗଣଶିକ୍ଷା ବିଭାଗର ୧୪ କୋଟି ଏବଂ ଦକ୍ଷତା ବିଭାଗର ୧୦ କୋଟି ଟଙ୍କାର ବିନିଯୋଗ ପତ୍ର ଦାଖଲ କରିନାହାନ୍ତି ରାଜ୍ୟ ସରକାର । ଏଥି ପାଇଁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ବାବଦରେ ବକେୟା ଅନୁଦାନ ପାଇବାରୁ ବଂଚିତ ହେଉଛି ଓଡିଶା ରାଜ୍ୟ । କେନ୍ଦ୍ରୀୟ ଅନୁଦାନ ଏବଂ ଅର୍ଥର ସଠିକ ବିନିଯୋଗ ନକରି ପାରିବାରୁ ୟୁସି ଦେବାରେ ବିଫଳ ରାଜ୍ୟ ସରକାର ନିଜ ଦୋଷକୁ ଲୁଚାଇବା ପାଇଁ କେନ୍ଦ୍ର ଉପରେ ଦୋଷ ଲଦିଦେଇ ଦୋମୁହାଁ ନୀତି ଆପଣାଇବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। କେନ୍ଦୁଝର, ସୁନ୍ଦରଗଡ, ମୟୁରଭଂଜ, କୋରାପୁଟ ଆଦି ଖଣିଜ ସଂପଦ ଜିଲ୍ଲାମାନଙ୍କରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କଂଟ୍ରାକ୍ଟରମାନଙ୍କ ସହଯୋଗରେ ବ୍ୟାପକ ମାତ୍ରାରେ ରାଜସ୍ୱ ଚୋରି ହେଉଛି। ଚଂଚକତା ଓ ଦୁର୍ନୀତି ଉଦ୍ଦେଶ୍ୟ ରଖିଥିବା ରାଜ୍ୟ ସରକାର ବକ୍ସାଇଟ ଦର ଧାର୍ଯ୍ୟ କରିନପାରିବାରୁ କେବଳ ରାୟଗଡା ଜିଲ୍ଲାରେ ୬୨ କୋଟି ଟଙ୍କାର ରାଜସ୍ୱ କ୍ଷତି ହୋଇଛି ବୋଲି ସିଏଜି ରିପୋର୍ଟରେ ମଧ୍ୟ ଉଲ୍ଲେଖ ଅଛି। ଓଡିଶାକୁ ଲୁଟିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାରର ବେଆଇନ ଓ ଅନୈତିକ କାର୍ଯ୍ୟ ରାଜ୍ୟ ସରକାର କରୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି। ଯେଉଁ ପ୍ରଶାସନିକ ଅଧିକାରୀମାନେ ଏଭଳି ଷଡଯନ୍ତ୍ର ରଚିବା ସହିତ ଆର୍ଥିକ ଚଂଚକତା ଓ ଦୁର୍ନୀତିରେ ସଂପୃକ୍ତ ଅଛନ୍ତି, ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ କ୍ଷତି ହୋଇଥିବା ଅର୍ଥକୁ ତାଙ୍କଠାରୁ ଆଦାୟ କରାଯିବା ପାଇଁ ଶ୍ରୀ ବକ୍ସିପାତ୍ର ଦାବି କରିଛନ୍ତି। ସିଏଜି ରିପୋର୍ଟରେ ପ୍ରକାଶ ପାଇଥିବା ଏହି ଆର୍ଥିକ ଅନିୟମିତତା, ବିଶୃଙ୍ଖଳା ପ୍ରସଙ୍ଗରେ ସଂସଦରେ ମଧ୍ୟ ଆଲୋଚନା କରାଯିବା ସହିତ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ବିସ୍ତୃତ ଅବଗତ କରାଯିବ ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

# ଭିନ୍ନକ୍ଷମମାନଙ୍କ ନିମନ୍ତେ କୃତିମ ଅଙ୍ଗ ପ୍ରତ୍ୟେଙ୍ଗ ପ୍ରତ୍ୟାରୋପଣ ଚିହ୍ନଟ ଶିବିର




**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଭିନ୍ନକ୍ଷମମାନଙ୍କ କୃତିମ ଅଙ୍ଗ ପ୍ରତ୍ୟେଙ୍ଗ ପ୍ରତ୍ୟାରୋପଣ ନିମନ୍ତେ ଏକ ଚିହ୍ନଟ ଶିବିର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଶ୍ରୀମତି ପଟୱାରୀଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଭିନ୍ନକ୍ଷମ ଅତ୍ୟାଧୁନିକ ପୁର୍ନବାସ କେନ୍ଦ୍ର ଭୁବନେଶ୍ୱରର ୨ଜଣ ପେଶା ଗତ ଶ୍ରୀ ନିହାର ରଞ୍ଜନ ସିଂହ ଓ ଉଦୟନାଥ ମହାରଥୀ ଯୋଗଦେଇଥିବା ଭିନ୍ନକ୍ଷମ ମାନଙ୍କର କୃତିମ ଅଙ୍ଗପ୍ରତ୍ୟେଙ୍ଗ ପ୍ରତ୍ୟାରୋପଣ ନିମନ୍ତେ ମାପଚୁପ କରିଥିଲେ। ଏହି ଶିବିରରେ ମୋଟ ଜିଲ୍ଲାରୁ ୩୧ଜଣ ହିତାଧିକାରୀ ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨ଜଣ କୃତିମ ଗୋଡ ଲଗାଇବା ନିମନ୍ତେ ଏବଂ ୯ଜଣ କୃତିମ ହାତ ନିମନ୍ତେ ଓ ୧୦ଜଣ ଭିନ୍ନକ୍ଷମ ପିଲା ରୂପାନ୍ତରିତ ଜୋତା ତିଆରି ନିମନ୍ତେ ଟିମ୍ ମାନଙ୍କ ଦ୍ୱାରା ମାପଚୁପ କରାଯାଇଥିଲା। ମାପଚୁପ ହୋଇଥିବା ଭିନ୍ନକ୍ଷମ ହିତାଧିକାରୀମାନଙ୍କୁ ଅତ୍ୟାଧୁନିକ ପୁର୍ନବାସ କେନ୍ଦ୍ର ଭୁବନେଶ୍ୱରକୁ ପଠାଯାଇ ପୁର୍ନବାର ମାପ କରାଯାଇ କୃତିମ ଅଙ୍ଗ ପ୍ରତ୍ୟେଙ୍ଗ ପ୍ରସ୍ତୁତ କରାଯିବ। ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ୍ କୁମାର ନାୟକ, ବିରିଡି, ନାଉଗାଁ, ତିର୍ତୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ଜଗତସିଂହପୁର ପୌରପରିଷଦର ସିଓ ମିଶ୍ ସୋନିଆ ଓ ପରିଚାଳକମାନେ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଆଗାମୀ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଉପରୋକ୍ତ ହିତାଧିକାରୀମାନଙ୍କୁ କୃତିମ ଅଙ୍ଗ ପ୍ରତ୍ୟେଙ୍ଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

# କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି




**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସବୁ ବ୍ଲକ ମାନଙ୍କରେ ଜିଲ୍ଲାପାଳଙ୍କ ଉପସ୍ଥିତି ରହୁଥିବାରୁ ଜନସାଧାରଣଙ୍କ ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଏହି ଶିବିରରେ ୨୩୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୧୮ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ ଅନ୍ୟାନ୍ୟ ସମସ୍ୟା ମଧ୍ୟରେ ରାସନକାର୍ଡ, ରେଡକ୍ରସ ପାଣ୍ଠିରୁ ସହାୟତା ଓ କିଛି ଭତା ସମ୍ପର୍କରେ ଥିବା ବେଳେ ଗୋଟିଏ ଅଭିଯୋଗର ତତ୍‌କାଳ ଫଇସଲା ମଧ୍ୟ କରାଯାଇଥିଲା। କିଛି ଦିନ ଧରି ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ଅଖୀଳେଶ୍ୱର ସିଂହ ଅନୁପସ୍ଥିତ ଥିବାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏହି କୁଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁଚରଣ ଧୀର, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମଶ୍ରୀ ପାଣିଗ୍ରାହୀ, ତହସିଲଦାର ପ୍ରୀତିପ୍ରର୍ଣ୍ଣା ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ଭାଗ ନେଇଥିଲେ।

# ଧର୍ମପ୍ରାଣା ମହିଳାଙ୍କ ବିୟୋଗରେ ଶୋକ

**ଭୁବନେଶ୍ୱର :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋରଣିଆ ଗ୍ରାମର ପୂର୍ବତନ ରେଳବାଇ ଅଧିକାରୀ ସ୍ୱର୍ଗତଃ ଧ୍ରୁବଚରଣ ମହାନ୍ତିଙ୍କ ପତ୍ନୀ ଛାୟା ମହାନ୍ତିଙ୍କ ଗତ ୨୭ ତାରିଖରେ ଭୁବନେଶ୍ୱର ସ୍ଥିତ ରୁଦ୍ରପୁର ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ ଓ ଧର୍ମପ୍ରାଣା ମହିଳା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାନପୁଅ ଇନ୍‌ଲ୍ୟାଣ୍ଡ ଫିସରିଜ୍‌ର ଏଡିଜି ଡକ୍ଟର ବିମଳ ପ୍ରସନ୍ନ ମହାନ୍ତି, ସାନବୋହୂ ପ୍ରଫେସର ସସ୍ମିତା ମହାନ୍ତି, ସମୁଦି ଡକ୍ଟର ପିକେଆର ମହାପାତ୍ର, ସମୁଦୁଣି ସରଳା ମହାପାତ୍ର, ନାତୁଣୀ ଦୀକ୍ଷା ମହାନ୍ତି, ସ୍ମୃତିରେଖା, ନାତୁଣୀ ଜ୍ୱାଇଁ ହିମାଂଶୁ ଭୂଷଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମୟରେ ବଡପୁଅ ଓଏନ୍‌ଜିସିର ପୂର୍ବତନ ଅଧିକାରୀ ବିରଞ୍ଚି ନାରାୟଣ, ବଡବୋହୂ ତେଜଶ୍ରୀ



ମହାନ୍ତି, ସାନପୁଅ ବିମଳ, ପୁତୁରା ପୂର୍ବତନ ଏସ୍‌ପି ପ୍ରତାପ କୁମାର ମହାନ୍ତି, ଦେବାଶିଷ, ଦେବନାରୟଣ, ରାଜନାରାୟଣ ଏବଂ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ରହିଥିଲା ବେଳେ ସାନପୁଅ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ନାଉଗାଁ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଖାରବେଳ ନଗର ସ୍ଥିତ ରାମ ମନ୍ଦିରରେ ଶନିବାର ଏକାଦଶାହ ଓ ପ୍ରସାଦ ସେବନ କରାଯାଇଥିଲା।

# ରକ୍ଷା କବଚ



କେଉଁ ଆଦିମ କାଳରୁ ଭାଇ ଭଉଣୀଙ୍କ ମଧ୍ୟରେ ଥିବା ରକ୍ତର ସମ୍ପର୍କ ସମ୍ପୂର୍ଣ୍ଣ ନିଆରା ଓ ପବିତ୍ର । ଦେଖିବାକୁ ଗଲେ ଭଉଣୀଟିଏ ମାଆ ନ ହୋଇ ବି ମା'ଟିଏ ପରି ଭାଇର ଯତ୍ନ ନେଇଥାଏ । ଠିକ୍ ସେହିପରି ପିତା ନ ହୋଇ ଭାଇ ମଧ୍ୟ ଭଉଣୀକୁ ପ୍ରତିଟି କ୍ଷେତ୍ରରେ ସୁରକ୍ଷା ପ୍ରଦାନ କରିଥାଏ । ଏମିତିକି ଜୀବନସାଥୀ ତଥା ବନ୍ଧୁଟିଏ ପରି ଭାଇ ଭଉଣୀର ମନ ତଳର ଅକୁହା କଥା ବୁଝିପାରିଥାଏ । ତେଣୁ ଉକ୍ତ ସମ୍ପର୍କ ସବୁଠାରୁ ଅନନ୍ୟ ଅଟେ । ବାପାମାଆ ଝିଅଟିକୁ ଶାଶୁଘରକୁ ପଠାଇସାରିବା ପରେ ତାଙ୍କର ଚିନ୍ତା ଏତିକିରେ ସରିନଥାଏ । ମୃତ୍ୟୁ ବେଳକୁ ସେମାନେ ଭାଇ ହାତରେ ହିଁ ଭଉଣୀର ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ଦେଇଯାଆନ୍ତି । ଜୀବନଯାକ ପର୍ବପର୍ବାଣୀ ହେଉ କି ମହୋତ୍ସବ, ଏମିତିକି ବିଭିନ୍ନ ସମୟରେ ଭାଇ



ହିଁ ସାହାରା ହୋଇ ତା ଶାଶୁଘରେ ଠିଆ ହୁଏ । ତେଣୁ ସାରାଜୀବନ ଏହି ପ୍ରତିଜ୍ଞା ରକ୍ଷା କରିବାକୁ ଯାଇ ଭଉଣୀ ଅତି ସରାଗରେ ତା ଭାଇ ହାତରେ ବାନ୍ଧିଦିଏ ରେଶମୀ ସୂତାରେ ପ୍ରସ୍ତୁତ ଏଇ ରାକ୍ଷୀଟିକୁ । ସେହି ଡୋରିରେ ବାନ୍ଧିହୋଇ ଭାଇ ହୋଇଯାଏ ପ୍ରତିଜ୍ଞାବଦ୍ଧ । ତେଣୁ ଉକ୍ତ ଦିନ ସକାଳୁ ସକାଳୁ ନିତ୍ୟକର୍ମସାରି ଭଉଣୀ ଅତି ଶ୍ରଧାରେ ବନ୍ଦାପନ୍ନା ଥାଳି ସଜାଡି ଦୀପ, ଧୂପ, ଚନ୍ଦନ, ସିନ୍ଦୂରରେ ବନ୍ଦାପନ୍ନା କରି ଭାଇକୁ ପିନ୍ଧାଇଦିଏ ରକ୍ଷା କବଚ ସ୍ୱରୂପ ଏଇ ରାକ୍ଷୀଟି । ଦୁହେଁ ମିଠା ଖୁଆଖୁଇ ହେବା ସହ ଭଉଣୀକୁ ଖୁସିରେ ରଖିବା ପାଇଁ ଭାଇମାନେ ସ୍ନେହର ନିଦର୍ଶନ ସ୍ୱରୂପ କିଛି ନା କିଛି ଉପହାର ପ୍ରଦାନ କରିଥାନ୍ତି । ତେଣୁ ଆଜିର ଏହି ପବିତ୍ର ରକ୍ଷା ବନ୍ଧନ ଉତ୍ସବରେ ଭାଇ ଭଉଣୀଙ୍କ ସଂପର୍କର ଅତି ବାସ୍ତବ ଚିତ୍ର ଏହିପରି ଭାବେ ଚିତ୍ରଣ କରାଯାଇପାରେ । ପୌରାଣିକ କଥାବସ୍ତୁ ଅନୁଯାୟୀ ଦୀର୍ଘ ୧୨ ବର୍ଷ ଧରି ଦେବତା ଓ ଅସୁରଙ୍କ ମଧ୍ୟରେ ଯୁଦ୍ଧ ଲାଗିରହିଲା ଏବଂ ଶେଷରେ ଅସୁରମାନେ ଦେବତାମାନଙ୍କୁ ପରାସ୍ତ କଲେ । ସେତେବେଳେ ସ୍ୱର୍ଗର ରାଜା ଇନ୍ଦ୍ର ତାଙ୍କର ପ୍ରଧାନ ଶତ୍ରୁ ବୃତାସୁରକୁ ଯୁଦ୍ଧରେ ପରାସ୍ତ କରିବା ସଙ୍ଗେ ସଙ୍ଗେ ଅନ୍ୟ ଅସୁରମାନଙ୍କୁ ମଧ୍ୟ ପରାସ୍ତ କରିବା ସହଜ ହେବ ବୋଲି ବିଚାର କରି ଯୁଦ୍ଧ କରିବାକୁ ଅଗ୍ରସର ହେଲେ । ସେହି ସମୟରେ ଇନ୍ଦ୍ରାଣୀ ଏହି ଶ୍ରାବଣ ପୂର୍ଣ୍ଣିମା ଦିନ ତାଙ୍କ ହସ୍ତରେ ରାକ୍ଷୀଟିଏ ବାନ୍ଧିଥିଲେ ଓ ଯାହା ଫଳରେ ଇନ୍ଦ୍ର ଯୁଦ୍ଧରେ ବିଜୟଲାଭ କରିଥିଲେ । ପୁନଶ୍ଚ ଗୋପ ନଗରୀର ଗୋପୀମାନେ ମଧ୍ୟ ସେମାନଙ୍କର ସମସ୍ତ ବିପଦ ଆପଦରୁ ନିଜକୁ ରକ୍ଷା କରିବା ପାଇଁ କୃଷ୍ଣଙ୍କୁ ଅନୁରୋଧ କରି ତାଙ୍କ ହସ୍ତରେ ରାକ୍ଷୀ ବନ୍ଧନ କରିଥିଲେ । ଏ ଭବ ସଂସାରରୁ ଦୁଷ୍ଟମାନଙ୍କୁ ବିନାଶ ପୂର୍ବକ ତଥା ସାଧୁ ସନ୍ଥମାନଙ୍କ ପାଳନ ଓ ଧର୍ମ ସଂସ୍ଥାପନ ନିମନ୍ତେ ଭଗବାନ ପ୍ରତି ଯୁଗରେ ଅବତାର ଗ୍ରହଣ କରିଥାନ୍ତି । ତେଣୁ ଭଗବାନଙ୍କର ଏତାଦୃଶ ଧର୍ମରକ୍ଷା ଓ ସୃତିରକ୍ଷା ନିମନ୍ତେ ଏଇ ପୁଣ୍ୟଭୂମି ଭାରତବର୍ଷରେ ସନାତନ ଧର୍ମ ଓ ସଂସ୍କୃତିର ମାନବ ଜାତି ଉଦ୍ଦେଶ୍ୟରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଉକ୍ତ କିମ୍ବଦନ୍ତୀମାନ ଆମକୁ ଧର୍ମରକ୍ଷା ଦିଗରେ ସଚେତନ କରିବା ସହିତ ଦିଗ୍‌ଦର୍ଶନ ମଧ୍ୟ ଦେଇଥାଏ । ତେଣୁ ସଂକ୍ଷେପରେ କହିବାକୁ ଗଲେ ପ୍ରତ୍ୟେକ ପର୍ବପର୍ବାଣୀର କିଛି ନା କିଛି କିମ୍ବଦନ୍ତୀ ଓ ମର୍ମ ନିହିତ ଅଛି । ଶ୍ରାବଣ ମାସର ପୂର୍ଣ୍ଣିମାକୁ ଗହ୍ମା ପୁର୍ଣ୍ଣିମା ବା ପ୍ରଭୂ ବଳଦେବଜ୍ୟୁଙ୍କ ଜନ୍ମ ଦିବସ ରୂପେ ଆମେ ପାଳନ କରିଥାଉ । ଅନ୍ୟ ପକ୍ଷରେ ଏହି ଶ୍ରାବଣ ପୂର୍ଣ୍ଣିମାକୁ ଆମେ ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷା ବନ୍ଧନ ବୋଲି କହିଥାଉ । ଉକ୍ତ ପର୍ବରେ କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ଗୋ-ସେବା ଓ ପୂଜା କରିଥାଉ । ଏହି ଦିନ ବଳଭଦ୍ରଙ୍କ ଜନ୍ମଦିନ ତଥା ତାଙ୍କର ଅନ୍ୟନାମ ହଳଧର ହୋଇଥିବାରୁ ,ଲଙ୍ଗଳକୁ ସେ ଆୟୁଧ ଭାବେ ଗ୍ରହଣ କରିଥିବାରୁ ତାଙ୍କର ଏପରି ନାମକରଣ ହୋଇଅଛି । ଏହା ବ୍ୟତୀତ ସେ କୃଷ୍ଣଙ୍କ ସହ ଜଙ୍ଗଲରେ ଗୋରକ୍ଷକ ଭାବେ ବାଲ୍ୟକାଳ ଅତିବାହିତ କରିଥିଲେ । ସେ ମଧ୍ୟ ଜଣେ ଗୋରକ୍ଷକ । ତେଣୁ ତାଙ୍କ ଜନ୍ମଦିନ ଉପଲକ୍ଷେ ବଳଭଦ୍ରଙ୍କ ପୂଜାର୍ଚ୍ଚନା କରି ତାଙ୍କର ଆଶୀର୍ବାଦ କାମନା କରିଥାଉ । ଏହି ଦିନ କୃଷକ ଘରେ ଖୁସିର ସୀମା ନଥାଏ । ବଡିସକାଳୁ କୃଷକର ଘରଣୀ ଘର ଲିପା ପୋଛା କରି ସାଜସଜ୍ଜା କରିଥାଏ । ସୁସ୍ୱାଦୁ ବ୍ୟଞ୍ଜନ ସହ ପିଠାପଣା ମଧ୍ୟ ପ୍ରସ୍ତୁତ ହୋଇଥାଏ । ଉକ୍ତ ଦିନଟି ଶୁଭ ଭାବେ ଗ୍ରହଣ କରାଯାଉ ଥିବାରୁ ନବବିବାହିତା କନ୍ୟାର ବରକୁ ଡାକିବାର ମଧ୍ୟ ପରମ୍ପରା ଓ ବିଧି ରହିଛି । କୃଷକ ତାର ସବୁ ଦିନର ସାଥୀ ବଳଦକୁ ସ୍ନାନ କରାଇ ଚନ୍ଦନ ଫୁଲ ଦେଇ ମୁଣ୍ଡ ଏବଂ ଶିଙ୍ଗରେ ମାଳ ଓ ରାକ୍ଷୀ ବାନ୍ଧିଥାଏ । ଗୃହରେ ପ୍ରସ୍ତୁତ ବ୍ୟଞ୍ଜନ ଓ ପିଠାପଣାକୁ ପ୍ରଥମେ ଗୋମାତାକୁ ଅର୍ପଣ କରିବା ପରେ ଘରେ ଖିଆଯାଏ । ଏକାଦଶ ଶତାବ୍ଦୀର ସ୍ମୃତିକାର ଆଚାର୍ଯ୍ୟ ସଦାନନ୍ଦଙ୍କ ଉକ୍ତି ଅନୁଯାୟୀ- ପ୍ରଭୂ ବଳଭଦ୍ରଙ୍କ ଜନ୍ମ ଉଦ୍ଦେଶ୍ୟରେ ଗହ୍ମା ପୂର୍ଣ୍ଣିମା ପ୍ରସିଦ୍ଧ । ତେଣୁ କୃଷିଜୀବୀମାନେ ଏକତ୍ରିତ ହୋଇ କେତେକ ସ୍ଥାନରେ ପାଳନ କରିଥିବାର ନଜିର ରହିଛି । ଗ୍ରାମ ମୁଣ୍ଡରେ ଗହ୍ମା ବେଦୀଟିଏ ତିଆରି କରିବା ସଙ୍ଗେ ସଙ୍ଗେ ତା ଉପରେ ବଳଭଦ୍ରଙ୍କ ଆକୃତି କରି ପୂଜାର୍ଚ୍ଚନା କରିଥାନ୍ତି । ଏଥି ସହିତ ଗୋଟିଏ ବଳଦର ମାଟିସ୍ତୁପ ସ୍ଥାପନ କରି ଏକ ଅଣ୍ଡିରା ବାଛୁରୀକୁ ଡିଆଁଇଥିବାରୁ ଏହି ପର୍ବକୁ ଗହ୍ମାଡିଆଁ ପର୍ବ ମଧ୍ୟ କୁହାଯାଏ । ଇତିହାସ କହେ – ଯେତେବେଳେ ୧୯୦୫ ମସିହାରେ ଇଂରେଜମାନେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଧର୍ମକୁ ଆଳ କରି ବଙ୍ଗ ବିଭାଜନ କରିବାକୁ ଚାହିଁଲେ, ଠିକ୍ ସେତିକିବେଳେ ରବିନ୍ଦ୍ରନାଥ-ଟାଗୋର ରକ୍ଷା ବନ୍ଧନ ଉତ୍ସବର ଆୟୋଜନ କରିଥିଲେ । ଏହି ଉତ୍ସବ ମାଧ୍ୟମରେ ସେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ । ତେଣୁ ଇତିହାସ ପୃଷ୍ଠାରେ ରାକ୍ଷୀକୁ ନେଇ ଏମିତି ବହୁତ କାହାଣୀ ରହିଛି ।



ଯେତେବେଳେ ଗୁଜୁରାଟର ରାଜା ବାହାଦୁର ଶାହା ଚିତୋର ଉପରେ ଆକ୍ରମଣ କରିବାକୁ ଯୋଜନା କଲେ , ସେତେବେଳେ ସ୍ୱାମୀଙ୍କୁ ହରାଇଥିବା ରାଣୀ କର୍ଣ୍ଣାବତୀ ହୁମାୟୁନ୍‌ଙ୍କଠାରୁ ସାହାଯ୍ୟ ପ୍ରାପ୍ତି ଆଶାରେ ଏକ ରାକ୍ଷୀ ପ୍ରେରଣ କରିଥିଲେ । ପୁନଶ୍ଚ ଆଲେକଜାଣ୍ଡାର ଭାରତ ଆକ୍ରମଣ କରିବା ସମୟରେ ତାଙ୍କ ପତ୍ନୀ ରୁକ୍ସାନା କୈକେୟ ରାଜ୍ୟର ରାଜା ପୋରସ୍‌ଙ୍କୁ ଏକ ରାକ୍ଷୀ ପଠାଇଥିଲେ । ସେ ସର୍ତ୍ତ ରଖିଥିଲେ – ସେ ଯେମିତି ତାଙ୍କ ସ୍ୱାମୀଙ୍କୁ ଯୁଦ୍ଧରେ କ୍ଷତି ପହଂଚାଇବେ ନାହିଁ । ପରେ ସେଇଆ ହିଁ ହୋଇଥିଲା । ଯୁଦ୍ଧ ସମୟରେ ପୋରସ୍ ଯେତେବେଳେ ନିଜର ଶେଷ ଅସ୍ତ୍ର ଆଲେକଜାଣ୍ଡାରଙ୍କ ଉପରକୁ ନିକ୍ଷେପ କରିବାକୁ ଯାଉଥିବା ସମୟରେ , ହଠାତ୍ ନିଜ ହାତରେ ବନ୍ଧା ହୋଇଥିବା ରାକ୍ଷୀକୁ ଦେଖି ତାଙ୍କର ସବୁ କଥା ମନେ ପଡି ଯାଇଥିଲା । ତେଣୁ ସେ ସେଇଠି ଅଟକି ଯାଇଥିଲେ । ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିରରେ ମଧ୍ୟ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଏ । ସେଦିନ ସାଧାରଣ ମଣିଷଙ୍କ ପରି ଲୀଳାଖେଳା କରନ୍ତି ପ୍ରଭୂ ଜଗନ୍ନାଥ । ମଣିଷଙ୍କ ପରି ସେ ସ୍ୱାଦିଷ୍ଟ ଭୋଜନ କରିଥାନ୍ତି । ଜ୍ୱର ହେଲେ ଔଷଧ ସେବନ ବି କରନ୍ତି । ଏତଦ୍‌ବ୍ୟତୀତ ସେ ତାଙ୍କର ଭଗିନୀ ସୁଭଦ୍ରାଙ୍କୁ ମଧ୍ୟ ବେଶୀ ଭଲ ପାଆନ୍ତି । ପ୍ରତିବର୍ଷ ରଥଯାତ୍ରାରେ ନିଜ ସ୍ତ୍ରୀ ଲକ୍ଷ୍ମୀଙ୍କୁ



ବଡଦେଉଳରେ ଛାଡି ସେ ଭଉଣୀକୁ ନେଇ ମାଉସୀ ଘରକୁ ଯାଆନ୍ତି । ଏଥିରୁ ଜଣାପଡେ ଯେ ଜଗନ୍ନାଥଙ୍କ ପାଇଁ ତାଙ୍କ ଭଉଣୀ କେତେ ପ୍ରିୟ । ତେଣୁ ଶ୍ରୀମନ୍ଦିରରେ ସୁଭଦ୍ରା ଦୁଇ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ପାଳନ କରନ୍ତି ରକ୍ଷା ବନ୍ଧନ । ପ୍ରତିବର୍ଷ ଠାକୁରଙ୍କ ହାତରେ ବନ୍ଧା ହେଉଥିବା ରାକ୍ଷୀ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥାଏ । ପୁରୀରେ ପାତ୍ର ବିଶୋଇ ସଂପ୍ରଦାୟର ଜଗନ୍ନାଥ ପାତ୍ର ଏବଂ ତାଙ୍କ ଘର ଲୋକେ ଜଗନ୍ନାଥ ଓ ବଳଭଦ୍ର ପାଇଁ ସ୍ୱତନ୍ତ୍ର ରାକ୍ଷୀ ପ୍ରସ୍ତୁତ କରିଥାନ୍ତି । ମନ୍ଦିର ପ୍ରଶାସନ ପକ୍ଷରୁ ରାକ୍ଷୀ ପାଇଁ ପାଟ କପଡା ଯୋଗାଇ ଦିଆଯାଏ । ନାଲି, ନୀଳ, ସବୁଜ, ହଳଦିଆ ଓ ଧଳା ରଙ୍ଗର ବ୍ୟବହାରରେ ହିଁ ରାକ୍ଷୀ ପ୍ରସ୍ତୁତ ହୁଏ । ଉକ୍ତ ଦିବସଟି ଶ୍ରେଷ୍ଠ ହୋଇଥିବାରୁ ଏହି ଦିନରେ ମୁନୀଋଷିମାନେ ବେଦ ଓ ପୁରାଣ ପଠନ ଆରମ୍ଭ କରିଥିଲେ । ଏଣୁ ଏହାକୁ ସଂସ୍କୃତି ଦିବସ ମଧ୍ୟ କୁହାଯାଏ । ଶ୍ରାବଣ ପୂର୍ଣ୍ଣିମାକୁ କେତେକ ଝୁଲଣ ପୂର୍ଣ୍ଣିମା କହିଥାନ୍ତି । କାରଣ ଶ୍ରାବଣ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରଭୂଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଥାଏ । ଏଇ ପରିପ୍ରେକ୍ଷିରେ ସଂପ୍ରତି ଲକ୍ଷ୍ୟ କରାଯାଉଛି- ପିତାମାତାଙ୍କ ମୃତ୍ୟୁ ପରେ ଜମିବାଡି,ଧନ ସମ୍ପତି କିମ୍ବା ଅନ୍ୟ କୌଣସି କାରଣକୁ କେନ୍ଦ୍ରକରି ଭାଇ ଭଉଣୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କ ଦିନକୁ ଦିନ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଦୁହିଙ୍କ ମଧ୍ୟରେ ତଥା ପରିବାରରେ ଆନ୍ତରିକ ବୁଝାମଣାର ଅଭାବରୁ ଉଭୟଙ୍କୁ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପଡୁଛି । ତେଣୁ ଆଜିର ଭାଇ ଓ ଭଉଣୀମାନଙ୍କ ମଧ୍ୟରେ ଉପୁଜୁଥିବା ବିଭିନ୍ନ ଘଟଣା ପ୍ରତି ସେମାନେ ଦୃଷ୍ଟି ନଦେଇ , ସଂପର୍କ ଡୋରିରେ ବନ୍ଧା ଯାଇଥିବା ସଂପର୍କକୁ ଅଧିକ ସୁଦୃଢ କରି ତଥା ମନ ମଧ୍ୟରେ ସ୍ନେହ, ପ୍ରେମ, ରାଗ, ଅଭିମାନ ଓ ଭଲ ପାଇବାର ପ୍ରତିଫଳନ ପ୍ରତି ଧ୍ୟାନ ଦେଇ ଭଉଣୀଟିଏ ସାରା ଜୀବନ ରକ୍ଷା କବଚ ରୂପକ ରାକ୍ଷୀକୁ ପାଥେୟ କରି ଜୀବନର ଅବଶିଷ୍ଟ ବାଟ ଚାଲିବା ଉଚିତ।

---

# ଓଡ଼ିଆ ଫିଲ୍ମରେ ରାଖୀ

ରାକ୍ଷୀ ପୂର୍ଣ୍ଣିମ ବା ଗହ୍ମା ପୂର୍ଣ୍ଣିମା ମୁଖ୍ୟତଃ ଏକ ହିନ୍ଦୁ ପର୍ବ ଯାହା ଭାରତରେ ଓ ଭାରତବାସୀଙ୍କ ଦ୍ୱାରା ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥାଏ ଓ ତାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତାର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଇଥାଏ। ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା।

ରୂପେଲି ପରଦାରେ ବି ସୁନ୍ଦର ଚିତ୍ରଣ ରହିଛି ଏହି ଉତ୍ସବର। ବିଶେଷକରି ସର୍ବଭାରତୀୟ ଆବେଦନ ଥିବା ହିନ୍ଦୀ ଫିଲ୍ମରେ ଏହାର ସୁନ୍ଦର ଚିତ୍ରଣ ରହିଛି। ସେ ''ରେଶମ୍ କୀ ଡୋରି'' ର ବେହେନାନେ ଭାଇ କି କଲାଇ ସେ ପ୍ୟାର ବାନ୍ଧା ହେ ଗୀତ ହୋଇପାରେ, ହୋଇପାରେ ''କାଜଲ'' ଫିଲ୍ମର ମେରେ ଭୈୟା ମେରେ ଚନ୍ଦା, ''ବେଇମାନ'' ଫିଲ୍ମର ଯେ ରାଖୀ ବନ୍ଧନ ହେ ଐସା, ''ଛୋଟି ବହନ''ର ଭୈୟା ମେରେ ରାଖୀ କେ ବନ୍ଧନ କିମ୍ବା ''ରାଖୀ ଔର ହାତକଡ଼ି'', ''ଅନପଢ'' ଓ ''ରାଖୀ''। କାଳେ କାଳେ ଏହି ଫିଲ୍ମର ଆଦର ରହିଛି, ହୃଦୟ ଛୁଇଁଛି ତାର ରାଖୀଗୀତ। ଆଜି ବି ରାଖୀକୁ ନେଇ ପ୍ରସ୍ତୁତ ହେଉଛି ଫିଲ୍ମ ଗୀତ। ଏଥିପ୍ରତି ଆକର୍ଷଣ ମଧ୍ୟ ରହୁଛି। ଆଞ୍ଚଳିକ ଫିଲ୍ମ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ୧୯୮୯ରେ ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ ଦ୍ୱାରା ନିର୍ମିତ ସୁପରହିଟ୍ ଓଡ଼ିଆ ଫିଲ୍ମ ''ଚକାଆଖି ସବୁ ଦେଖୁଛି''ରେ ରାଖୀର ଏକ ସୁନ୍ଦର ଉପସ୍ଥାପନା ଥିଲା। ଗୀତଟି ଥିଲା ରାଖୀରେ ରାଖୀ ତୁ ରହିଲୁ ସାକ୍ଷୀ। ଏହି ଫିଲ୍ମର ରାଖୀ ଦୃଶ୍ୟରେ ତତ୍କାଳୀନ ବ୍ୟସ୍ତ ନାୟକ ଶ୍ରୀରାମ ପଣ୍ଡା, ଉତ୍ତମ ମହାନ୍ତି ଓ ଗୋପା ବିଶ୍ୱାସ ସୁନ୍ଦର ଅଭିନୟ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ଦେଖାଗଲା ଭାଇ ହାତରେ ରାଖୀ ବାନ୍ଧିବାକୁ ଯାଇ ଭଉଣୀ ଦେଖିଲା ଭାଇର ହାତଟି ନାହିଁ। ଏ ଦୃଶ୍ୟ ମଧ୍ୟ ଖୁବ୍ ପ୍ରଭାବ ପକାଇଥିଲା ଦର୍ଶକଙ୍କ ଉପରେ। ରାଖୀ କନ୍ଦାଇ ଦେଲା ବୋଲି ସେତେବେଳେ ମତାମତ ଶୁଭିଥିଲା। ଏହା ବ୍ୟତୀତ ''ରାଖୀ ଭିଜିଗଲା ଆଖି ଲୁହରେ'', ''କାଳଚକ୍ର'', ''ବିଧାତା'', ''ରାଖୀ ବାନ୍ଧିଲି ମୋ ରଖିବ ମାନ'' ଓ ''ଶୁଭ ବିବାହ'' ଫିଲ୍ମରେ ରାଖୀର ସୁନ୍ଦର ଦୃଶ୍ୟ ସଂଯୋଜିତ ହୋଇଥିଲା। ଭାଇ ଭଉଣୀଙ୍କ ସ୍ନେହବୋଳା ସଂପର୍କର ବିଷୟବସ୍ତୁ ଥିଲା ରାଖୀ ଭିଜିଗଲା ଆଖି ଲୁହରେ ଫିଲ୍ମରେ। ରାଖୀ ବାନ୍ଧିଲି ମୋ ରଖିବ ମାନରେ ବି ଥିଲା ଭାଇ ଭଉଣୀଙ୍କର ଅନାବିଳ ସ୍ନେହ, ପ୍ରେମର ଦୃଶ୍ୟ। ଏମିତି ଭଉଣୀକୁ ରକ୍ଷା କରୁଛି ଭାଇର ରାଖୀ ବନ୍ଧା କଟାହାତ। ବିଧାତାରେ ଚାକିରି ସନ୍ଧାନୀ ଭାଇକୁ ଭଉଣୀ ମିଠା ଖୁଆଇ ଶୁଭ ମନାସୁଛି, ବାନ୍ଧିଦେଉଛି ରାଖୀ। ଆଉ କାଳଚକ୍ରରେ ଭଉଣୀ ଭାଇମାନଙ୍କ ସହିତ ମନଖୋଲା ନୃତ୍ୟ ଗୀତ ପରିବେଷଣ କରୁଛି। ସେହିଭଳି ଶୁଭ ବିବାହର ରାଖୀ ଦୃଶ୍ୟ ମଧ୍ୟ ସ୍ମରଣୀୟ। ଭାଇର ଅନୁପସ୍ଥିତିରେ ରାଖୀ ରଖାଯାଇଛି ତାଙ୍କ ଫଟୋ ପାଖରେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭଉଣୀ ନାୟକ ହାତରେ ବାନ୍ଧିଛି ରାଖୀ। କହିହେବ ଫିଲ୍ମରେ ରାଖୀ ଦୃଶ୍ୟ ଦର୍ଶକଙ୍କୁ ପ୍ରଭାବିତ କରିଥିଲା, କରୁଛି। ତାପରେ ଏହାଦ୍ୱାରା ଏକ ସଂସ୍କୃତିର ସୁରକ୍ଷା ହୋଇପାରୁଛି। ତେଣୁ ଆଜି ବି ତାର ଦୃଶ୍ୟାୟନ ହେବା ଉଚିତ। କାହାଣୀ ବିନ୍ୟାସ ବେଳେ ଆପଣା ସଂସ୍କୃତି ପରମ୍ପରାର ମହକ ପ୍ରତି ଧ୍ୟାନ ଦିଆଯିବା ଉଚିତ। ରାଖୀ ଏକ ମହାଭାରତୀୟ ସ୍ରୋତ। ତେଣୁ ସୀମା ସରହଦ ଡେଇଁ ଏହା ବ୍ୟାପିଛି ଅଞ୍ଚଳରୁ ଅଞ୍ଚଳକୁ। ପୁନଶ୍ଚ ଆଞ୍ଚଳିକ ଫିଲ୍ମରେ ପାରିବାରିକ କଥାବସ୍ତୁ ସହ ଦେଖିବାକୁ ମିଳେ ଆପଣା କଳା ସଂସ୍କୃତି, ପର୍ବପର୍ବାଣୀ ଓ ଯାତ୍ରାର ଉପସ୍ଥାପନା। ଯାହା ଗୋଟିଏ ଅଞ୍ଚଳରେ ସାଂସ୍କୃତିକ ଚିତ୍ର ପ୍ରଦାନ କରିବା ସହତ ଉତ୍ତର ପିଢ଼ି ଓ ବିଭିନ୍ନ ଭାଷାଭାଷୀ ଦର୍ଶକଙ୍କୁ ଏହା ସହିତ ପରିଚିତ କରାଇଥାଏ।










## ମାସିକ ଭତ୍ତା ବଣ୍ଟନ ପାଇଁ ନୂଆ ନିର୍ଦ୍ଦେଶ

# ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ବ୍ୟାନର ଲାଗିବ



**ଭୁବନେଶ୍ୱର :** ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଓ ମଧୁବାବୁ ପେନସନ୍ ଯୋଜନାରେ ମାସିକ ଭତ୍ତା ବଣ୍ଟନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସନ୍ଦେଶ ଥିବା ବ୍ୟାନର ନିଶ୍ଚିତ ଲଗାଇବାକୁ ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ସଚିବ ଭାସ୍କର ଶର୍ମା ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ଚିଠି ଲେଖି ୭୫ତମ ସ୍ୱାଧିନତା ଦିବସ ସମାରୋହ ଓ ଆଜାଦି କା ଅମୃତ ମହୋତ୍ସବ ସମଗ୍ର ଦେଶ ପାଳନ କରୁଥିବାରୁ ଚଳିତମାସ ଐତିହାସିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ଦିବସ ସହ ଜନସେବା ଦିବସ ଥିବାରୁ ସମାଜର ଅଭାବୀ(ଆବଶ୍ୟକତା) ବର୍ଗଙ୍କୁ ସାମାଜିକ ସୁରକ୍ଷା ପେନସନ୍ ଯୋଗାଇବାର ଏକ ସୁନ୍ଦର ସୁଯୋଗ ମିଳିଛି। ତେଣୁ ଏହି ଦିନ ସମସ୍ତ ପଞ୍ଚାୟତ, ଗାଁ, ୱାର୍ଡ ଅଫିସରେ ଯେଭଳି ନିଶ୍ଚିତ ଭାବେ ମଧୁବାବୁ ପେନସନ୍ ଓ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଭତ୍ତା ବଣ୍ଟନ କରିବାକୁ କୁହାଯାଇଛି। ଏପରିକି ବୃଦ୍ଧ ଓ ଅସୁସ୍ଥ ହିତାଧିକାରୀଙ୍କୁ ସେମାନଙ୍କ ଘରେ ଏହି ଭତ୍ତା ଦେବାକୁ ପରାମର୍ଶ ଦିଆଯାଇଛି। ଏହି ଭତ୍ତା ଯେଭଳି ଉକ୍ତ ଦିନ ସମସ୍ତଙ୍କୁ ମିଳିବ ତାହା ସୁନିଶ୍ଚିତ କରିବାକୁ କୁହାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସନ୍ଦେଶ ଥିବା ବ୍ୟାନରକୁ ଭତ୍ତା ବଣ୍ଟନ ସ୍ଥଳୀରେ ଲଗାଇବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବ୍ୟାନରରେ ଆଜାଦି କା ଅମୃତ ମହୋତ୍ସବର ଲୋଗୋ ମଧ ରଖିବାକୁ କୁହାଯାଇଛି। ଯେଉଁମାନେ ନୂଆ କରି ହିତାଧିକାରୀ ହୋଇଛନ୍ତି ସେମାନଙ୍କୁ ମଧ ଏହି ଦିନ ଭତ୍ତା ଦେବାକୁ ବିଭାଗୀୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ଭତ୍ତା ବଣ୍ଟାର ଭଲ ଫଟୋ ବିଭାଗର ସୋସିଆଲ ମିଡିଆରେ ଅପଲୋଡ୍ କରିବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଏବେ ରାଜ୍ୟରେ ପ୍ରାୟ ୪୯ଲକ୍ଷ ହିତାଧିକାରୀ ଉଭୟ ଯୋଜନାରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମର ମାସିକ ଭତ୍ତା ପାଉଛନ୍ତି। ଏଥିରେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୨୮.୩୮ଲକ୍ଷ ହେବ ଓ ସେମାନଙ୍କ ମଧ୍ୟରୁ ମାତ୍ର ୩.୭୮ଲକ୍ଷ ହିତାଧିକାରୀ ଅନଲାଇନରେ ନିଜର ଭତ୍ତା ପାଉଥିବାବେଳେ ଅନ୍ୟମାନେ ନଗଦ ଆକାରରେ ଏହି ଭତ୍ତା ନେଉଥିବା ଜଣାପଡ଼ିଛି।

# ହଂସୁଆ ନଦୀର ବିଭିନ୍ନ ସ୍ଥାନରେ ଚେକ୍‌ଡ୍ୟାମ୍ ନିର୍ମାଣ ଦାବି



**ଜଗତସିଂହପୁର :** ଡ୍ରେନେଜ୍ ବିଭାଗ ଅଧୀନରେ ଥିବା ହଂସୁଆ ନଦୀଟି ଜିଲ୍ଲାବାସୀଙ୍କ ପାଇଁ ଯେତିକି ବିପଦ ସୃଷ୍ଟି କରିଛି ତାହାଠୁ ଅଧିକ ବଳିଗଲାଣି ଜୀବଜନ୍ତୁ ମାନଙ୍କ ସୁରକ୍ଷା ପାଇଁ। ଏହି ହଂସୁଆ ନଦୀଟି କଟକସଦର ଅନ୍ତର୍ଗତ କନ୍ଦରପୁର ତାଳଦଣ୍ଡା ପାର୍ଶ୍ୱ ଅଂଚଳରୁ ବାହାରି ପ୍ରାୟ ୯୦କି.ମି. ଦୂରତା ବିଶିଷ୍ଟ ପାରାଦ୍ୱୀପ ବଙ୍ଗୋପସାଗରରେ ମିଶିଥିବା ବେଳେ ଏହାର ରକ୍ଷାଣବେକ୍ଷଣ କାର୍ଯ୍ୟ ସଠିକ୍ ଭାବେ କରାଯାଇପାରୁନାହିଁ। ଫଳରେ ହଂସୁଆ ନଦୀ ଉପରେ ନିର୍ଭର କରୁଥିବା ଗୋରୁ, ଗାଇ, ଛେଳି, ମେଣ୍ଢା, ମଇଁଷି, ଷଣ୍ଢ, ବୁଲାକୁକୁର, କାଉ, ବିଲୁଆ ଓ ବିଭିନ୍ନ ପ୍ରକାର ପଶୁପକ୍ଷୀ ଜଗତ ଏକପ୍ରକାର ପାନୀୟ ଜଳ ଟିକେ ପିଇବାପାଇଁ ହାହାକାର ହେବାକୁ ପଡୁଛି। ଆଜି ପର୍ଯ୍ୟନ୍ତ ଏହି ହଂସୁଆ ନଦୀ ମଧ୍ୟରେ କୌଣସି ସ୍ଥାନରେ ଚେକ୍‌ଡ୍ୟାମ୍ ଗୋଟିଏ ବି ନିର୍ମାଣ ହୋଇପାରିନାହିଁ, ଫଳରେ ପାଣି ଗୁଡିକ ନିଷ୍କାସନ ହୋଇଯାଉଛି। କେବଳ ବର୍ଷାଦିନେ ବିଲ ମଧ୍ୟରୁ ଆସୁଥିବା ପାଣି ଗୁଡିକ ନିଗିଡି ଯିବାରୁ ଓ ପାଣି ନିଷ୍କାସନର ସୁବିଧା ନଥିବାରୁ ବିଲ ମଧ୍ୟକୁ ପାଣି ଯାଇ ଏକର ଏକର ଚାଷଜମି ସବୁ ନଷ୍ଟ ହେବାରେ ଲାଗିଛି। କିନ୍ତୁ ବର୍ଷାଦିନ ଚାଲିଗଲେ ଏ ହଂସୁଆ ନଦୀରେ ପାଣି ଟୋପାଏ ଦେଖିବାକୁ ମିଳେ ନାହିଁ। ବହୁ ଗୋପାଳ ଭାଇମାନେ ନିଜ ନିଜର ଗୋରୁ ଗାଇ ଓ ମଇଁଷି ମାନଙ୍କୁ ଘାସ ଚରାଇବାକୁ ନେଉଥିବା ବେଳେ ଏହି ହଂସୁଆ ନଦୀଟିରେ ପାଣି ଟିକେ ପିଇବାପାଇଁ ସକ୍ଷମ ହେଉନାହାଁନ୍ତି। ଗୋପାଳ ମାନଙ୍କ ମଇଁଷିମାନେ ଖରାତରା ହେଉ ବା ବର୍ଷାଦିନେ ସବୁବେଳେ ସେମାନେ ପାଣିରେ ଘଂଟା ଘଂଟା ବୁଡି ଗାଧୋଉ ଥିବାବେଳେ ହଂସୁଆ ନଦୀରେ ପାଣି ସଂକଟ ସେମାନଙ୍କ ପାଇଁ ଦିନକୁ ଦିନ ବିପଦଗ୍ରସ୍ତ ହେଲେଣି। ଖରାଦିନରେ ଏହି ହଂସୁଆ ନଦୀଟି ଜନସାଧାରଣଙ୍କ ଶୌଚ କରିବାପାଇଁ ପାଣିଟିଏ ମିଳେନାହିଁ। ଦିନକୁ ଦିନ ଜଗତସିଂହପୁର ବାସୀଙ୍କ ପାଇଁ ହଂସୁଆ ନଦୀଟି କାଳକଳାରୂପ ଧାରଣ କଲାଣି। ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବିଭିନ୍ନ ସଫାସୁତୁରା କରିବାପାଇଁ ଓ ନଦୀଟିର ପ୍ରଶସ୍ତିକରଣ କରିବାପାଇଁ ପ୍ରତିବର୍ଷ କୋଟି କୋଟି ଟଙ୍କା ବାଟମାରଣା ହେଉଥିବା ବେଳେ ଚାଷୀମାନେ ସର୍ବସ୍ୱ ହରାଇ ବସିଲେଣି। ଏହି ହଂସୁଆ ନଦୀଟିର ପୁନରୁଦ୍ଧାର କାର୍ଯ୍ୟକ୍ରମ ଯଦି କନ୍ଦରପୁର ଠାରୁ ଆରମ୍ଭ କରାଯାଇ ପାରାଦ୍ୱୀପ ବଙ୍ଗୋପସାଗର ପର୍ଯ୍ୟନ୍ତ ସଠିକ୍ ଭାବେ କରାଯାଇପାରନ୍ତା ତେବେ ହଂସୁଆ ନିକଟବର୍ତି ଚାଷଜମି ଗୁଡିକରୁ ବର୍ଷାଜଳ ନିଷ୍କାସନ ହେବାରେ ବାଧା ବି ସୃଷ୍ଟି ହୁଅନ୍ତା ନାହିଁ। ଏହି ନଦୀଟିର କିଛି ସ୍ଥାନମାନଙ୍କରେ ଛୋଟ ଛୋଟ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇ ପାଣିକୁ ସଂଚୟ କରି ରଖାଯାଇପାରନ୍ତା ତେବେ ପଶୁପକ୍ଷୀ ଜଗତ ବି ଆନନ୍ଦରେ ପିଇବା ପାଣି ଟିକେ ପାଇପାରନ୍ତେ। ଏ ଦିଗରେ ୨ଜିଲ୍ଲାର ଜିଲ୍ଲାପାଳ ଓ ଉଚ୍ଚ ପଦସ୍ତ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରଶ୍ମିରଞ୍ଜନ ସ୍ୱାଇଁ, ଉମାକାନ୍ତ ଭାରତ, ଶେଷଦେବ ନନ୍ଦ, ଦେବୀପ୍ରସାଦ ମହାରଣା, କୈଳାଶ ଚନ୍ଦ୍ର ସ୍ୱାଇଁ, ସୁରେଶ ପଟ୍ଟନାୟକ, ନିବାସ ଚନ୍ଦ୍ର ଲେଙ୍କା, ରବିନ୍ଦ୍ର ନାଥ ସ୍ୱାଇଁ, ହରେକୃଷ୍ଣ ସ୍ୱାଇଁ, ଶଙ୍କର ପଟ୍ଟନାୟକ, ନିଳାଂଚଳ ମୁଦୁଲି, ଅଭୟ ସାମନ୍ତରାୟ, ସର୍ବେଶ୍ୱର ପଟ୍ଟନାୟକ, ପବିତ୍ର ମୋହନ ଦାସ, ହୃଷିକେଶ ଦାସ, ତପନ କୁମାର ଦାସ , ପଂଚାନନ ଦାସ ଓ ଶଙ୍କର ଦାସ ପ୍ରମୁଖ ଦାବି ଜଣାଇବା ସହିତ ହଂସୁଆ ନଦୀଟିର ପୁନରୁଦ୍ଧାର କରିବାପାଇଁ ଦାବି ଜଣାଇଛନ୍ତି।

# ଖେଳ ଶିକ୍ଷକଙ୍କ ସମ୍ପତ୍ତିର ମୂଲ୍ୟ ୪.୬୭ କୋଟିରୁ ଊର୍ଦ୍ଧ୍ୱ



**ଭୁବନେଶ୍ୱର :** ଗଞ୍ଜାମ ଜୟନ୍ତୀପୁର ଦିବ୍ୟସିଂହ ବିଦ୍ୟାପୀଠ ଖେଳ ଶିକ୍ଷକ ଦନାର୍ଦ୍ଦନ ସାହୁଙ୍କ ଅମାପ ସମ୍ପତ୍ତି ଠାବ କଲା ଭିଜିଲାନ୍ସ। ଦନାର୍ଦ୍ଦନଙ୍କ ୬ଟି କୋଠା, ବିପୁଳ ସୁନାଗହଣା, ଗାଡ଼ି ଠାବ କଲା ଭିଜିଲାନ୍ସ। ବ୍ରହ୍ମପୁର ଅନନ୍ତନଗରରେ ଗୋଟିଏ ୩ ମହଲା ଓ ଗୋଟିଏ ୨ ମହଲା କୋଠା ରହିଛି। ଠିକ୍ ସେହିପରି ଜୟନ୍ତୀପୁରରେ ୨ଟି ୨ ମହଲା କୋଠା ଥିବା ବେଳେ ୪ଟି ଦୋକାନ ଘର ରହିଛି। ଏହାଛଡ଼ା ବ୍ରହ୍ମପୁରରେ ୭ଟି ଦୋକାନ ଘର ଥିବା ଗୋଟିଏ ମାର୍କେଟ କଂପ୍ଲେକ୍ସ ଠାବ ହୋଇଥିବା ଭିଜିଲାନ୍ସ ଦର୍ଶାଇଛି।ଭିଜିଲାନ୍ସ ଆହୁରି ଦର୍ଶାଇଛି, ଖେଳ ସାରଙ୍କଠାରୁ ନଗଦ ୩ ଲକ୍ଷ ୮୫ ହଜାର ଟଙ୍କା ଓ ୭୨୧ ଗ୍ରାମ ସୁନା ଗହଣା ଠାବ ହୋଇଛି। ଗୋଟିଏ କ୍ରେଟା ଓ ଗୋଟିଏ ସାଣ୍ଟ୍ରୋ କାର, ୨ଟି ବାଇକ୍ ଠାବ ହୋଇଛି। ଜୟନ୍ତୀପୁରରେ ଥିବା ଗୋଦାମରୁ ୨ଶହ ବସ୍ତା ଗୁଡ଼, ୫୦୦ ବସ୍ତା ଚିନି ଠାବ ହୋଇଛି। ମିଳିଥିବା ସମସ୍ତ ସଂପତ୍ତିର ମୂଲ୍ୟ ୪.୬୭ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍‌ରେ ସ୍ପେଶାଲ ଏଜୁକେଟର ନିଯୁକ୍ତି ପ୍ରସଙ୍ଗ

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରୁନାହାନ୍ତି ରାଜ୍ୟ ସରକାର




**ଭୁବନେଶ୍ୱର :** ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍‌ରେ ସ୍ପେଶାଲ ଏଜୁକେଟର ନିଯୁକ୍ତି ଦେବାକୁ ଗତବର୍ଷ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମକୋର୍ଟ। ହେଲେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିନାହାନ୍ତି। ସ୍ପେଶାଲ ଏଜୁକେଟର ନିଯୁକ୍ତି ଦେଇନଥିବାରୁ ସାଧାରଣ ପିଲାଙ୍କ ସହିତ ବସି ଦିବ୍ୟାଙ୍ଗମାନେ ପାଠ ପଢୁଛନ୍ତି। ସେପଟେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାଇବା ପାଇଁ ତାଲିମ ନେଇ ବସିଥିବା ୪ ହଜାରରୁ ଅଧିକ ଆଶାୟୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଲେଣି। ରାଜ୍ୟରେ ୬୪ ହଜାର ସ୍କୁଲ୍‌ରେ ପ୍ରାୟ ୮୨ ହଜାର ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପଢୁଛନ୍ତି। ହେଲେ ସେମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟାକ ସ୍ପେଶାଲ ଏଜୁକେଟର ନିଯୁକ୍ତି ପାଇନାହାନ୍ତି। ସାଧାରଣ ପିଲାଙ୍କ ସହିତ ଗୋଟିଏ କ୍ଲାସ୍‌ରେ ବସି ପାଠ ପଢୁଛନ୍ତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ। ଯାହାଫଳରେ ସେମାନଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ଏଥିସହ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ। ଯାହାକୁ ନେଇ ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଗତବର୍ଷ ଅକ୍ଟୋବର ମାସରେ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଥିଲେ। ୬ ମାସ ଭିତରେ ସ୍କୁଲ୍‌ରେ ସ୍ପେଶାଲ ଏଜୁକେଟର ନିଯୁକ୍ତି ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଯାଇ ବିହାର, ଗୁଜୁରାଟ, ଦିଲ୍ଲୀ, ରାଜସ୍ଥାନ, ଝାଡଖଣ୍ଡ ଓ ତ୍ରିପୁରା ଭଳି ରାଜ୍ୟ ସରକାର ସ୍କୁଲ୍‌ରେ ସ୍ପେଶାଲ ଏଜୁକେଟର ନିଯୁକ୍ତି ଦେଇଥିଲେ। ହେଲେ ଓଡ଼ିଶା ସମେତ ଆଉ କିଛି ରାଜ୍ୟ କୋର୍ଟଙ୍କ ନିର୍ଦ୍ଦେଶର ଅନୁପାଳନ କରିନାହାନ୍ତି। ସ୍ପେଶାଲ ଏଜୁକେଟର ନିଯୁକ୍ତି ନେଇ ସବୁ ରାଜ୍ୟ କି ପଦକ୍ଷେପ ନେଇଛନ୍ତି, ସେ ସମ୍ପର୍କରେ ଜଣାଇବା ପାଇଁ କହିଥିଲେ ସର୍ବୋଚ୍ଚ କୋର୍ଟ। ଯାହାର ପରବର୍ତ୍ତି ଶୁଣାଣି ଆସନ୍ତା ୧୭ ତାରିଖରେ ହେବ। ଅନ୍ୟପକ୍ଷରେ ଚାକିରି ମିଳୁନଥିବାରୁ ବେକାର ହୋଇ ବସିଛନ୍ତି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ସ୍ୱତନ୍ତ୍ର ତାଲିମ ନେଇଥିବା ପ୍ରାୟ ୪ ହଜାର ଆଶାୟୀ। ହତାଶ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ଲାଗି ସଜବାଜ ଆରମ୍ଭ କରିଛନ୍ତି। ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉପରେ ବିଚାର କରାଯାଉଛି। ନିୟମ କହୁଛି, ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀରେ ୧୦ ପିଲାରେ ଜଣେ ସ୍ୱତନ୍ତ୍ର ଶିକ୍ଷକ ରହିବେ। ଟିଚିଂ, ଲର୍ଣ୍ଣିଂ ପାଇଁ ଆବଶ୍ୟକ ହେଉଥିବା ମାଟେରିଆଲ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଗାଇବ। ଘରୋଇ ସ୍କୁଲ୍‌ରେ ସ୍ପେଶାଲ ଏଜୁକେଟର ନଥିଲେ, ସରକାରୀ ସ୍ୱୀକୃତି ମିଳିବ ନାହିଁ। ଏତେସବୁ ନିୟମସତ୍ତ୍ୱେ ମଧ ଦିବ୍ୟାଙ୍ଗ ପିଲାଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରାଯାଉଛି।

# ୨୨୫୩ କୋଟି ଟଙ୍କାର ୧୧ ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରୀ



**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ୨୨୫୩ .୧୫କୋଟି ଟଙ୍କାର ୧୧ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ମୋଟ ୫୧୬୨ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି। ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଡିଜିଟାଲ ମୋଡରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ମୋଟ ୧୧ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏସବୁ ପ୍ରକଳ୍ପଗୁଡ଼ିକୁ ନୀତିଗତ ଅନୁମୋଦନ ଦେଇ ସେସବୁର କ୍ଷେତ୍ରସ୍ତରେ କାର୍ଯ୍ୟାନ୍ୱୟନ ଉପରେ ଶ୍ରୀ ମହାପାତ୍ର ଗୁରୁତ୍ୱ ଦେଇଛନ୍ତି। ଯେଉଁ ସବୁ ପ୍ରକଳ୍ପକୁ ଆଜି ବୈଠକରେ ଅନୁମୋଦନ ମିଳିଛି ସେଥିରେ ଫିଡର୍ସ ଇଲେକ୍ଟ୍ରିକ୍ ଆଣ୍ଡ ଇଞ୍ଜିନିୟରିଂ ଲିଃ କମ୍ପାନୀ ୫୩୩.୨୫କୋଟି ଟଙ୍କା ବ୍ୟୟରେ ସୁନ୍ଦରଗଡ଼ରେ ଲୁହାପଥର ବେନିଫିକେସନ୍ କାରଖାନା ସ୍ଥାପନ କରିବ ଓ ଏଥିରେ ୧୦୨୯ଜଣଙ୍କୁ ନିଯୁକ୍ତି ସୁଯୋଗ ଦେବ। ସେହିପରି ଏନଭିରୋକେୟାର ଇନଫ୍ରାସଲ୍ୟୁସନ୍ ୫୨୦କୋଟି ଟଙ୍କା ବ୍ୟୟରେ ସୁନ୍ଦରଗଡ଼ରେ ପେଲେଟ୍ ୱିଥ ବେନିଫିକେସନ୍ ପ୍ଲାଣ୍ଟ୍ ଓ ଫେରୋଆଲୋଏ କାରଖାନା ସ୍ଥାପନ କରିବ ଏଥିରେ ୬୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଆର୍ଯ୍ୟ ଆଇରନ ଆଣ୍ଡ ଷ୍ଟିଲ୍ କମ୍ପାନୀ ୧୭୫.୭୫କୋଟି ଟଙ୍କା ବ୍ୟୟରେ କେନ୍ଦୁଝରରେ ବିଲେଟ୍ ବା କଲର କୋଟେଡ୍ ଟିଏମଟି କାରଖାନା ସ୍ଥାପନ କରିବ। ଏଥିରେ ୬୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସିଏମଆର ଇକୋ ଆଲୁମିନିୟମ କମ୍ପାନୀ ସମ୍ବଲପୁରରେ ୧୦୧ କୋଟି ଟଙ୍କା ବ୍ୟୟରେ ଲିକ୍ୟୁଇଡ୍ ଆଲୁମିନିୟମ ଆଲେଏଜ୍ କାରଖାନା ସ୍ଥାପନ କରିବ ଓ ୨୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେବ। ସେହିପରି ଆଦାନୀ ଏଣ୍ଟରପ୍ରାଇଜେସ୍ ଖୋର୍ଦ୍ଧାରେ ୫୦୦କୋଟି ଟଙ୍କା ବ୍ୟୟରେ କ୍ଲାଉଡ୍ ହୋଷ୍ଟିଙ୍ଗ୍ ସର୍ଭିସ ସୁବିଧାଯୁକ୍ତ ଡାଟା ସେଣ୍ଟର ସ୍ଥାପନ କରିବ ଓ ୨୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ପୁଷ୍ପମ ଟେକ୍ନୋଲୋଜି ଖୋର୍ଦ୍ଧାରେ ୫୦କୋଟି ଟଙ୍କା ବ୍ୟୟରେ ସଫ୍ଟୱେୟାର ଡେଭଲପମେଂଟ ଫାର୍ମ ସ୍ଥାପନ କରିବ ଓ ଏଥିରେ ୨୫୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ରାଜ୍ ରାଜେଶ୍ୱର ଲଲିଥା ଗଞ୍ଜାମରେ ୧୫୦କୋଟି ଟଙ୍କା ବ୍ୟୟରେ ହାଇଗ୍ରେଡ୍ ଟିଟାନିୟମ ସ୍ଲାଗ କାରଖାନା ନିର୍ମାଣ କରିବ ଓ ଏଥିରେ ୪୦୦ଜଣଙ୍କୁ ଅତିରିକ୍ତ ନିଯୁକ୍ତି ମିଳିବ। ଭାରତ ଗ୍ୟାସ ରିସୋର୍ସେସ ଲିଃ ଯାଜପୁର ଓ କେନ୍ଦୁଝରରେ ପ୍ରାକୃତିକ ଗ୍ୟାସ ରେଗୁଲେଟିଂ ସିଷ୍ଟମ ୟୁନିଟ୍ ପାଇଁ ୫୦ କୋଟି ଟଙ୍କା ବ୍ୟୟ କରିବ ଓ ୧୧ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଅମ୍ରିତଧାରା ନ୍ୟୁଟିଫୁଡ୍ କଟକରେ ୫୯.୪୮କୋଟି ଟଙ୍କା ବ୍ୟୟରେ ଡାଇରୀ ପ୍ରଡକ୍ଟସ୍ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ ଓ ଏଥିରେ ୧୫୨ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାତକ ଜୀବନ ପେଟ୍ରୋକେମିକାଲସ୍ ଢେଙ୍କାନାଳରେ ୬୧.୩୦ କୋଟି ଟଙ୍କା ବ୍ୟୟରେ ଶସ୍ୟଭିତ୍ତିକ ଇଥାନଲ ପ୍ଲାଣ୍ଟ ନିର୍ମାଣ କରିବ ଓ ଏଥିରେ ୬୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ବୈଠକରୁ ଜଣାପଡ଼ିଛି। ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।








# ସାତକୋଶିଆ ଗଣ୍ଡକୁ ମିଳିଲା 'ରାମସର' ସାଇଟ୍ ମାନ୍ୟତା



**ଭୁବନେଶ୍ୱର :** ସାତକୋଶିଆ ଗଣ୍ଡକୁ ମିଳିଲା 'ରାମସର' ସାଇଟ୍ ମାନ୍ୟତା। ବିଶ୍ୱର ଆର୍ଦ୍ରଭୂମିକୁ ସୁରକ୍ଷିତ ରଖିବା ହେଉଛି 'ରାମସର' ସାଇଟ୍ ଘୋଷଣାର ଉଦ୍ଦେଶ୍ୟ। ଆନ୍ତର୍ଜାତୀୟ ସ୍ତରରେ ଏହା ଏକ ବଡ଼ ପଦକ୍ଷେପ ହୋଇଥିବାବେଳେ ଆର୍ଦ୍ରଭୂମିର ଗୁରୁତ୍ୱକୁ ଦୃଷ୍ଟିରେ ରଖି ୟୁନେସ୍କୋ ଏହି ମାନ୍ୟତା ପ୍ରଦାନ କରିଥାଏ। 'ରାମସର' ଘୋଷଣା ପରେ ଉକ୍ତ ସ୍ଥାନର ସୁରକ୍ଷା ପ୍ରତି ମଧ ବିଶେଷ ଧ୍ୟାନ ଦିଆଯାଇଥାଏ। ସାତକୋଶିଆ ଗଣ୍ଡକୁ 'ରାମସର' ସାଇଟ୍ ମାନ୍ୟତା ମିଳିବା ପରେ ଏହାକୁ ନେଇ ଜିଲ୍ଲାବାସୀଙ୍କ ମଧରେ ଦେଖାଦେଇଛି ପ୍ରବଳ ଉତ୍ସାହ। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏପରି ଘୋଷଣା କରାଯିବା ପରେ ଏହାକୁ ନେଇ ଜିଲ୍ଲାବାସୀ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଦେଶର ମୋଟ୍ ୧୦ଟି ଆର୍ଦ୍ରଭୂମିକୁ ଏହି ମାନ୍ୟତା ଦିଆଯାଇଥିବା ବେଳେ ଓଡ଼ିଶାର ସାତକୋଶିଆ ଗଣ୍ଡ ଏହି ତାଲିକାରେ ସାମିଲ ହୋଇଛି। ଏଯାବତ ସମଗ୍ର ଭାରତରେ ୬୪ଟି ଅଞ୍ଚଳ 'ରାମସର' ସାଇଟ ମାନ୍ୟତା ପାଇସାରିଛି। ପୂର୍ବରୁ ଓଡ଼ିଶାର ଚିଲିକା ଏବଂ ଭିତରକନିକା ଅଞ୍ଚଳକୁ ଏହି ମାନ୍ୟତା ମିଳିଥିଲା। ତୃତୀୟ ସ୍ଥାନ ଭାବେ ସାତକୋଶିଆକୁ ମିଳିଛି 'ରାମସର' ସାଇଟ୍ର ମାନ୍ୟତ। ସାତକୋଶିଆକୁ 'ରାମସର' ସାଇଟ୍ ମାନ୍ୟତା ମିଳିବା ପରେ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଖୁସିବ୍ୟକ୍ତ କରିଛନ୍ତି। ଏଥିସହ ଗଣ୍ଡର କିଭଳି ସୂଚାରୁ ରୂପେ ପରିଚାଳନା ସହ ସଂରକ୍ଷଣ କରାଯିବ ସେ ନେଇ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ପ୍ରସନ୍ନ ବେହେରା ନାମକ ପରିବେଶବିତ କହିଛନ୍ତି, ସାତକୋଶିଆ ଗଣ୍ଡର ଶୋଭା ଓ ସୌନ୍ଦର୍ଯ୍ୟ ଖୁବ୍ ମନୋହର। ପ୍ରାୟ ୨୨ କିମି ପର୍ଯ୍ୟନ୍ତ ଗଣ୍ଡ ଲମ୍ବିଛି। ୨ ପାର୍ଶ୍ୱରେ ସୁଉଚ୍ଚ ପର୍ବତମାଳା ରହିଛି। ଏଠାରେ ଘଡ଼ିଆଳ କୁମ୍ଭୀର, ମଗର ସମେତ ପ୍ରାୟ ୨୩ ପ୍ରକାର ଜଳଚର ଜୀବ ରହିଛନ୍ତି।


PLOT FOR SALE


MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


# ବରିଷ୍ଠ ସାମ୍ବାଦିକ ଶରତ ପରିଡ଼ା ସମ୍ମାନିତ




**ଅସ୍ତରଙ୍ଗ:** ବାଲେଶ୍ୱର ସିଦ୍ଧି ମଣ୍ଡପ ଠାରେ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପକ୍ଷରୁ ସପ୍ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସମ୍ମିଳନୀରେ ବିଭିନ୍ନ ଜିଲ୍ଲାର ବରିଷ୍ଠ ଯୁବ ସାମ୍ବାଦିକ ମାନେ ଯୋଗଦେଇଥିଲେ। ସାମ୍ବାଦିକ ମାନଙ୍କ ସୁରକ୍ଷା ସମ୍ମାନ ପ୍ରସଙ୍ଗ ଆଲୋଚନା କରାଯାଇଥିବା ବେଳେ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରୁଥିବା ବେଳେ ଆଗାମୀ ଦିନରେ ଏହି ପ୍ରସଙ୍ଗ କୁ ଗୁରୁତ୍ୱ ଦେଇ ଆନ୍ଦୋଳନ ମୂଳକ ପ୍ରଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। କାକଟପୁର ଅସ୍ତରଙ୍ଗର ଯୁବ ଦକ୍ଷ ସାମ୍ବାଦିକ ଶରତ ପରିଡ଼ା, ରାଜ୍ୟ କୋଷାଧ୍ୟକ୍ଷ ପ୍ରମୋଦ କିଶୋର ପରିଡ଼ାଙ୍କୁ ପୂର୍ବତନ ସାଂସଦ ଡାକ୍ତର ପ୍ରସନ୍ନ ପାଟଶାଣୀ ମାନପତ୍ର, ଉପଢୌକନ ଦେଇ ସମ୍ମାନୀତ କରିଥିଲେ। ଏହି ସମ୍ମିଳନୀରେ ବାଲେଶ୍ୱର ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସଦର ବିଧାୟକ ସ୍ୱରୁପ କୁମାର ଦାସ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ, ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ସୁଜ୍ଞାନ ଚୌଧୁରୀ, ବାଲେଶ୍ୱର ଜିଲ୍ଲା ସଭାପତି ଉଜ୍ଜ୍ୱଳ ଚନ୍ଦ୍ର କର ପ୍ରମୁଖ ଯୋଗଦେଇଥିଲେ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**